সম্পূর্ণ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.266 Bhubaneswar Sunday, December 12, 2021 | ୨୪ତମ ବର୍ଷ ସଂଖ୍ୟା-୨୬୬ ଭୁବନେଶ୍ୱର, ରବିବାର, ଡିସେମ୍ବର ୧୨, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## କଶ୍ମୀର ପଣ୍ଡିତଙ୍କୁ କ୍ଷମା ମାଗିଲେ ଫାରୁକ୍ ଅବଦୁଲ୍ଲା



ଜମ୍ମୁ, ୧୧।୧୨ : କଶ୍ମୀର ପଣ୍ଡିତମାନଙ୍କୁ କ୍ଷମା ମାଗିଛନ୍ତି ଜମ୍ମୁ ଓ କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲା। ୧୯୯୦ ମସିହାରେ କଶ୍ମୀର ପଣ୍ଡିତମାନଙ୍କୁ ହତ୍ୟା କରାଯାଉଥିବା ବେଳେ ସେମାନଙ୍କୁ ସୁରକ୍ଷା ଦିଆଯାଇ ପାରି ନଥିବାରୁ ସେ ଆଜି କ୍ଷମା ମାଗିଛନ୍ତି। ନ୍ୟାଶନାଲ କନଫରେନ୍ସ (ଏନ୍ ?ସି)ର ସଂଖ୍ୟାଲଘୁ ସେଲ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଫାରୁକ୍ କ୍ଷମା ପ୍ରାର୍ଥନା କରିଛନ୍ତି। ସେ କହିଛନ୍ତି, ଏନ୍ ?ସି କ୍ଷମତାରେ ଥିବା ବେଳେ କଶ୍ମୀର ପଣ୍ଡିତମାନଙ୍କୁ ଉପତ୍ୟାକାକୁ ଫେରାଇ ଆଣିବା ପାଇଁ ପ୍ରୟାସ କାରାଯାଇଥିଲା। କିନ୍ତୁ କିଛି ଗୋଷ୍ଠୀ ଏହି ପ୍ରକ୍ରିୟାରେ ବାଧା ସୃଷ୍ଟି କରି ପଣ୍ଡିତମାନଙ୍କୁ ହତ୍ୟା କରିଥିଲେ। ଦେଶାନ୍ତର ପରେ କଶ୍ମୀର ପଣ୍ଡିତମାନେ ଅକଥନୀୟ ନିର୍ଯାତନାର ଶିକାର ହୋଇଛନ୍ତି। ସେମାନଙ୍କ ଦୁଃଖ ଓ ଯନ୍ତ୍ରଣାକୁ ବର୍ଣ୍ଣନା କରି ହେବ ନାହିଁ।ଫାରୁକ କହିଛନ୍ତି, କିଛି ଶକ୍ତି କଶ୍ମୀର ପଣ୍ଡିତ ଓ ମୁସଲମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରି ସେମାନଙ୍କୁ ଭାଗ ଭାଗ କରିବା ପାଇଁ ଲାଗିଛନ୍ତି। ଏ କାମ ମୁସଲମାନର ନୁହେଁ, ବରଂ ନିଜ ସ୍ୱାର୍ଥ ପାଇଁ ଚିନ୍ତା କରୁଥିବା ବ୍ୟକ୍ତି କରୁଛନ୍ତି। ସେମାନେ ଭାବୁଛନ୍ତି, ପଣ୍ଡିତମାନଙ୍କୁ ବିତାଡିତ କରିଦେଲେ କଶ୍ମୀର ସେମାନଙ୍କର ହୋଇଯିବ। ସେମାନଙ୍କ ଉଦ୍ୟମ ଯେପରି ସଫଳ ହେବନି, ସେଥିପାଇଁ ମୁଁ ଆଶ୍ୱସନା ଦେଉଛି।'ଯେଉଁମାନେ କଶ୍ମୀର ପଣ୍ଡତମାନଙ୍କୁ ଆଶ୍ରୟ ଦେଇଛନ୍ତି ମୁଁ ସେମାନଙ୍କୁ ଧନ୍ୟବାଦ ଦେଉଛି। ଆମ ସମସ୍ତଙ୍କୁ ମନ ସଫା କରିବାକୁ ପଡିବ। ଜମ୍ମୁ ଓ କଶ୍ମୀରକୁ ବଞ୍ଚାଇବାକୁ ପଡିବ। ରାଜନୈତିକ ଫାଇଦା ପାଇଁ ଆମକୁ ଯେମିତି କେହି ବ୍ୟବହାର କରିପାରିବେ ନାହିଁ, ସେଥିପାଇଁ ସତର୍କ ହେବା ଉଚିତ୍ ?' ବୋଲି ଫାରୁକ୍ କହିଛନ୍ତି। ଏହା ସହିତ ଏହି କାର୍ଯ୍ୟକ୍ରମରେ ଫାରୁକ ଅବଦୁଲ୍ଲା ବିଜେପିକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ବିଜେପି କଶ୍ମୀର ପଣ୍ଡିତମାନଙ୍କୁ ଭୋଟ୍ ବ୍ୟାଙ୍କ ଭାବେ ବ୍ୟବହାର କରୁଛି। ସେମାନଙ୍କ ପାଇଁ ଦଳ କିଛି କରି ନାହିଁ।

## ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ମିଳିବ ଆଉ ୪ ମାସ ମାଗଣା ଚାଉଳ

ଭୁବନେଶ୍ୱର, ୧୧।୧୨(ପି.ଏନ): ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ଆଉ ୪ ମାସ ମାଗଣା ଚାଉଳ ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କାର୍ଯାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ, ଏହି ଯୋଜନାର ପ୍ରତ୍ୟେକ ହିତାଧିକାରୀ ଚଳିତ ଡିସେମ୍ବର ମାସରୁ ୨୦୨୨ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରତିମାସ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ପାଇବେ। ଏଥିପାଇଁ ରାଜ୍ୟ ସରକାର ମୋଟ ୧୮,୩୧୦.୬୪୦ ଟନ୍ ଚାଉଳ ଦେବେ। ପ୍ରତି ମାସରେ ୪୫୭୮ ଟନ୍ ଚାଉଳ ଯୋଗାଇ ଦିଆଯିବ। ଏଥିପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୬୮.୧୩ କୋଟି ଟଙ୍କା ଅଧିକ ଖର୍ଚ୍ଚ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ସିଏଜି ରିପୋର୍ଟରେ ସରକାରଙ୍କ ବିଫଳତା : ମନ୍ଦିରର କୋଟି କୋଟି ଟଙ୍କା ଆତ୍ମସାତ କରିଛି ବିଜେଡି ସରକାର : ବିଜେପି

ଭୁବନେଶ୍ୱର, ୧୧।୧୨(ପି.ଏନ): ସରକାର ହିନ୍ଦୁ ଦେବାଦେବୀ ମନ୍ଦିରର ପରିଚାଳନାରେ ଘୋର ଅନିୟମିତତା କରୁଛନ୍ତି। ସିଏଜି ରିପୋର୍ଟରେ ସରକାରଙ୍କ ବିଫଳତା ସାମ୍ନାକୁ ଆସିଛି ବୋଲି ରାଜ୍ୟ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି।ସରକାର ଜାଣିଶୁଣି ୧୨ଟି ଗୁରୁତ୍ୱପୂର୍ଣ୍ଣ ମନ୍ଦିର ଯଥା ଲିଙ୍ଗରାଜ, ସମଲେଶ୍ୱରୀ, କଟକ ଚଣ୍ଡୀ, ଆଖଣ୍ଡଳମଣି, ସାରଳା, ମା ମଙ୍ଗଳା ଆଦି ମନ୍ଦିରରେ ଟ୍ରଷ୍ଟ୍ ବୋର୍ଡ ବନାଉନାହାଁନ୍ତି। କଲେକ୍ଟର ତହସିଲଦାର ମାନେ ମନମୁଖୀ କାମ କରୁଛନ୍ତି। କୌଣସି ମନ୍ଦିରରେ କ୍ୟାସ୍ ବୁକ୍, ବାର୍ଷିକ ଆକାଂଉଟ୍ ଓ ଆୟ ଖର୍ଚ୍ଚ ବନାଯାଉନାହିଁ। କେତେ ପଇସା ଆୟ ଓ କେତେ ବ୍ୟୟ ହେଲା ତାର ହିସାବ ନାହିଁ । ଦେବାଦେବୀଙ୍କ ଅଳଙ୍କାରର ମଧ୍ୟ ହିସାବ ନାହିଁ। ଆଖଣ୍ଡଳମଣି ମନ୍ଦିରର ୮କେଜି ସୁନା ଟ୍ରେଜେରୀରେ ଅଛି ବୋଲି କୁହାଯାଉଛି ହେଲେ ଚାବି ମିଳୁନାହିଁ। ରତ୍ନଭଣ୍ଡାର ଭଳି ଏଠି ବି କେଲେଙ୍କାରୀ ହେଉଛି ବୋଲି ଡ. ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଲିଙ୍ଗରାଜ ମନ୍ଦିର ଜମି ଭୁବନେଶ୍ୱର ବାହାରେ କେତେ ଅଛି ସେଇଟାବି କର୍ତ୍ତୁପକ୍ଷଙ୍କୁ ଅଜଣା। ଢେଙ୍କାନାଳ ଦେବୋତରର ୧୦୦୦ହଜାର ଏକର ଲୋକେ ମାଡିବସିଥିବା ବେଳେ ସରକାର କିଛି ପଦକ୍ଷେପ ନେଉନାହାଁନ୍ତି। ଜଗନ୍ନାଥ ବଲ୍ଲଭରେ ଟ୍ରଷ୍ଟ୍ ବୋର୍ଡ ଗଠନ ନକରି ସରକାର ଚୁପ ଚାପ ଜମି ବିକି ଚାଲିଛନ୍ତି। ଭୁବନେଶ୍ୱର ଗୌତମ ନଗରରେ ୬ଏକର ଲିଙ୍ଗରାଜଙ୍କ ଜମିକୁ ୧୯୯୫ ମସିହାରେ ପ୍ରାଇଭେଟ୍ ଲୋକଙ୍କ ନାଁରେ କରିଦେଇଛନ୍ତି ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ତାର ମୂଲ୍ୟ ୧୦୦ କୋଟିରୁ ଉପରେ। କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ମନ୍ଦିର କର୍ତ୍ତୁପକ୍ଷ ଚଳୁ କରିଦେଇଛନ୍ତି ବୋଲି ସିଏଜି କହିଛନ୍ତି।ଏହାବ୍ୟତୀତ ରାଜ୍ୟ ସରକାର ରାଜସ୍ୱରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି କରିଛନ୍ତି। ଏଥିରେ ୧୫୯୬କୋଟି ଟଙ୍କାର ରାଜସ୍ୱ ହାନୀ ଓ ୧୨୦୦ କୋଟି ଟଙ୍କାର ହିସାବ ସିଏଜିକୁ ଦେଇ ପାରିନାହାଁନ୍ତି। ୩୫୦ କୋଟି ଟଙ୍କା ଇନ୍ଦ୍ରାଣୀ ପଟ୍ଟନାୟକ ଖଣିକୁ ଅର୍ଥନୈତିକ ଲାଭ ଦେଇଛନ୍ତି। ପିଲାଙ୍କ ଖାଦ୍ୟ ଅଙ୍ଗନବାଡିକୁ ନଯାଇ ଦେଢ କୋଟି ଟଙ୍କା ଖାଇଦେଇଛନ୍ତି। କଳାହାଣ୍ଡି ଜିଲ୍ଲାରେ ୪୪ ଏକର ଲୋକଙ୍କ ଜମି କ୍ଷୁଦ୍ର ଜଳସେଚନ ବିଭାଗ ବିନା କ୍ଷତିପୂରଣରେ ନେଇଯାଇଛନ୍ତି ଓ ଲୋକେ ଯେତେ ଗୁହାରି କଲେବି କେହି ଶୁଣୁନାହାଁନ୍ତି ଏସବୁ ଅତ୍ୟନ୍ତ ଚିନ୍ତାଜନକ କଥା ବୋଲି ଡ. ସାମନ୍ତସିଂହାର କହିଛନ୍ତି।ରାଜ୍ୟସରକାରଙ୍କୁ ଦରମା ଓ ପେନସନ୍ ଦେବା ପାଇଁ ଋଣ କରିବାକୁ ପଡୁଛି କିନ୍ତୁ ଯେଉଁ ସମ୍ପତି ସମ୍ପଦ ଆମର ଅଛି ତାକୁ ଦେବାରେ ରାଜ୍ୟ ସରକାର କାହିଁକି ଅବହେଳା କରୁଛନ୍ତି ତାହା ସ୍ପଷ୍ଟ କରନ୍ତୁ। ବିଶେଷ୍ କରି ହିନ୍ଦୁ ଦେବାଦେବୀଙ୍କ ମନ୍ଦିର ସମ୍ପତି ଆୟବ୍ୟୟ ଏସବୁକୁ ଅସମ୍ମାନ କରି ମନ୍ଦିର ମାନଙ୍କୁ ଅବହେଳାର ଶିକାର ହେବା ପାଇଁ ରାଜ୍ୟ ସରକାର ବାଧ କରୁଛନ୍ତି ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଡ. ସାମନ୍ତସିଂହାର କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ମୁଖପାତ୍ର ରମାରଞ୍ଜନ ବଳିୟାରସିଂ ଓ ରାଜେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ୧୪ରେ ସବୁ ଏସପି ଅଫିସ୍ ଘେରିବ କଂଗ୍ରେସ

ଭୁବନେଶ୍ୱର, ୧୧।୧୨(ପି.ଏନ): ମମିତା ମେହେରଙ୍କୁ ନ୍ୟାୟ ଦାବିରେ ଗତକାଲି ବିକ୍ଷୋଭ ପ୍ରଦର୍ଶନ ବେଳେ ଛାତ୍ର କଂଗ୍ରେସ କର୍ମୀମାନଙ୍କୁ ପୋଲିସର ମାଡ଼ ଘଟଣାକୁ ବର୍ବରୋଚିତ ଅତ୍ୟାଚାର ବୋଲି ଆଖ୍ୟା ଦେଇଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। ଏହାର ପ୍ରତିବାଦରେ ଆଗାମୀ ୧୪ ତାରିଖରେ ଦଳ ପକ୍ଷରୁ ରାଜ୍ୟର ସବୁ ଏସପି ଅଫିସ ଘେରାଉ କରାଯିବ ବୋଲି କହିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। ରାଜ୍ୟ କଂଗ୍ରେସ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଏସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଉକ୍ତ ଦିନ ସକାଳ ୯ରୁ ଦିନ ଗୋଟାଏ ପର୍ଯ୍ୟନ୍ତ ଜିଲ୍ଲା କଂଗ୍ରେସ ପକ୍ଷରୁ ସବୁ ଏସପି ଅଫିସ୍ ଆଗରେ ପ୍ରତିବାଦ କରାଯିବ। ଦଳର ସମସ୍ତ ବିଧାୟକ , ସାଂସଦ, ପୂର୍ବତନ ମନ୍ତ୍ରୀ , ଯୁବ ଓ ଛାତ୍ର କଂଗ୍ରେସ ଏବଂ ସେବା ଦଳ ଏଥିରେ ସାମିଲ ହେବେ ବୋଲି ସେ ସୂଚନା ଦେଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି କହିଛନ୍ତି, କଂଗ୍ରେସ ମାଡ଼କୁ ଡରିବ ନାହିଁ । ଏଇଟା ଶେଷ ଆନ୍ଦୋଳନ ନୁହେଁ, ଇଂରେଜ ବନ୍ଧୁକକୁ କଂଗ୍ରେସ ଡରି ନଥିଲା, ତେଣୁ ଆନ୍ଦୋଳନ ଜାରି ରହିବ। କାହା ଅନୁମତିରେ ପୁଲିସ କଂଗ୍ରେସ କାର୍ଯ୍ୟାଳୟ ଭିତରେ ପଶି ବାଡ଼େଇଲା ବୋଲି ସେ ପ୍ରଶ୍ନ କରିଛନ୍ତି।ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ କରିବାକୁ ଦାବି କରିଛି କଂଗ୍ରେସ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଲେ ପୋଲିସ ଗାଡ଼ି ପୋଡ଼ା ଉଦ୍ୟମ ସଂପୂର୍ଣ୍ଣ ମନଗଢ଼ା କାହାଣୀ। ଛାତ୍ର କଂଗ୍ରେସର କାର୍ଯ୍ୟକ୍ରମ ସଭା ସରିବା ପୂର୍ବରୁ ପୋଲିସ ଛାତ୍ର କଂଗ୍ରେସର କର୍ମକର୍ତାମାନଙ୍କୁ ଲାଠି ମାଡ଼ କରିଥିଲା। ମୁଁ ସଭାରେ ଯୋଗଦାନ କହିଥିଲି ଆମର ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଓ ସଂପୂର୍ଣ୍ଣ ଗଣତାନ୍ତ୍ରିକ ପ୍ରକିୟାରେ ଚାଲିବ। ଯଦି ଭିଡ଼ ଅନିୟନ୍ତ୍ରିତ ହେଲା ଆଇନର ବିଭିନ୍ନ ପ୍ରକ୍ରିୟା ଅନୁଯାୟୀ ଭିଡ଼କୁ ବେଆଇନ ଘୋଷଣା କରିଥାନ୍ତେ। ସମସ୍ତେ ସ୍ଥାନ ଛାଡ଼ି ଚାଲିଯିବାକୁ କାନକୁ ଶୁଭିଲା ଭଳିଆ ଡାକବାଜି ଯନ୍ତ୍ରଦ୍ୱାରା ଅନୁରୋଧ କରିଥାନ୍ତେ। ତାପରେ ପାଣି ମାଡ଼ କରାଯାଇଥାନ୍ତା ତାପରେ ଘଉଡ଼ାଇବା ପାଇଁ ଲାଠି ଉଠେଇ ଡରେଇ ଥାନ୍ତେ। ସେଥିରେ ଯଦି ଆନ୍ଦୋଳନକାରୀଙ୍କୁ ଆୟତ କରିପାରି ନଥାନ୍ତେ ତେବେ ଆନ୍ଦୋଳନକାରୀଙ୍କ ଅଂଟାତଳକୁ ମୃଦୁ ଲାଠି ଚାଳନା କରାଯାଇଥାନ୍ତା। କିନ୍ତୁ ଗତକାଲି ବେଆଇନ ଭାବେ ଛାତ୍ର କଂଗ୍ରେସ କାର୍ଯ୍ୟକର୍ତା ଓ ସାଧାରଣ ଜନତାଙ୍କୁ ମଣ୍ଡ ଉପରେ ଲାଠି ମାଡ଼ କରିବା ଦଣ୍ଡନୀୟ ଅପରାଧ। ପୁନଶ୍ଚ ଅପରାଧିକ ମନୋବୃତି ରଖି କଂଗ୍ରେସ ଭବନରେ ଅନୁ ପ୍ରବେଶ କରି ମହିଳା ଏବଂ ଛାତ୍ର କଂଗ୍ରେସ କର୍ମୀଙ୍କୁ ଆକ୍ରମଣ ଓ ଭଙ୍ଗାରୁଜା କରିବା ଗଣତନ୍ତ୍ର ରାଷ୍ଟ୍ରରେ ଲଜ୍ଜାଜନକ ଘଟଣା। ଅଣ୍ଡାମାଡ଼ ଅପରାଧ ନୁହେଁ। କୌଣସି ଛାତ୍ର କଂଗ୍ରେସ କାର୍ଯ୍ୟକର୍ତାଙ୍କୁ ଅଣ୍ଡାମାଡ଼ ଅଭିଯୋଗ ଉପରେ ପୋଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରିବ ନାହିଁ। ବିରେନ ମିତ୍ର ମୁଖ୍ୟମନ୍ତ୍ରୀ ଥିବା ବେଳେ ଛାତ୍ରମାନେ ବିଧାନସଭା କୋଠାକୁ ପୋଡ଼ି ଦେଉଥିଲେ।

## ଯୁବପିଢିଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ପ୍ରଚେଷ୍ଟାରତ ମୋଦି ସରକାର : ଧର୍ମେନ୍ଦ୍ର ପ୍ରଧାନ



ଅଯୋଧ୍ୟା, ୧୧।୧୨ : ଆଜିର ଯୁବପିଢି ଏକବିଂଶ ଶତାବ୍ଦୀରେ ରୋଜଗାର, ଆର୍ଥିକ ପ୍ରଗତି, ସମାନତା, ଦାରିଦ୍ର୍ୟରୁ ମୁକ୍ତି ଏବଂ ନିଜର ଆଶା ଓ ଆକାଂକ୍ଷାକୁ ପୂରଣ କରିବାକୁ ଚାହୁଁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂଗୃହ ମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ଉତପପ୍ରଦେଶରେ ବିଜେପି ସରକାର ଯୁବପିଢିଙ୍କ ଅପେକ୍ଷାକ ସାକାର କରିବା ପାଇଁ ପ୍ରଚେଷ୍ଟାରତ ଅଛନ୍ତି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀଧର୍ମେନ୍ଦ୍ର ପ୍ରଧାନ । ଶନିବାର ଅଯୋଧ୍ୟା ସ୍ଥିତ ଡା. ରାମମନୋହର ଲୋହିଆ ଅବଧ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଭାରତୀୟଜନତା ଯୁବ ମୋର୍ଚ୍ଚାର "ଯୁବ ଉତ୍ଥାନ" ସମ୍ମିଳନୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ ମ୍ୟାନେଜମେଂଟ, ଆଇନ,ଡାକ୍ତରୀ ବିଜ୍ଞାନ, ଯୁବ ଡାକ୍ତର, ଷ୍ଟାର୍ଟଅପ୍ ପ୍ରତିଷ୍ଠାତା ତଥା ଯୁବ ଉଦ୍ୟୋଗୀ ମାନଙ୍କ ସହିତ ଆଲୋଚନା କରିଛନ୍ତି।ସେ କହିଛନ୍ତି ଯେ କରୋନା ସମୟରେ ସମଗ୍ର ବିଶ୍ୱ ଭାରତର ଯୁବଶକ୍ତିର ଦକ୍ଷତା, କ୍ଷମତା ଏବଂ ଶକ୍ତିକୁ ଅନୁଭବ କରିଛି। କୋଭିଡ୍ ସମୟରେ ଛାତ୍ରଛାତ୍ରୀ ଏବଂ ଯୁବ ସମୂହଙ୍କ ଶିକ୍ଷା କ୍ଷେତ୍ରରେ ହୋଇଥିବା କ୍ଷତିକୁ ପୂରଣ କରିବା ପାଇଁ ଆରମ୍ଭ ହୋଇଥିବା ଯୁବ ଉତ୍ଥାନ ଏକ ସଶକ୍ତ ମଂଚ ଭାବରେ ଉଭା ହୋଇଛି ।ନିଜର ମାତୃଭାଷାକୁ ଉପେକ୍ଷା କରି କୌଣସି ବି ଶକ୍ତିଶାଳୀ ରାଷ୍ଟ୍ର ମହାଶକ୍ତି ହୋଇପାରିନାହିଁ। ଏକବିଂଶ ଶତାବ୍ଦୀରେଭାରତ ତାଳ ସହ ତାଳ ଦେଇ ବିଶ୍ୱ ସାଥୀରେ ଆଗକୁ ବଢୁଛି ଏବଂ ରାଷ୍ଟ୍ରୀୟ ଶିକ୍ଷା ନୀତିରେ ସ୍ଥାନୀୟ ଭାଷାରେଶିକ୍ଷା ତଥା ଉଚ୍ଚ ଶିକ୍ଷା ମାଧ୍ୟମରେ ସାମାଜିକ ପରିବର୍ତନକୁ ବିଶେଷ ଭାବରେ ଗୁରୁତ୍ୱ ଦିଆଯାଇଛି ବୋଲି ସେକହିଛନ୍ତି ।ଏହି ଯୁବ ଉତ୍ଥାନ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଉପସ୍ଥିତ ଯୁବକ ଯୁବତୀଙ୍କ ସହ ଦେଶରେ ଅର୍ଥବ୍ୟବସ୍ଥା,ବ୍ୟବସାୟ, ଉଚ୍ଚ ଶିକ୍ଷା, ରୋଜଗାର, ଆଧୁନିକୀକରଣ ଏବଂ ସାମଗ୍ରିକ ବିକାଶ ଭଳି ପ୍ରସଙ୍ଗ ଏବଂ କେନ୍ଦ୍ର ଓ ରାଜ୍ୟସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା କରିବା ସହ ରାଷ୍ଟ୍ରୀୟ ଶିକ୍ଷା ନୀତି ତଥା ଅନ୍ୟାନ୍ୟ ବିଷୟ ଉପରେ ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦେଇଥିଲେ।

## କାଗଜ କଲମରେ ଚାଲିଛି ଶିଳ୍ପାୟନ ଓ ନିଯୁକ୍ତି : ଧରାପଡିଲା ମନ୍ତ୍ରୀଙ୍କ ଚାଲାକି




ଭୁବନେଶ୍ୱର, ୧୧।୧୨(ପି.ଏନ): ରାଜ୍ୟରେ ଶିଳ୍ପାୟନ ପାଇଁ ସିଙ୍ଗଲଓ୍ୱିଣ୍ଡୋ ସିଷ୍ଟମ ଓ ଅନ୍ୟାନ୍ୟ ଅନୁକୂଳ ସୁବିଧାସୁଯୋଗ ଦିଆଯାଉଛି ବୋଲି କ୍ଷମତାସୀନ ବିଜେଡି ସରକାର ଡିଣ୍ଡିମ ପିଟୁଥିଲେ ମଧ୍ୟ ତାହା କେବଳ କାଗଜକଲମ ମଧ୍ୟରେ ସୀମିତ ରହିଛି। ରାଜ୍ୟରେ କୋଟି କୋଟି ଟଙ୍କାର ଶିଳ୍ପାୟନ ଓ ପୁଞ୍ଜିନିବେଶ ମାଧ୍ୟମରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଥିବା ନେଇ ସରକାର କହୁଥିବାବେଳେ ବିଧାନସଭାରେ ଶିଳ୍ପ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଦେଇଥିବା ତଥ୍ୟ ହିଁ ରାଜ୍ୟ ସରକାରଙ୍କ ଅସଲ ଚିତ୍ରକୁ ପଦାରେ ପକାଇ ଦେଇଛି। ରାଜ୍ୟରେ ୯୨ ଶିଳ୍ପ ସଂସ୍ଥା ବୃହତ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଏମ୍ ?ଓୟୁ ସ୍ୱାକ୍ଷର ହୋଇଥିବା ବେଳେ ସେମାନେ କେତେ ସଂଖ୍ୟକ ନିଯୁକ୍ତି ସୃଷ୍ଟି କରିବେ, ତାକୁ ନେଇ ଶିଳ୍ପ ମନ୍ତ୍ରୀ ବିଧାନସଭାରେ ଦେଇଥିବା ଉତ୍ତର ସାଧାରଣରେ ସନ୍ଦେହ ସୃଷ୍ଟି କରିଛି ।ରାଜ୍ୟ ବିଧାନସଭାରେ ଶିଳ୍ପ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ରଖିଥିବା ଲିଖିତ ଉତ୍ତର ଅନୁସାରେ , ବୃହତ୍ ଶିଳ୍ପ ପ୍ରକଳ୍ପ ରାଜ୍ୟରେ ୫.୬୮ଲକ୍ଷ କୋଟି ଟଙ୍କା ନିବେଶ କରିବେ ଓ ପ୍ରାୟ ୧.୬୭ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ରାଜ୍ୟ ସରକାରଙ୍କ ସହ ଏମଓୟୁ ସ୍ୱାକ୍ଷର କରିଛନ୍ତି। ବିଶେଷକରି ଷ୍ଟିଲ ଆଣ୍ଡ ପେଲେଟାଇଜେସନ୍ କ୍ଷେତ୍ରରେ ୨ଲକ୍ଷ ୫୮ହଜାର ୬୭୩କୋଟି ଟଙ୍କା ବ୍ୟୟରେ ୫୦ଟି ପ୍ରକଳ୍ପ ସ୍ଥାପନ ହେବ, ଯାହା ମାଧ୍ୟମରେ ରାଜ୍ୟରେ ୧ଲକ୍ଷ ୨୨ହଜାର ୩୫୪ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ ।ତେବେ ଏମଓୟୁ ସ୍ୱାକ୍ଷର ହୋଇଥିବା ୫୦ଟି ପ୍ରକଳ୍ପ ମଧ୍ୟରୁ ଏବେସୁଦ୍ଧା ୩୬ଟି ପ୍ରକଳ୍ପ ଆଂଶିକ ବା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ଏହି ମୋଟ ୫୦ଟି ପ୍ରକଳ୍ପ ମଧ୍ୟରୁ ୩୬ଟି ପ୍ରକଳ୍ପରେ ମୋଟ ୧ଲକ୍ଷ ୧୩ହଜାର୨୮୨କୋଟି ଟଙ୍କା ନିବେଶ ହୋଇଥିବାବେଳେ ୧ଲକ୍ଷ ୨୨ହଜାର ୮୪ଜଣଙ୍କୁ ନିଯୁକ୍ତି ସୁଯୋଗ ଦିଆଯାଇଛି। ଅର୍ଥାତ୍ ମନ୍ତ୍ରୀ ଶ୍ରୀ ମିଶ୍ର ପରୋକ୍ଷରେ କହିଛନ୍ତି ଯେ ବାକି ଥିବା ୧୪ଟି ପ୍ରକଳ୍ପରେ ୧.୪୫ ଲକ୍ଷକୋଟି ଟଙ୍କାର ପୁଞ୍ଜିନିବେଶ ବାକି ଥିବାବେଳେ ମାତ୍ର ୨୭୦ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମନ୍ତ୍ରୀଙ୍କ ଏଭଳି ଉତ୍ତର ହିଁ ସରକାରଙ୍କ ଆଭିମୁଖ୍ୟକୁ ପଦାରେ ପକାଇଥିବାବେଳେ ନିଯୁକ୍ତି ଓ ପୁଞ୍ଜିନିବେଶ କେବଳ କାଗଜକଲମରେ ଚାଲିଛି ବୋଲି ଚର୍ଚ୍ଚା ହେଉଛି ।ମନ୍ତ୍ରୀ ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଯେ, ୯୨ଟି ବୃହତ୍ ଶିଳ୍ପ ସଂସ୍ଥା ୫.୬୮ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ ମଧ୍ୟ ଏଥିରୁ ୨.୫୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ୪୭ଟି ପ୍ରକଳ୍ପ ଏବେ ଆଂଶିକ ଅବା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛନ୍ତି। ଏହି ୪୭ଟି ପ୍ରକଳ୍ପରେ ମୋଟ ୧.୬୨ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଯଦିଓ ୯୨ଟି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ମୋଟ ୧.୬୮ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମନ୍ତ୍ରୀ ଉତ୍ତର ଦେଇଛନ୍ତି। ଅର୍ଥାତ୍ ବାକି ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ ହେଲେ ଆଉ ମାତ୍ର ୬ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ତେଣୁ ନିଯୁକ୍ତିକୁ ନେଇ ମନ୍ତ୍ରୀ ଦେଇଥିବା ଉତ୍ତର ହିଁ ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି ।ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ,ଏମଓୟୁ କରିଥିବା ୧୪ଟି ବୃହତ୍ ଶିଳ୍ପ ସଂସ୍ଥା ଓଡିଶାରେ ପୁଞ୍ଜିନିବେଶ ନିଷ୍ପତ୍ତିରୁ ଓହରି ଯାଇଛନ୍ତି ଓ ଏଥିଯୋଗୁ ୧.୬୨ଲକ୍ଷ କୋଟି ଟଙ୍କାର ପୁଞ୍ଜି ହାତଛଡା ହୋଇଛି। ଓଡିଶାରେ ପୁଞ୍ଜିନିବେଶ ନିଷ୍ପତ୍ତିରୁ ଓହରି ଯାଇଥିବା ବୃହତ୍ କମ୍ପାନୀ ମଧ୍ୟରେ ପୋସ୍କୋ-ଇଣ୍ଡିଆ, ଆର୍ସେଲର ମିତ୍ତଲ, ମହାରାଷ୍ଟ୍ର ସିମଲେସ୍ , ଷ୍ଟେରଲାଇଟ୍ ଇଣ୍ଡଷ୍ଟ୍ରିଜ, ଭୂଷଣ ଏନର୍ଜି, ଜେଆର ପାୱାରଗ୍ରେନ୍, ଟାଟା ପାୱାର, ଆରତୀ ଷ୍ଟିଲ, ଏସଇଏସସି, ଚମ୍ବଲ ଇନଫ୍ରାଷ୍ଟକଚର ଆଣ୍ଡ ଭେଂଚର, କଳିଙ୍ଗ ଏନର୍ଜି ଆଣ୍ଡ ପାୱାର, ବିଜିଆର ଏନର୍ଜି ସିଷ୍ଟମ, ଆରଏସବି ମେଟାଲିକ୍ ଓ ଲାନକୋ ବାବନ୍ଧ ପାୱାର ସାମିଲ ଅଛନ୍ତି । ସରକାରଙ୍କ ସହ ଏମଓୟୁ କରିଥିବା ସତ୍ତ୍ୱେ ଅନୁକୂଳ ପରିବେଶ ଓ ପ୍ରଶାସନିକ ସହଯୋଗ ନମିଳିବାରୁ ଏହି କମ୍ପାନୀଗୁଡିକ ଓଡିଶା ପ୍ରକଳ୍ପରୁ ଓହରି ଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ବିଜେଡି ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ଶିଳ୍ପ ମନ୍ତ୍ରୀ ଶ୍ରୀ ମିଶ୍ର ବିଧାନସଭାରେ ଏହି ସୂଚନା ଦେଇଛନ୍ତି । ଆଉ ସରକାରଙ୍କ ଅସଲ ମୁଖା ଖୋଲି ଦେଇଛନ୍ତି ।

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ"



୰ଭଗବାନ କର
ଅବସରପ୍ରାପ୍ତ ମ୍ୟାନେଜର, ଓଡ଼ିଶା ଖଣି ନିଗମ
ଆବିର୍ଭାବ: ୦୨.୦୪.୧୯୪୧ / ତିରୋଧାନ: ୦୩.୧୨.୨୦୨୧

ଆପଣଙ୍କ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଆମ୍ଭ ମାନଙ୍କ ମନେ ପଡୁଛି। ଆପଣ ଥିଲେ ଆମ୍ଭ ମାନଙ୍କ ପାଇଁ ପ୍ରେରଣାର ଉତ୍ସ। ଚାହୁଁ ଚାହୁଁ ୧୧ଦିନ ବିତିଗଲା, ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ପରୋପକାରିତା ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିବ।

ଶୋକସନ୍ତପ୍ତ ପରିବାର:
ବଡ଼ ପୁଅ- ସପନ, ମଝିଆଁ ପୁଅ- ଦୀପକ, ପ୍ରଦୀପ, ସାନ ପୁଅ- ଚନ୍ଦନ, ପୁତ୍ରବଧୂ- ଗାୟତ୍ରୀ, ସ୍ୱର୍ଣ୍ଣଲତା, ଭାରତୀ, ଲିପ୍ସା, ନାତି- ଚଗ, ଗୁଡୁ, ଦେବୁ ଓ କାହ୍ନା, ନାତୁଣୀ- ମୁନୁ, ଇଶୁ, ପରିବାରବର୍ଗ, ଆତ୍ମୀୟସ୍ୱଜନ ଏବଂ ଦାନଗଦୀ ଗ୍ରାମବାସୀବୃନ୍ଦ।










# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ୍ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।



ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା । ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଜେନେରାଲ ବିପିନ ରାୱତ , ଅନ୍ୟ ସେନାଧିକାରୀଙ୍କ ନିଧନରେ ରାଜ୍ୟ ବିଜେପିର ଶୋକସଭା

ଭୁବନେଶ୍ୱର: ଦେଶର ପ୍ରଥମ ସିଡିଏସ ଜେନେରାଲ ବିପିନ ରାୱତ, ତାଙ୍କ ଧର୍ମପତ୍ନୀ ଏବଂ ଅନ୍ୟ ୧୧ ଜଣ ସେନାଧିକାରିଙ୍କ ଗତ ୮ ତାରିଖ ବୁଧବାର ଦିନ ତାମିଲନାଡୁ ପ୍ରଦେଶର କନ୍ନୁରଠାରେ ବାୟୁସେନା ହେଲିକେପ୍ଟର ଦୁର୍ଘଟଣାରେ ପ୍ରାଣହାନି ଘଟିଛି । ଏହି ଦୁଃଖଦାୟକ ଘଟଣାରେ ସମଗ୍ର ଦେଶବାସୀ ମର୍ମାହତ । ଏହି ଦୁର୍ଘଟଣାରେ ଓଡିଶାର ତାଳଚେର ନିବାସୀ ଓଡିଆ ପୁଅ ରାଣାପ୍ରତାପ ଦାସ ମଧ୍ୟ ପ୍ରାଣ ହରାଇଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ଦେଶର ପ୍ରଥମ ସେନାଧକ୍ଷ ଭାବେ ଜେନେରାଲ ବିପିନ ରାୱତ ଗତ ୨୦୨୦ ମସିହା ଡିସେମ୍ବର ମାସରେ ଦାୟୀତ୍ୱ ଗ୍ରହଣ କରିବା ପରେ ଏହି ଅଳ୍ପ ସମୟ ଭିତରେ ସେ ନିଜ କାର୍ଯ୍ୟଶୈଳି ଏବଂ ଦକ୍ଷତା ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ୩ ସେନାର ସମନ୍ୱୟ ରକ୍ଷା କରି ବିଦେଶ ତଥା ଉଗ୍ରବାଦ ଶକ୍ତିକୁ ପ୍ରତିହିତ କରିବାରେ ସଫଳ ହୋଇଥିଲେ । ଉରି ଆକ୍ରମଣର ପ୍ରତି ଜବାବରେ ସର୍ଜିକାଲ ଅପରେସନକୁ ସଫଳ ରୂପାୟନ କ୍ଷେତ୍ରରେ ତାଙ୍କ ବିଶେଷ ଅବଦାନ ଥିଲା । ସମଗ୍ର ବିଶ୍ୱରେ ଭାରତକୁ ଏକ ସାମରିକ ଶକ୍ତିପୂର୍ଣ୍ଣ ରାଷ୍ଟ୍ର ଭାବେ ଉଭା କରାଇବାରେ ତାଙ୍କ ଦୃଢ ଇଚ୍ଛାଶକ୍ତି ସହାୟକ ହୋଇଥିଲା । ତାଙ୍କ ବିୟୋଗରେ ଆମେରିକା, ରୁଷିଆ, ଇସ୍ରାଏଲ ଭଳି ଶକ୍ତିଶାଳୀ ରାଷ୍ଟ୍ରମାନେ ମଧ୍ୟ ଶୋକ ବ୍ୟକ୍ତ କରିଛନ୍ତି । ଏଥିରୁ ଜେନେରାଲଙ୍କ ଲୋକପ୍ରିୟତା ସାଧାରଣରେ ଅନୁମେୟ ହେଉଛି ବୋଲି ଆଜିର ଶୋକସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ । ଅବସରପ୍ରାପ୍ତ ସେନାଧିକାରୀ କର୍ଣ୍ଣେଲ ବିରେନ୍ଦ୍ର ବସ୍ତିଆଙ୍କ ପୌରାହିତ୍ୱରେ ଅନୁଷ୍ଠିତ ଶୋକସଭାରେ ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗଦେଇଥିଲୋ

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଭାରତର ରୋଗ ହାରରେ ସୁଧାର ପାଇଁ ଓଡ଼ିଶା ସରକାର ଓ ଶିଳ୍ପପତିଙ୍କୁ ଆହ୍ୱାନ



ଭୁବନେଶ୍ୱର (ପିଏନ୍): ଓଡ଼ିଶାର ସରକାରୀ ଅଧିକାରୀ, ଚିକିତ୍ସାବିତ୍, ଶିଳ୍ପୋଦ୍ୟୋଗୀମାନେ ନିରାମୟ ସୁସ୍ଥତା ସକାଶେ ବର୍ତ୍ତମାନର ଆବଶ୍ୟକତାକୁ ଉପଲବ୍ଧି କରି ଏହାର ନିରାକରଣ ସକାଶେ ଆଗେଇ ଆସିବା ଉଚିତ। ଭାରତ ବର୍ତ୍ତମାନ ମହାମାରୀ ଅବସ୍ଥାରୁ ମୁକୁଳିବାକୁ ସଂଗ୍ରାମ କରୁଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ଏକ ପ୍ରମୁଖ ପ୍ରସଙ୍ଗ ହୋଇ ରହିଛି। ଖାଦ୍ୟ ସମ୍ପର୍କିତ ଅଣସଂକ୍ରାମକ ରୋଗର ପ୍ରାଦୁର୍ଭାବ ଯେପରି ବୃଦ୍ଧି ପାଇଚାଲିଚି ତାହା ଅକଳ୍ପନୀୟ। ଭାରତରେ ରୋଗର ଭାର ହ୍ରାସ କରିବାପାଇଁ ବିବିଧ-ଅଂଶଗ୍ରହଣକାରୀଙ୍କ ପରାମର୍ଶ ଏକାଠି କରିବାକୁ ଏକତ୍ରିତ ହୋଇଥିବା ବିଶେଷଜ୍ଞମାନେ କହିଛନ୍ତି ଯେ ଭାରତର ୨୫ଲକ୍ଷ ଡଲାରର ପ୍ରକ୍ରିୟାକୃତ ଓ ପ୍ୟାକେଜ ଖାଦ୍ୟ ଶିଳ୍ପକୁ ନିୟନ୍ତ୍ରଣ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଫଳରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ରକ୍ଷା ହୋଇପାରିବ। ଏହି ସମସ୍ୟାର ନିରାକରଣ ସକାଶେ ଭାରତ ଏବଂ ଓଡ଼ିଶାରେ ଅଣସଂକ୍ରାମକ ରୋଗକୁ କିପରି କମ୍ କରାଯାଇପାରିବ; ସେ ନେଇ ରୂପାୟନ ଏବଂ ସପ୍ତଶୃଙ୍ଗୀ ବହୁଦେଶୀୟ ମହିଳା ସଂସ୍ଥାର ମିଳିତ ପ୍ରୟାସରେ ଏକ ପରାମର୍ଶଭିତିକ କର୍ମଶାଳା ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି।

ରୂପାୟନର ନିର୍ଦ୍ଦେଶକ ରାଜକିଶୋର ମିଶ୍ରଙ୍କ ସ୍ୱାଗତ ସମ୍ଭାଷଣ ଓ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ ଇଣ୍ଡିଆ-ନ୍ୟୁଟ୍ରିସନ୍ ଫାଷ୍ଟ୍‌ର ପ୍ରକଳ୍ପ ସଂଯୋଜକ ଅମଳିନ ପଟ୍ଟନାୟକ ପ୍ରଥମେ ଅଣସଂକ୍ରାମକ ରୋଗର ଉତ୍ପତି, ବୃଦ୍ଧି ଏବଂ ଏହାର ନିରାକରଣ ଦିଗରେ ନିଆଯାଉଥିବା ବିଭିନ୍ନ ଧାରା ଓ କର୍ମକୁଶଳତା ସମ୍ପର୍କରେ ଜିଜ୍ଞାସା କରାଇଥିଲେ। ଏହି କର୍ମଶାଳାର ଉଦ୍ଦେଶ୍ୟ ହେଉଛି ଭାରତରେ ଅଣସଂକ୍ରାମକ ରୋଗ ସଂକଟକୁ ହ୍ରାସ କରିବା। ଏଥିପାଇଁ ଲୁଣ, ଚିନି ଓ ଟ୍ରାନ୍ସ ଫ୍ୟାଟ ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସିଆରୋର ପୁଷ୍ଟି ମଡେଲକୁ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଏହା ଏକ ବିଶ୍ୱବ୍ୟାପୀ ଓ ବିଜ୍ଞାନସମ୍ମତ ଗୃହିତ ମଡ଼େଲ। କୋଭିଡ଼ ମହାମାରୀ, ଶିଳ୍ପପତିମାନଙ୍କ ପାଇଁ ଏକ ବିଶାଳ ବ୍ୟବସାୟିକ ସୁଯୋଗ ଦେଇଛି ନିଜ ଉତ୍ପାଦ ବିକ୍ରୟ ସହ ଗ୍ରାହକମାନଙ୍କୁ ସ୍ୱାସ୍ଥ୍ୟକର ଓ ସୂଚନାଯୋଗ୍ୟ ପସନ୍ଦ ପ୍ରଦାନ କରିବାପାଇଁ ସେ ଗୁରୁତ୍ୱ ପ୍ରଦାନ କରିଥିଲେ।

ରାଜ୍ୟ ଶିଶୁବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ଆଲୋଚାନରେ ଭାଗ ନେଇନପାରି ନିଜ ବାର୍ତ୍ତା ପ୍ରଦାନ କରି କହିଥିଲେ ଯେ ସମସ୍ତ ପ୍ୟାକେଜ ଖାଦ୍ୟ ଓ ପାନୀୟର ଲେବୁଲରେ ଉପଯୁକ୍ତ ସୂଚନା ନିଶ୍ଚିତ କରିବା ଜରୁରୀ। ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଏହା ଜରୁରୀ। ପ୍ରକ୍ରିୟାକୃତ ଖାଦ୍ୟ ଓ ପାନୀୟରେ ଥିବା ଅଧିକ ପରିମାଣର ଲୁଣ, ଚିନି ଓ କୃତ୍ରିମ ଚର୍ବି ପିଲାଦିନର ମୋଟାପଣକୁ ବଢ଼ାଇଥାଏ ଏବଂ ଆମ ଦେଶରେ ଅଣସଂକ୍ରାମକ ରୋଗର ଆଶଙ୍କା ବଢ଼ାଇଥାଏ। ଖାଦ୍ୟ କିଣିଲାବେଳେ ମାଆମାନେ ପିଲାମାନଙ୍କ ପାଇଁ ସୁସ୍ଥ ଉତ୍ପାଦ ବାଛିବାର ଅଧିକାର ପାଇବା ଉଚିତ। ଆଶା କରାଯାଏ ଏଫ୍‌ଏସ୍‌ଏସ୍‌ଏଆଇ ଶୀଘ୍ର ଏକ ସରଳ କାର୍ଯ୍ୟଯୋଗ୍ୟ ନିୟମ ଲାଗୁ କରିବ, ଫଳରେ ଏକ ସୁସ୍ଥ ଭବିଷ୍ୟତର ମାର୍ଗ ଖୋଲିପାରିବ।

କଟକ ବଡ଼ ମେଡ଼ିକାଲର ନ୍ୟୁରୋସର୍ଜରୀ ବିଭାଗର ଆସିଷ୍ଟାଂଟ ପ୍ରଫେସର ଡଃ ଅମୀୟ କୁମାର ଗୌଡ଼ ଆଲୋଚକ ଭାବେ ଯୋଗଦେଇ ପ୍ୟାକେଜିଂ ଖାଦ୍ୟ ସାମଗ୍ରୀରେ ଅହେତୁକ ଭାବେ ଲୁଣ, ଚିନି ଓ ଫ୍ୟାଟ୍‌ର ବହୁଳତା ଯୋଗୁଁ ବିଭିନ୍ନ ଅଣସଂକ୍ରାମକ ରୋଗ ବୃଦ୍ଧିରେ ଏହା ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟ ସରକାରଙ୍କ ପ୍ରମୁଖ ଖାଦ୍ୟ ନିରାପତା ଅଧିକାରୀ ସତ୍ୟଜିତ୍ ପଟେଲ ଅଣ-ସଂକ୍ରାମକ ରୋଗର ପ୍ରତିହତ ସକାଶେ ସରକାରଙ୍କ ଦ୍ୱାରା ପ୍ୟାକେଜିଂ ଲେବଲିଂକୁ ଗୁରୁତ୍ୱ ପ୍ରଦାନ କରାଯିବାକୁ ପରାମର୍ଶ ଦେଇଥିଲେ।

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଯୁଗ୍ମ ନିର୍ଦ୍ଦେଶକ ଡଃ ପିକେବି ପଟ୍ଟନାୟକ ଗତ ତିନି ଦଶନ୍ଧିରେ ସ୍ୱାସ୍ଥ୍ୟରେ ବହୁ ପରିବର୍ତ୍ତନ ହୋଇଛି, ପିଲାମାନେ ମଧୁମେହ ଓ ହୃଦ୍‌ରୋଗର ଶିକାର ହେଉଛନ୍ତି। ବରିଷ୍ଠ ସାମ୍ବାଦିକ ଅକ୍ଷୟକୁମାର ସାହୁ କହିଲେ ଯେ ଅଣସଂକ୍ରାମକ ରୋଗର ସୁପରିଚାଳନା ପାଇଁ ଗଣମାଧମର ଭୂମିକା ଗୁରୁତ୍ୱପୂର୍ଣ୍ଣ।

ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ପ୍ରତିନିଧି ଦେବଯାନୀ ଦାସ, ପଦ୍ମାଳୟା ମହାନ୍ତି, ପୂର୍ଣ୍ଣିମା ବେହେରା, ବରଗଡ଼ର ସାମାଜିକ କର୍ମୀ ଫକୀର ସାହୁ ପ୍ରମୁଖ ସୁଚିନ୍ତିତ ପରମର୍ଶମାନ ଉପସ୍ଥାପନ କରିଥିଲେ। ରୂପାୟନର କର୍ମକର୍ତା ସୋନାଲୀ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ମା' ମନସା ଦେବୀ ଶକ୍ତିପୀଠ



ଶିଓ୍ୱାଲିକ୍ ପର୍ବତ ମାଳାରୁ ନେଇ କୁରୁକ୍ଷେତ୍ର ପର୍ଯ୍ୟନ୍ତ ୪୮କୋଷର ସିନ୍ଧୁବନରେ ଋଷି-ମୁନୀ ମାନେ ପୁରାଣ ରଚନା କରିଥିଲେ। ଏହି ସମସ୍ତ ଭୂଭାଗ ଦେବଧରା ନାମରେ ଜଣାଶୁଣା।

ଏହି ପରମ୍ପରାରେ ହରିଆନାର ପଞ୍ଚକୁଳାରେ ଶିଓ୍ୱାଲିକ୍ ପର୍ବତ ମାଳାର କୋଳରେ ସିନ୍ଧୁବନର ଶେଷ ସୀମାରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆଚ୍ଛାଦିତ ଏକଦମ ମନୋରମ ଏବଂ ଶାନ୍ତ ପରିବେଶରେ ମାତା ମନସା ଦେବୀଙ୍କ ମନ୍ଦିର ଅବସ୍ଥିତ। ଯଦି କୌଣସି ଭକ୍ତ ସଚ୍ଚା ମନରେ ଚାଳିଶ ଦିନ ପର୍ଯ୍ୟନ୍ତ ଲଗାତାର ମାତା ମନସା ଦେବୀ ଙ୍କର ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରନ୍ତି, ତେବେ ମାତା ମନସା ଦେବୀ ତାଙ୍କର ମନୋକାମନା ଅବଶ୍ୟ ପୂରଣ କରିଥାନ୍ତି। ମାତା ମନସା ଦେବୀଙ୍କର ଚୈତ୍ର ଏବଂ ଆଶ୍ୱିନ ମାସର ନବରାତ୍ର ପର୍ବରେ ରେ ବଡ଼ ଧରଣର ମେଳା ବସିଥାଏ। ଏହି ପର୍ବ ମାତାଙ୍କର ପ୍ରମୁଖ ପର୍ବ ଭାବେ ପାଳନ କରାଯାଏ।



ମାତା ମନସା ଦେବୀଙ୍କ ମନ୍ଦିରକୁ ନେଇ କେତେକ ଧାରଣା ଓ ମାନ୍ୟତା ପ୍ରଚଳିତ ରହିଛି। ଶ୍ରୀ ମାତା ମନସା ଦେବୀଙ୍କ ଇତିହାସ ଅନ୍ୟ ସିଦ୍ଧ ଶକ୍ତିପୀଠ ଭଳି ଅତି ପ୍ରାଚୀନ। ଶ୍ରୀ ମାତା ମନସା ଦେବୀଙ୍କ ଆବିର୍ଭାବ ହେବାର ଉଲ୍ଲେଖ ଶିବ ପୁରାଣରେ ରହିଛି।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କରି ନଥିବାରୁ ଅତି



ଦୁଃଖରେ ମା'ସତୀ ଯଜ୍ଞକୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ପାରିଲେ। ଭଗବାନ ଶିବ ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ ପହଞ୍ଚି ଯାହା ଦେଖିଲେ, ସେ ନିଜେ ବି ବିଶ୍ୱାସ କରି ପାରିଲେ ନାହିଁ। ରାଗରେ ଜର୍ଜରିତ ହୋଇ ଭଗବାନ ଶିବ ସତୀଙ୍କ ମର ଶରୀର ନିଜ ହାତରେ ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଏହାର ସମାଧାନ ପାଇଁ ଦେବ ଦେବୀ ମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ



ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। ସୁଦର୍ଶନ ଚକ୍ର ଦ୍ୱାରା ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚି ହୋଇ ପଡ଼ିଲା। ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ବ୍ରହ୍ମା, ବିଷ୍ଣୁ ଓ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ସେଗୁଡ଼ିକ ମଧ୍ୟରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ଆଦିଶକ୍ତି ପୀଠ ହେଲେ, (୧)ପୁରୀ ଶ୍ରୀମନ୍ଦିରରେ ପୂଜିତା ମା'ବିମଳା(ପାଦଖଣ୍ଡ), (୨) ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟସ୍ଥ ଋଷିକୂଲ୍ୟା ନଦୀ ଉପକଣ୍ଠରେ କୁମାରୀ ପାହାଡ଼ ଉପରେ ବିରାଜିତ ମା'ତାରା ତାରିଣୀ(ସ୍ତନଖଣ୍ଡ), ୩) ଆସାମର ଗୌହାଟୀ ସ୍ଥିତ କାମାକ୍ଷା ଦେବୀ(ଜୋନିଖଣ୍ଡ) ଓ ୪) କୋଲକତାର ଦକ୍ଷିଣ କାଳୀ(ମୁଖଖଣ୍ଡ)। ଓଡ଼ିଶାରେ ମଧ୍ୟ ଗୋଟିଏ ମହା ଶକ୍ତିପୀଠ ମା' "ବିରଜା" ରହିଛନ୍ତି।

ତେବେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ମାନଙ୍କ ମଧ୍ୟରେ ହିମାଞ୍ଚଳ ପ୍ରଦେଶର କାଙ୍ଗଡ଼ାରେ ମାତା ସତୀଙ୍କ ମସ୍ତକ ଖଣ୍ଡ ପଡ଼ିଥିଲା। ଏଥିଯୋଗୁ ଏହି ସ୍ଥାନରେ ମାତା ମନସା ଦେବୀଙ୍କର ଭବ୍ୟ ମନ୍ଦିର ନିର୍ମାଣ ହୋଇଥିଲା। ସେହିପରି ଏଠାରେ ମାତାଙ୍କ ମସ୍ତକ ପଡ଼ିବାରୁ ବୃଜେଶ୍ୱରୀ ଦେବୀ ଶକ୍ତିପୀଠ, ଜ୍ୱାଳାମୁଖୀରେ ଜିହ୍ୱା ଖଣ୍ଡ ପଡ଼ିବାରୁ ଜ୍ୱାଳାଜୀ, ମନର ଭାଗ ପଡ଼ିବାରୁ ଛିନ୍ନ ମସ୍ତିକା, ନୟନରୁ ନୟନ ଦେବୀ ହୋଇଛନ୍ତି।

ସେହିପରି ତ୍ରିପୁରାରେ ଜଙ୍ଘ ଖଣ୍ଡ ପଡ଼ିବାରୁ ମାତା ଜୟନ୍ତୀ ଦେବୀ, କୋଲକତାରେ ଡ଼ାହାଣ ପାଦ ଅଙ୍ଗୁଳି ପଡ଼ିବାରୁ କାଳୀ ମନ୍ଦିର, ସହରାନପୁର ନିକଟ ଶିଓ୍ୱାଲିକ୍ ପର୍ବତ ଉପରେ ମସ୍ତକ ଖଣ୍ଡ ପଡ଼ିବାରୁ ଶକୁମ୍ଭରୀ, କୁରୁକ୍ଷେତ୍ରରେ ଗଳାର ଆଭୂଷଣ ପଡ଼ିବାରୁ ଭଦ୍ରକାଳୀ ଶକ୍ତିପୀଠ ତଥା ଶିଓ୍ୱାଲିକ୍ ଗିରି ମାଳାରେ ଦେବୀଙ୍କ ମସ୍ତିସ୍କର ଅଗ୍ରଭାଗ ପଡ଼ିବାରୁ ମନସା ଦେବୀ ଶକ୍ତିପୀଠ ସୃଷ୍ଟି ହେଲା।

ଏହି ଶକ୍ତିପୀଠରେ ମହାଭାରତର ପାଣ୍ଡବ ଭାଇ ମାନେ ବନବାସ ସମୟରେ ମାତା ମନସା ଦେବୀ ମନ୍ଦିରରେ ଦେବୀଙ୍କୁ ଆରାଧନା କରିଥିଲେ। ପାଣ୍ଡବ ମାନେ ବନବାସ ସମୟରେ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଏହି ଅଞ୍ଚଳକୁ ଆସିଥିବା ପ୍ରମାଣ ରହିଛି। ତେବେ ପିଞ୍ଜୌର, ସକେତଡ଼ୀ ଓ କାଲକା ଅଞ୍ଚଳରେ ପୁରାତତ୍ତ୍ୱବିତ ମାନଙ୍କ ଅନୁସନ୍ଧାନରୁ ଏଠାରେ ଯେଉଁ ପ୍ରଚୀନ ପଦାର୍ଥ ମିଳିଛି, ତାହା ପାଷାଣ ଯୁଗର ବୋଲି କୁହାଯାଉଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଆଦିମ



କାଳରେ ମଧ୍ୟ ଏହି କ୍ଷେତ୍ରରେ ମଣିଷର ଅବସ୍ଥାନ ଥିଲା ଓ ସେ ଦେବୀ ଦେବତାଙ୍କୁ ପୂଜା କରୁଥିଲେ। ଏଣୁ ଏହି ସ୍ଥାନରେ ମାତା ମନସା ଦେବୀଙ୍କ ମନ୍ଦିର ବିଦ୍ୟମାନ ଥିବା ଜଣା ପଡୁଛି।

ବର୍ଷର ବିଭିନ୍ନ ସମୟରେ ମାତା ମନସା ଦେବୀଙ୍କ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ମାତା ମନସା ଦେବୀଙ୍କ ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତା ମନସା ଦେବୀଙ୍କୁ ପୂଜା କରିବାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।

**ଶରତ କୁମାର ରାଉତ**, ଭୁବନେଶ୍ୱର, ମୋ: ୯୩୩୭୩୬୯୪୮

# 'ଆହ୍ୱାନ' ତରଫରୁ ଭାରତର ସି.ଡି.ଏସ୍. ଜେନେରାଲ ରାଓ୍ୱତଙ୍କ ବିୟୋଗରେ ମହମବତୀ ରାଲି




ଯାଜପୁର (ପିଏନ୍)- ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଆହ୍ୱାନ' ପକ୍ଷରୁ ଭାରତର ସର୍ବୋଚ୍ଚ ପ୍ରତିରକ୍ଷା ମୁଖ୍ୟ ଜେନେରାଲ ବିପିନ ରାଓ୍ୱତ ଓ ତାଙ୍କର ପତ୍ନୀ ମଧୁଲିତା ରାଓ୍ୱତ ଏବଂ ସମସ୍ତ ସେନାଧିକାରୀ ଓ ଷ୍ଟାଫ୍‌ଙ୍କ ହେଲିକୋପ୍ଟର ଦୁର୍ଘଟଣାରେ ଅକାଳ ବିୟୋଗରେ ଗୋଖନା ଛକଠାରୁ ଏନ୍.ସି. କଲେଜ ପର୍ଯ୍ୟନ୍ତ ଏକ ମହମବତୀ ଶୋଭାଯାତ୍ରା କରାଯାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ଶୋକସଭାରେ ସମାଜସେବୀ ହୃଷିକେଶ ପତିଙ୍କ ସଭାପତିତ୍ୱରେ ବରିଷ୍ଠ ଚକ୍ଷୁରୋଗ ବିଶେଷଜ୍ଞ ତଥା ବିଶିଷ୍ଟ ସମାଜସେବୀ ଓ ନାଟ୍ୟକାର ଡା. ରାଜକିଶୋର ପଣ୍ଡା ମୁଖ୍ୟଅତିଥି ଓ ସେନାଧିକାରୀ ରବିନାରାୟଣ ପାଢ଼ୀ ମୁଖ୍ୟବକ୍ତାଭାବେ ଯୋଗଦେଇ ସ୍ୱର୍ଗତଃ ରାଓ୍ୱତଙ୍କ ଫଟୋରେ ମାଲ୍ୟାର୍ପଣ କରିବା ସହ ଧୂପ ଓ ଦୀପରେ ବନ୍ଦାପନା କରିଥିଲେ।

ଦିବଂଗତଙ୍କ ଅକାଳ ବିୟୋଗରେ ସେମାନଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ବିଶ୍ୱଜିତ ସାହୁ ଶୋକସଭା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ସେନାଧିକାରୀ ଆର.ଏନ୍. ପାଢ଼ୀ ତାଙ୍କର ବକ୍ତବ୍ୟରେ ଦୁର୍ଘଟଣା ସ୍ଥଳରେ ବର୍ତ୍ତମାନ ନିଯୁକ୍ତ ଥାଇ ଛୁଟିରେ ଆସିଥିବା ପ୍ରକାଶ କରିବା ସହ ଦୀର୍ଘ ୧ ବର୍ଷ ଜେନେରାଲ ରାଓ୍ୱତଙ୍କ ସହ ଓ୍ୱାରଲେସ୍ ଅପରେଟରଭାବେ କାର୍ଯ୍ୟ କରିଥିବାର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ସି.ଡି.ଏସ୍. ରାଓ୍ୱତଙ୍କ ଅକାଳ ବିୟୋଗରେ ପ୍ରତିରକ୍ଷା କ୍ଷେତ୍ରରେ ଦେଶ ଜଣେ ଅଭିଜ୍ଞ ଓ ସୁଦକ୍ଷ ସେନାପତିଙ୍କୁ ହରାଇଲା ବୋଲି ଡା. ପଣ୍ଡା ଦୁଃଖର ସହ ପ୍ରକାଶ କରିଥିଲେ।

ପୂର୍ବ ଦିବସରେ 'ଆହ୍ୱାନ'ର ସମ୍ପାଦକ ବିଶ୍ୱଜିତ ସାହୁଙ୍କ ଜନ୍ମଦିନ ଉପଲକ୍ଷେ ସନ୍ତୁମାଧବ ଗ୍ରାମର ମା' ଜାଗୁଳେଇ ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ ଓ ଶ୍ରୀଜଗନ୍ନାଥ ମନ୍ଦିର ସନ୍ନିକଟ ବି.ଡି. ନୋଡ଼ାଲ ଏମ୍.ଇ. ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା।

ଏହି ସମସ୍ତ କାର୍ଯ୍ୟକ୍ରମରେ ସୌମ୍ୟଜିତ ସାହୁ, ଯାଜପୁର ମ୍ୟୁନିସିପାଲିଟିର ପୂର୍ବତନ କାଉନ୍‌ସିଲର ନାରାୟଣ ପତି, ଅଧିକାରୀ ନବକିଶୋର ଦାସ, ନମିତା ମିଶ୍ର, ଜଗନ୍ନାଥ ସାହୁ, ଏଲ୍. ପ୍ରିୟଦର୍ଶିନୀ, ଅଶୋକ ପତି, ଜୟଦେବ ରାଉତ, ରଞ୍ଜିତ ସାହୁ, ଗୋପାଳ ସାହୁ, ମନି ଦିଦି, ପ୍ରିୟଙ୍କା ପ୍ରିୟଦର୍ଶିନୀ, ତିଳୋତ୍ତମା ଜେନା, ରୀତା ରାଉତ, ରୀନା ବାରିକ, ଅର୍ପିତା ମିଶ୍ର, ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମହାନ୍ତି, ଜ୍ୟୋସ୍ନାରାଣୀ ପତି, ତପସ୍ୱିନୀ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ସହ-ସମ୍ପାଦକ ଅକ୍ଷୟ ପୃଷ୍ଟି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଦଧିଚି ସାହୁଙ୍କ ବିୟୋଗରେ କଂଗ୍ରେସ ଭବନଠାରେ ଶୋକସଭା



ଭୁବନେଶ୍ୱର (ପିଏନ୍)-ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କଠାରୁ ତାମ୍ରପତ୍ର ଗ୍ରହଣ କରିଥିବା ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳର ଦୀର୍ଘଦିନ ଧରି ରାଜ୍ୟ ମୁଖ୍ୟ ସଂଗଠକଭାବରେ କାର୍ଯ୍ୟକରିଥିବା ଦଧିଚି ସାହୁଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପ୍ରଦେଶ କଂଗ୍ରେସ ସେବାଦଳ ଅଧକ୍ଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ଅଧକ୍ଷତାରେ ଏକ ଶୋକସଭା କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପରଲୋକଗତ ଆତ୍ମାର ସଦଗତି କାମନା କରି ୧ ମିନିଟ ନୀରବ ପ୍ରାର୍ଥନା ପରେ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀ ଚିରଂଜିବ ବିଶ୍ୱାଳ ଶ୍ରଦ୍ଧାଂଜଳି ଜଣାଇ କହିଲେ ଯେ, ରାଜ୍ୟର ସେବାଦଳ ସଂଗଠନକୁ ତଳସ୍ତରରେ ପଂହଚାଇବାରେ ତାଙ୍କର କର୍ତବ୍ୟନିଷ୍ଠା ଥିଲା। ଭାରତବର୍ଷର ମହାମହିମ ରାଷ୍ଟ୍ରପତିଙ୍କଠାରୁ ସେ ଦୁଇଥର ସମ୍ବର୍ଦ୍ଧିତ ହୋଇଥିଲେ। ଏହି ଅବସରରେ ବିରିଡ଼ି ବ୍ଲକର ବରିଷ୍ଠ କଂଗ୍ରେସ ନେତା ରବିନ୍ଦ୍ରନାଥ ସିଂହ ଫଟୋ/ସାମ୍ବାଦିକ ସୁବୋଧ ପାଣିଗ୍ରାହୀଙ୍କ ଉଦ୍ଦେଶ୍ୟରେ ଡଃ ଜ୍ଞାନେନ୍ଦ୍ର ଶୋକବ୍ୟକ୍ତ କରିଥିଲେ। କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଯଜ୍ଞେଶ୍ୱର ବାବୁ, ଶ୍ରୀମତୀ ବିଜୟଲକ୍ଷ୍ମୀ ସାହୁ, ମନୋରଂଜନ ଦାଶ, ପଦ୍ମାକର ଗୁରୁ, ସଂଜୀବ ଗିରି, ଜ୍ୟୋତିଷ ସାହୁ, ଏମଡି ସାହାଦୁଲ୍ଲା, କୁଳମଣି ସାହୁ, ଜଗଦାନନ୍ଦ ବେହେରା, ଶୁକାନ୍ତ କୁମାର ମହାରଣା, ଖଗେଶ୍ୱର ମଲ୍ଲିକ, ଶ୍ରୀମତୀ ଅଜିତା କର ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ।

## କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ ପାଳିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ କେନ୍ଦ୍ରାପଡା ସାନ୍ଧ୍ୟ ଉଚ୍ଚ ମାଧମିକ ବିଦ୍ୟାଳୟ ଯୁବ ରେଡକ୍ରସ୍‌ର ମିଳିତ ଆନୁକୂଲ୍ୟରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଶୋଭାଯାତ୍ରାକୁ +୩ ଅଧକ୍ଷ ମଧୁସୂଦନ କାମିଲା ଓ +୨ ଅଧକ୍ଷ ଗଙ୍ଗାଧର ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସ୍ୱେଚ୍ଛାସେବୀମାନେ ଶୋଭାଯାତ୍ରରେ




ସାନ୍ଧ୍ୟ ମହାବିଦ୍ୟାଳୟ ନିକଟରୁ ବାହାରି ସହରର ବିଭିନ୍ନ ସ୍ଥାନ ପରିକ୍ରମା କରି ପଥପ୍ରାନ୍ତ ନାଟକ, ପ୍ଲାକାର୍ଡ ଓ ଏଡସ୍‌ର ସ୍ଲୋଗାନ୍ ଜରିଆରେ ସହରବାସୀଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସର କାଉନସିଲର ମନୋଜ କୁମାର ଜେନା ଓ ଜାତୀୟ ସେବା ଯୋଜନାର ଦୁଇ କାର୍ଯ୍ୟକାରୀ ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି ଓ ଗିରିଜାକାନ୍ତ ଦାସ ପରିଚାଳନା କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗ ଦେଇଥିଲେ।

## ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସ୍ନାନାଗାର ଓ ପାଇଖାନାକୁ ଭଙ୍ଗାଗଲେ ଯୁବ କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧିନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସ୍ନାନାଗାର ଓ ପାଇଖାନାକୁ ଭଙ୍ଗାଗଲେ ଯୁବ କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବ ବୋଲି ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ କହିଛନ୍ତି। ସଭାପତି ଶ୍ରୀ ସାମଲ ଏସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ଅଛି ଯେ ରାଜ୍ୟ ସରକାରଙ୍କ ମୋ ସରକାର ଏବଂ ୫-ଟି ପକ୍ଷରୁ ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଫୋକସ୍ ସ୍କୁଲ ଭାବେ ଚୟନ କରାଯାଇଛି। ସେହି ବିଦ୍ୟାଳୟର ସ୍ନାନାଗାର ଓ ପାଇଖାନା ଗୃହ ଗତ ୫-୬ମାସ ପୂର୍ବରୁ ଅତ୍ୟନ୍ତ ଉଚ୍ଚ ମାନର ନିର୍ମାଣ କରାଯାଇଛି। କିନ୍ତୁ ପଟ୍ଟାମୁଣ୍ଡାଇ ମଣ୍ଡଳ ଉନ୍ନୟନ ଅଧିକାରୀ ପୂନର୍ବାର ସେହି ବିଦ୍ୟାଳୟରେ ନିର୍ମାଣ ହୋଇଥିବା ସ୍ନାନାଗାର ଓ ପାଇଖାନାକୁ ଭାଙ୍ଗି ଦେଇ ପୁନଃ ନିର୍ମାଣ କରିବା କିମ୍ବା ସମ୍ପୂର୍ଣ୍ଣ ହୋଇଥିବା ସ୍ନାନାଗାର ଓ ପାଇଖାନା ଗୃହ ଉପରେ ରଙ୍ଗ ବୋଳିଦେଇ ଆଉଥରେ ବିଲ୍ କରିନେବାକୁ ପ୍ରଚେଷ୍ଟା କରୁଥିବା ଅଭିଯୋଗ ହୋଇଛି। ତେଣୁ ସେହି ବିଦ୍ୟାଳୟରେ ନିର୍ମାଣ ସରିଥିବା ସ୍ନାନାଗାର ଓ ପାଇଖାନାକୁ ଭଙ୍ଗାନଯିବା କିମ୍ବା ସେହି କାର୍ଯ୍ୟକୁ ଦେଖାଇ ପୂନର୍ବାର ବିଲ୍ କରାନଯିବାକୁ ଯୁବ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ସେହି ବିଦ୍ୟାଳୟର ସଂପୂର୍ଣ୍ଣ ହୋଇଥିବା ପ୍ରକଳ୍ପରେ ଅଯଥା ୫-ଟି ମୋ ସରକାର ଅର୍ଥକୁ ଅପବ୍ୟୟ ନକରାଯାଇ ସେହି ଅର୍ଥରେ ବିଦ୍ୟାଳୟର ଅନ୍ୟ ଉନ୍ନତି ମୂଳକ କାର୍ଯ୍ୟ କରାଯାଉ ବୋଲି ଯୁବ କଂଗ୍ରେସ ଦାବି କରିଛି। ନଚେତ୍ ଯୁବ କଂଗ୍ରେସ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ, ଅବିନାଶ ଲେଙ୍କା, ସନାତନ ବରାଳ, ପଟ୍ଟାମୁଣ୍ଡାଇ ଯୁବ କଂଗ୍ରେସ ସଭାପତି ଓଁକାର ମହାନ୍ତି, ହିରଣ୍ୟ କୁମାର ରାଉତ, ସର୍ବେଶ୍ୱର ପ୍ରଧାନ, ସଂଗ୍ରାମ ବଳ, ପ୍ରଦିପ ବିଶ୍ୱାଳ, ଗୋବିନ୍ଦ ସେଠୀ, ଶ୍ରୀକାନ୍ତ ଲେଙ୍କା, ମଳୟ ଦାସ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୧, ଡିସେମ୍ବର ୧୨**

# ନାମ

***ନାମରେ ପରିଚୟ ଖୋଜିବା ଏକ ସମ୍ପ୍ରଦାୟିକ ବିଚାରବଦ୍ଧତା, ଯାହା ମଣିଷକୁ ମୁଁ'ର ପରିଚୟ ଦେବାଭଳି ଅନୁଭୂତି ସୃଷ୍ଟି କରିଥାଏ! ତଥାପି ଏପର୍ଯ୍ୟନ୍ତ କେହି ମୁଁ'ର ପରିଚୟ ପାଇନାହାନ୍ତି! କାହିଁକି?!!***

ନାମଟି ହେଉଛି ନିର୍ଗୁଣ, ନିରାକାର । ନାମର ସତ୍ତା କେବଳ ମନ ମାନସରେ ରହିବା ବ୍ୟତୀତ ତାହାର କୌଣସି ଉପାଦେୟ



ବିଷୟବସ୍ତୁ, ଅବସ୍ଥିତି କିମ୍ବା ମୂଲ୍ୟଧାରା ନଥାଏ । ନାମଟି ପଛରେ ରହିଥିବା ଚରିତ୍ର ପ୍ରବାହ କେବଳ ସାମାଜିକ ଅର୍ଥରେ ବ୍ୟବହାରିତ, ଯାହା ସତ୍ୟ, ଶିବ, ସୁନ୍ଦର ଭାବେ ପ୍ରକାଶିତ ନା ରାକ୍ଷସ, ଅମାନବୀୟତାରେ ପରିପୂର୍ଣ୍ଣ ଦେଖିବା କଥା । ଅର୍ଥ କେତେକ ସତ୍ୟ, ଶିବ, ସୁନ୍ଦର ଚାରିତ୍ରିକ ମାନବୀୟ ବିଚାରଧାରାକୁ ନେଇ ବର୍ଣ୍ଣିତ ରୂପାନ୍ତରିତ ଚେହେରାକୁ ଭଗବାନ ବୋଲି ଗୋଟିଏ ସୁନ୍ଦର, ଶାଶ୍ୱତ ନାମରେ ନାମିତ କରାଯାଇଅଛି ମାତ୍ର, ଯାହା ନିରାକାର । ଅନୁରୂପ ରାକ୍ଷସ, ଅମାନବୀୟ ଚରିତ୍ର ପ୍ରବାହଯୁକ୍ତ କେତେକ ଚେହେରା ରାକ୍ଷସ ରୂପରେ ଚିତ୍ରିତ । ଏସବୁ କେବଳ ସାଧାରଣ ମଣିଷର ଭାବଧାରାରେ ପରିବର୍ତ୍ତନ କରି ସେମାନଙ୍କ ଜୀବନକୁ ସରସ, ସୁନ୍ଦର, ମାନବୀୟଯୁକ୍ତ ମାନସିକତା ସୃଷ୍ଟି କରାଯିବା ଲକ୍ଷ୍ୟ ରଖି ସୁଖ୍ୟାତ ଦାର୍ଶନିକମଣ୍ଡଳୀ ପ୍ରସ୍ତୁତ କରିଥିଲେ କେତେକ ଅଲୌକିକ ଚେହେରା । ଉପସ୍ଥିତ ସମୟର ନିର୍ବୋଧ, ଅଜ୍ଞାନ ସେମାନଙ୍କ ଶାଶ୍ୱତ ଚିନ୍ତାଧାରାକୁ ହୃଦୟଙ୍ଗମ କରି ତାହାର ଯଥାର୍ଥତା ଅନୁଭବ ବିପରୀତେ ସଂକ୍ଷିପ୍ତ ରାସ୍ତାରେ କୌଣସି ଅଲୌକିକ ସାନିଧ୍ୟ ଅଧିଗ୍ରହଣ ଉପଲକ୍ଷରେ କାଠ, ପଥର ବର୍ଣ୍ଣିତ ମୂର୍ତ୍ତି ଗୁଡିକ ସମ୍ମୁଖରେ ଆରାଧନା କରି ଅଭ୍ୟନ୍ତରରେ ଯଥେଷ୍ଟ କଳୁଷିତ, ଅମାନବୀୟ, ରାକ୍ଷସ ବିଚାରଧାରା ପ୍ରବାହିତ କରୁଥିବା ଏକ ଅତ୍ୟନ୍ତ ହୃଦୟସ୍ପର୍ଶୀ ଦୃଶ୍ୟ ଦେଖିବାକୁ ମିଳୁଛି ସର୍ବତ୍ର । ଏହି ମୂର୍ତ୍ତିପୂଜାର କୌଣସି ଫଳପ୍ରଦ ଅନୁଭବ ନଥିଲେ ମଧ୍ୟ ନିଜକୁ ସତ୍ୟର ପରିପନ୍ଥୀ ଭାବେ ସମାଜରେ ପ୍ରତିଷ୍ଠିତ କରିବା ଲକ୍ଷ୍ୟ ରଖି କରାଯାଉଥିବା ଦେଖାଣିଆ ଚରିତ୍ରଗୁଡିକ ବାସ୍ତବିକ ମୂଲ୍ୟହୀନ । ଅଧିକନ୍ତୁ ବାହ୍ୟ ପ୍ରଦର୍ଶିତ ଛଳନାତ୍ମକ ସାତ୍ୱିକ ପରିଚ୍ଛନ୍ନତାର ପ୍ରକୋପରେ ଅଭ୍ୟନ୍ତର ଦୁର୍ଗନ୍ଧିତ କଳୁଷିତ ହୋଇ ଚାଲିଥିବା ବୁଝିପାରନ୍ତି ନାହିଁ ନିର୍ବୋଧ, କିମ୍ବା ସମ୍ମୁଖ ପ୍ରତ୍ୟାଶୀ । ଭଗବାନ ଅର୍ଥର ବ୍ୟାଖ୍ୟା କରୁଥିବା ସବୁ ମଣିଷଗୁଡିକ କେବଳ ନିର୍ବୋଧଙ୍କୁ ପ୍ରତାରଣା କରିବା ଲକ୍ଷ୍ୟ ରଖିଥିବା ବେଳେ ନିର୍ବୋଧ ସେଗୁଡିକ ପ୍ରତି ଜିଜ୍ଞାସୁ ମନୋଭାବ ନରଖି ଅନ୍ଧ ଭଳି ବିଶ୍ୱାସକୁ ନେଉଥିବା ଏକ ଅତ୍ୟନ୍ତ ଦୁଃଖଦ ପରିସ୍ଥିତି ଆଜି ସମୟର । ଏହି କଥାର ଯଥାର୍ଥତା କେତେ ବିଚାର କରିବା...

ମହାପୁରୁଷୋତ୍ତମ ବୁଦ୍ଧଦେବଙ୍କଠାରୁ ଆରମ୍ଭ କରି ଅନେକ ସତ୍ୟ, ଶାଶ୍ୱତ ମହାପୁରୁଷ ମୂର୍ତ୍ତି ପୂଜାକୁ ବାରଣ କରିଥିବା ବେଳେ କେତେକ ଅଜ୍ଞାନ କେଳେଙ୍କାରୀ ଚରିତ୍ରଯୁକ୍ତ ଚତୁର ସେଗୁଡିକ ସମାଜରେ ପ୍ରତିଷ୍ଠାପୂର୍ବକ ସାଧାରଣ ଲୋକଙ୍କୁ ଅଲୌକିକ ମାଧ୍ୟମରେ ଫଳପ୍ରଦ ଚେତନାରେ ଅଭିଷିକ୍ତ କରିଥିବା ଏବଂ ସାଧାରଣ ମଣିଷ ନିଜର ନିର୍ବୋଧତା ହେତୁ ସେଗୁଡିକୁ ଅନାୟାସରେ ଗ୍ରହଣ କରି ଚାଲିଥିବା ବିଶ୍ଳେଷଣ ହୁଏନାହିଁ କେଉଁଠି । ସତ୍ୟର ଅନୁସନ୍ଧିତ୍ସା ତଥ୍ୟର ଉପଲବ୍ଧିରେ ନିମଜ୍ଜିତ ବିଜ୍ଞ ଜୀବନର ଭରପୁର ଆନନ୍ଦ ଉଠାଉଥିବା ବେଳେ ଆଳସ୍ୟ, ମିଥ୍ୟାଗ୍ରାହୀ ଅଲୌକିକ ମାନସ ମନ୍ଥନରେ ପାଇଥା'ନ୍ତି ଯଥେଷ୍ଟ ସୁଖ । କିନ୍ତୁ ସେହି ସୁଖ କୌଣସି ବାସ୍ତବବାଦୀ ଅନୁଭୂତି ପରିସରଭୁକ୍ତ ନହୋଇ କେବଳ ମୃତ୍ୟୁ ପରବର୍ତ୍ତୀ ହୋଇଥିବା ବେଳେ ତାହାର ସତ୍ୟତା ଉପରେ କୌଣସି ସୂଚନା ନାହିଁ ଏପର୍ଯ୍ୟନ୍ତ । ତଥାପି ସମସ୍ତେ ତାହାରି ପଛରେ ପ୍ରଧାବିତ!!

ନିରଳସ, ନିଃସ୍ୱାର୍ଥ, ନିର୍ବିକାର କେବେହେଲେ ଅଲୌକିକ ଭାବଧାରା ରଖି ନଥା'ନ୍ତି । ଅଲୌକିକ ସତ୍ତା ଉପରେ କୌଣସି ବିଶ୍ୱାସ କିମ୍ବା ଆଶ୍ୱାସର ଆଶା ନରଖି କେବଳ କର୍ତ୍ତବ୍ୟରେ ମାନବିକ ଧର୍ମକୁ ସର୍ବାଦୌ ପ୍ରାଧାନ୍ୟ ଦେଇଥା'ନ୍ତି । ସେମାନଙ୍କୁ କୌଣସି ମୂର୍ତ୍ତି ପୂଜା କିମ୍ବା କାହାର ଆଶ୍ୱାସନା, ଆଶୀର୍ବାଦର ଆବଶ୍ୟକତା ରହି ନ ଥାଏ । ତଥାପି ସେମାନଙ୍କ ଜୀବନଯାତ୍ରା ସଠିକ ଚାଲିଥାଏ । ଠିକ୍ ତାହାର ବିପରୀତ ମଣିଷଙ୍କ ସଂଖ୍ୟା ପ୍ରାୟତଃ ୯୯ରୁ ଅଧିକ ଦେଖିବାକୁ ମିଳନ୍ତି ଆମ ସମାଜରେ । ନାମରେ ଅଭିଷିକ୍ତ ନିଜ ପରିବେଶ ମଧ୍ୟରେ ନିଜ ନାମର ପରିଚୟ ସୃଷ୍ଟି କରିବା ଲକ୍ଷ୍ୟ ରଖି ଯାହା କରିବାକୁ ସୁଯୋଗ ମିଳିଥାଏ କରିଥା'ନ୍ତି । ଜୀବନରେ ଅର୍ଜିତ ସମସ୍ତ ସାମାଜିକ ମାନ୍ୟତାକୁ ନାମରେ ଧାରଣ କରି ତଥ୍ୟ ସମ୍ପଦଗୁଡିକୁ ମୋର କରିଥିବା ଆତ୍ମୀୟସ୍ୱଜନଙ୍କ ହାତରେ ଟେକିଦେଇ ସଂସାର ତ୍ୟାଗ କରିବା ଲକ୍ଷ୍ୟର ରୁଚି ଏକ ଭିନ୍ନ ହୋଇଥାଏ ସେମାନଙ୍କ ପାଇଁ । ଅଧିକନ୍ତୁ ନିଜର ନାମଟିକୁ ଚିରାଚରିତ କରିପାରିଲେ ଜଣେ ସମ୍ପୂର୍ଣ୍ଣ ମଣିଷର ସାମାଜିକ ପରିଚିତି ସୃଷ୍ଟି ହୋଇପାରିବ ବୋଲି ବିଚାର ରହିଛି ସମସ୍ତଙ୍କର, ଯାହା ମୃତ୍ୟୁ ପରେ ତାକୁ କୌଣସି ଅନୁଭବ ପ୍ରଦାନ କରିବାର ବ୍ୟବସ୍ଥା ନଥିଲେ ମଧ୍ୟ ତାହା ଏକ ଅଲୌକିକ ଅନୁଭବପୂର୍ବକ ମଣିଷର ଦୃଷ୍ଟିକୋଣ ଏକ ଭିନ୍ନ...!

ମଣିଷ ହେଉ କି କୌଣସି ଅଲୌକିକ ନାମରେ ନିମଗ୍ନ ମଣିଷଙ୍କ ଭାବଧାରା ଏକ ନିଜସ୍ୱ ଦୃଷ୍ଟିକୋଣ ମାତ୍ର । ନାମ ସଂକୀର୍ତ୍ତନ ନାମରେ ବିହ୍ୱଳ ମଣିଷର ଏକ ମତ୍ତ ପାଗଳ ଅନୁଭୂତି ମାତ୍ର ଯେଉଁଥିରେ ତିଳେହେଲେ ବାସ୍ତବବାଦୀ ବିଚାର ରହି ନ ଥିବା ବେଳେ ନାମ ପଛର ଚରିତ୍ରଗୁଡିକ କେବଳ ଆଲୋଚନା ପରିସର ମଧ୍ୟରେ ସୀମିତ ରଖି ଅନ୍ୟ ସମୟଗୁଡିକରେ ସେହି ଚିରାଚରିତ ଅମାନବୀୟ, ରାକ୍ଷସ ଚରିତ୍ର ପ୍ରବାହ କରୁଥିବା ଦେଖିବାକୁ ମିଳିବ ସେହି ସମସ୍ତ ମଣିଷଙ୍କର, ଯେଉଁମାନେ ନାମରେ ବିଶ୍ୱାସ ରଖିଥା'ନ୍ତି । କାରଣ ନାମରେ କିଛି ରହି ନ ଥାଏ କେବଳ ଗୋଟିଏ ଅଲୌକିକ ଭାବଧାରା ବ୍ୟତୀତ । ସାଧାରଣ ମଣିଷ ତାହାର ବିଶ୍ଳେଷଣାତ୍ମକ ବିଚାର ନ ରଖି ସାମାଜିକ ପ୍ରବାହିତ ସ୍ରୋତରେ ନିଜକୁ ସଂଶ୍ଳିଷ୍ଟ କରି କେଉଁ ଅପୂର୍ବ ସାନିଧ୍ୟ ଲାଭ କରିଥା'ନ୍ତି ସେମାନେ ହିଁ ଜାଣୁଥିବେ । ମୃତ୍ୟୁ ପରେ ପୃଥିବୀ ଧ୍ୱଂସ ହେବା ପର୍ଯ୍ୟନ୍ତ ଏହି ଜନ୍ମର ଆତ୍ମୀୟ ପୁଣି ଥରେ କେବେ ଆତ୍ମୀୟ ହୋଇ ଉଭା ହେବାର କୌଣସି ସମ୍ଭାବନା ନଥାଇ ମଧ୍ୟ ସେହି ସମସ୍ତେ କିଭଳି ଆତ୍ମୀୟ ହୋଇଥା'ନ୍ତି ଆମର, ଏକ ଅବିଶ୍ଳେଷିତ ଅଲୌକିକ ସୀମିତ ଜ୍ଞାନର ଭାବଧାରା ମଧ୍ୟରେ ସମସ୍ତେ ଅନ୍ତର୍ନିବେସିତ । କୌଣସି ପରିସ୍ଥିତିରେ ଏହି ଜନ୍ମର ଅର୍ଜିତ ମନୁଷ୍ୟକୃତ ଅପ୍ରାକୃତିକ ସାମାଜିକ ସମ୍ପଦ ନେଇ ଅନ୍ୟ କେଉଁଠାରେ ଆବିର୍ଭାବ ହେବା ଅସମ୍ଭବ । ଛାଡି ଯାଇଥିବା ସମ୍ପଦ (ସାମାଜିକ ସମ୍ମାନ, ପାର୍ଥିବ ସମ୍ପଦ)କୁ ଭବିଷ୍ୟ ପିଢ଼ି କେଉଁ ଆକୃତିରେ ଗଢି ତୋଳିବେ, ତାହାର କୌଣସି ଚେତନାବିହୀନ ପରିତ୍ୟକ୍ତ ମଣିଷର ଜୀବିତାବସ୍ଥାରେ ଆଲୋଡିତ ଗ୍ରହଣୀୟତା ଏକ ଅଲୌକିକ ବିଚାର ମାତ୍ର ।

ଅର୍ଥାତ, ନାମର ସତ୍ତା, ସଂଜ୍ଞାବିହୀନ ସମାଜରେ କୌଣସି ନାମକୁ ନେଇ ନିଜର ଭାବଧାରା ବିଚଳିତ କରିବା ହେଉ କିମ୍ବା ନିଜସ୍ୱ ନାମର ଅକ୍ଷୁର୍ଣ୍ଣତା ଉପରେ ବିଚାର ଏକ ଅପ୍ରାକୃତିକ, ଅମାନବୀୟ ବିଚାରଧାରାଜନିତ କ୍ଳେଶଯୁକ୍ତ ଦୃଷ୍ଟିକୋଣ ଛଡା ଅନ୍ୟ କିଛି ହୋଇ ନ ପାରେ । ଏହି ତତ୍ତ୍ୱର ଗହନ ବିଶ୍ଳେଷଣ କରି ସାଧାରଣ ଜନମାନସରେ ମାନବୀୟ ଚେତନା ଉଦୟ କରିବା ଲକ୍ଷ୍ୟ ରଖିଥିବା ସତ୍ୟ, ସାଧୁ ସନ୍ଥଗୁଡିକ ଆଜି ସମୟରେ ନଥିବା ବେଳେ ସମୟସ୍ରୋତରେ ପାଶ୍ଚାତ୍ୟର କଳୁଷିତ ଭାବଧାରାଗୁଡିକ ଭାରତୀୟମାନଙ୍କୁ ଯେଉଁ ସ୍ତରକୁ ଟାଣି ଆଣିଲାଣି ସେଇଥିରେ ଭାଗିଦାରିତା କରୁଥିବା ଆମ ଦେଶର ଶୀର୍ଷ ସ୍ଥାନିତ ବ୍ୟକ୍ତିମାନଙ୍କ ସ୍ଥାନ ଏକ ଭିନ୍ନ ସ୍ତରରେ । ତେଣୁ ସାଧାରଣ ଲୋକଗୁଡିକ ସମୟଚକ୍ରର ପ୍ରବାହିତ ଭାବଧାରା ସହିତ ନିଜକୁ ସମାନ୍ତରାଳ ନକରି ଆଲୋଡ଼ନାତ୍ମକ ବିଚାରଶୀଳତା ଦୃଷ୍ଟିକୋଣ ସୃଷ୍ଟି କରିବା ପାଇଁ ଚେଷ୍ଟିତ ରହିବା ଆବଶ୍ୟକ । ଆଲୋଡ଼ନାତ୍ମକ ତଥ୍ୟାନୁସାରଣ ବିଚାର ଜାଗ୍ରତ କରାଗଲେ ସତ୍ୟର ପ୍ରଚ୍ଛଦପଟରେ ରହିଥବା ବାସ୍ତବତା ଅନୁଭବ କରିହେବ । ଷଡ଼ଯନ୍ତ୍ରୀଙ୍କ ମାୟାର ନେପଥ୍ୟରେ ରହିଥବା ପ୍ରତାରଣାକୁ ବୁଝି ସତ୍ୟକୁ ଜାଣିହେବ । ଅଥବା ଦୁଷ୍ଟ ଚତୁରଙ୍କ ଷଡ଼ଯନ୍ତ୍ରୀକ ମାୟାରେ ଛନ୍ଦିହୋଇ ପିଢ଼ିକୁ ପିଢ଼ି ନିଷ୍ପେସିତ ହୋଇଆସୁଥିବା ଆମ ଦେଶର ପରମ୍ପରା ସୁଧୁରିବା ବିପରୀତେ ସମସ୍ତଙ୍କୁ ପ୍ରତାରିତ କରି ଚାଲିଥିବ ବୋଲି ଆମ ବିଚାରରେ ଆପଣଙ୍କ ଅନୁଭବ ବ୍ୟକ୍ତ କରିବେ ବୋଲି ଆଶା!

**ପଙ୍କଜ କୁମାର ପାଣିଗ୍ରାହୀ,** ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ, ଦୂରଭାଷ: ୯୪୩୭୩୨୪୯୧୭

# ବିଧାନସଭା କ'ଣ କୁରୁକ୍ଷେତ୍ର ?

ମାୟାଧର ନାୟକ

**ଆ**ମର ଏ ପ୍ରିୟ ରାଜ୍ୟ ଓଡିଶା ଖଣିଜ, ବନ, ଜଳସମ୍ପଦର ବିଶାଳ ଭଣ୍ଡାର । କିନ୍ତୁ ଶିଳ୍ପ ଓ କୃଷି କ୍ଷେତ୍ରରେ ଆଶାନୁରୂପ ଅଗ୍ରସର ହୋଇପାରୁନାହିଁ । ଓଡିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଧିକାଂଶ ଜମିରେ ବର୍ଷକୁ ଗୋଟିଏ ଫସଲ ଅମଳ ହୁଏ । ତା' ପୁଣି ବର୍ଷାର ଦୟା ଉପରେ ହିଁ ନିର୍ଭର କରେ। ଜଳର ପ୍ରାଚୁର୍ଯ୍ୟ ଥିଲାବେଳେ ଜଳସେଚନର ସୁବିଧା ନାହିଁ। ବାତ୍ୟା, ବଢି, ମରୁଡିରେ କବଳିତ ଓଡିଶାର ଚାଷୀ ଓ କୃଷି ଶ୍ରମିକ ନିହାତି ହୀନିମାନିଆ ଅବସ୍ଥାରେ ଦିନ କଟାନ୍ତି । ଚାରିଆଡେ ନଦୀନାଳ, ମାଟି ତଳେ ପାଣି, ମାଟି ଉପରେ ପାଣି, କିନ୍ତୁ ଚାଷ ଜମିକୁ ଜଳ ନାହିଁ । ଏପର୍ଯ୍ୟନ୍ତ ଜଳ ଭଣ୍ଡାର ଓ ଜଳସେଚନରୁ ଯାହାକିଛି ଜମି ଚାଷ କରାଯାଉଛି, ତାହା ନଗଣ୍ୟ । ଯେ ପର୍ଯ୍ୟନ୍ତ ଚାଷ ପାଇଁ ପର୍ଯ୍ୟାପ୍ତ ଜଳସେଚନର ବ୍ୟବସ୍ଥା କରାନଯାଇଛି, ସେ ପର୍ଯ୍ୟନ୍ତ କୃଷିର ବିକାଶ ହେବା ଅସମ୍ଭବ । କୃଷିର ବିକାଶ ନ ହେଲେ ଦାରିଦ୍ର୍ୟ ଘୁଂଚିବ କିପରି ?

ଓଡିଶାରେ ଛୋଟ ଚାଷୀ, ଭୂମିହୀନଙ୍କ ସଂଖ୍ୟା ବଢିବାରେ ଲାଗିଛି । ଯେଉଁମାନଙ୍କ ପାଖରେ ଅଳ୍ପ ଜମି ଅଛି–ସେମାନେ ସମ୍ବଳ, କୌଶଳ ଖଟାଇ ଚାଷ ଉଠାଇବା କଷ୍ଟକର ହୋଇପଡିଛି । ଜମି ଧୀରେ ଧୀରେ ବଡ ଚାଷୀ ଓ ଶିଳ୍ପପତିମାନଙ୍କ ଦ୍ୱାରା କବଳିତ ହେବାରେ ଲାଗିଛି । ଚାଷରୁ ଲାଭ ପାଉନାହାନ୍ତି ବୋଲି ଅଧିକାଂଶ ଗ୍ରାମରୁ ଲୋକମାନେ କାମଧନ୍ଦା ଅନ୍ୱେଷଣରେ ଓଡିଶା ବାହାରକୁ ପଳାଇଯାଉଛନ୍ତି ।

୧୩ରୁ ୩୦ରେ ପହଂଚିସାରିଛି ଓଡିଶାର ଜିଲ୍ଲା ସଂଖ୍ୟା କାହିଁ କେଉଁଦିନୁ । ହେଲେ ଅନେକ ଅଦଳବଦଳ ସମେତ ସୀମା ନିର୍ଦ୍ଧାରଣ ସରିଥିବା ସତ୍ତ୍ୱେ ଓଡିଶାରେ ନିର୍ବାଚନମଣ୍ଡଳୀମାନ ସୀମିତ ରହିଛି ସେଇ ୧୪୭ ସଂଖ୍ୟାର ଶିକୁଳି ମଧ୍ୟରେ ।

ଜିଲ୍ଲା ବଢିଲା, ମାତ୍ର ବଢିପାରିଲାନି ନିର୍ବାଚନମଣ୍ଡଳୀ। ୧୪୭ ବିଧାୟକଙ୍କୁ ନେଇ ଓଡିଶା ବିଧାନସଭାର ବହୁ ବିତର୍କିତ ବ୍ୟାପାର ଆମକୁ ମନେପକାଇଦିଏ ସେଇ ପୁରାଣ-ପୂର୍ତ୍ତ କୌରବ-ପାଣ୍ଡବ କଳହରେ କଳଙ୍କିତ କୁରୁକ୍ଷେତ୍ର କଥା। ଇଏ ହେଉଛି ସେଇ ବିଡମ୍ବିତ ବିଧାନସଭା, ଯେଉଁଠି ଚା' କପ୍‌ରେ ଝଡ ଉଠେ ମୁହୂର୍ତ୍ତକ ମଧ୍ୟରେ । ବିଧା ବର୍ଷଣରେ ବନ୍ୟତାର ବନ୍ୟା, ଗାଳି ଗର୍ଜନରେ ଗୋରୁହାଟରେ ଗଣ୍ୟା ଏ ସଭା ଭଙ୍ଗ କରେ ସମସ୍ତ ବିଧାନ – ଦୂରଦର୍ଶନ ସୌଜନ୍ୟରୁ ଅଛପା ହୋଇ ରହିପାରେନା ଏଭଳି ଅଭାବନୀୟ ଅତିନାଟକୀୟତା!

୩୦ ଜିଲ୍ଲାର ୧୪୭ ନିର୍ବାଚନମଣ୍ଡଳୀରୁ ବିଧାନସଭାର ସଭ୍ୟ ଆସନ ମଣ୍ଡିଥିବା ଉକ୍ତ ମାନ୍ୟଗଣ୍ୟ ମହାଶୟମାନେ ଏମିତି ଉନ୍ନତ ହୋଇପାରନ୍ତି କେମିତି? ନିଜ ନିଜ ଦଳକୁ ନେଇ ନିନ୍ଦନୀୟ ଦ୍ୱନ୍ଦ୍ୱଯୁଦ୍ଧରେ ଏମିତି ଯଦୁବଂଶୀ ଯଥେଚ୍ଛାଚାରିତାର ପ୍ରମତ ପ୍ରଦର୍ଶନ କରିପାରନ୍ତି କେମିତି ? ୧୪୭ ନିର୍ବାଚନମଣ୍ଡଳୀର ନଖଦର୍ପଣରେ କ'ଣ ଦୁଃଖିନୀ ଓଡିଶା ମାଆର ମୁହଁଟି ଦିଶିପାରେନାହିଁ ମୋଟେ ?



ଆମର ଏ ଅନ୍ନପୂର୍ଣ୍ଣା ମାଆ ଓଡିଶାମାଟି ୧୪୭ ବିଧାୟକଙ୍କ ସୌଖିନ୍ ଡ୍ରଇଂରୁମ୍‌ର କାନ୍ଥରେ କ'ଣ କେବଳ ଫିମ୍ପିମରା ପଟ୍ଟଚିତ୍ର? ମହାପାତ୍ରମାନଙ୍କ ମାର୍ବଲ୍ ମହଲଗୁଡାକରେ ଟଙ୍ଗା ହୋଇଥିବା ମୌନ ମାନଚିତ୍ର? ଭୋକର ଭୂଚିତ୍ର?

ଆଜି ଦଳ ନେଇ ଦଳାଦଳି। ଦଳଗାଡିଆରେ ଶାସକ ପକ୍ଷରୁ ବିରୋଧୀବର୍ଗକୁ ବଳାବଳି । ସଚିବାଳୟର ସଦରଦର୍ଜା ସାମ୍ନାରେ ଶୋଭାଯାତ୍ରାକାରୀ ସଂଗଠନ ସମୂହଙ୍କ ମହାମେଳି । କେତେ ଦାବୀ ଦବିଯାଏ ସ୍ୱୈରାଚାରୀ ଶାସନର ସ୍ୱାର୍ଥରକ୍ଷା ପାଇଁ । କେତେ ଅନୁନୟ ଅସଫଳ ହୋଇ ରହିଯାଏ ଅନୁଚିତ ଉପେକ୍ଷାରେ । ଜଳକା ଜନତା ବଳକା ବ୍ୟଥାରେ ବିତାଉଥାଏ ବିଫଳ ଜୀବନ ।

ଗରିବମାନଙ୍କ ଗଡଜାତ, ଗାଉଁଲୀମାନଙ୍କ ଗାଆଁ, ମୂର୍ଖମାନଙ୍କ ମଫସଲ, ମୂଢମାନଙ୍କ ମୋଗଲବନ୍ଦି, ଜନଜାତିମାନଙ୍କ ଜଙ୍ଗଲ ଜମିକୁ ନେଇ ସମୁଦ୍ରଠୁ ପାହାଡ ପର୍ଯ୍ୟନ୍ତ ପ୍ରସାରିତ ଏକ ପ୍ରବଂଚିତ ପ୍ରକୃତିପ୍ରତିମା ଏ ଓଡିଶା । କେନ୍ଦୁପତ୍ରଠୁ କୁନ୍ଦପୁଷ୍ପଯାଏଁ, ତାଳବେଣେଇଠୁ ଶାଳବଣଯାଏଁ, ଘାଟଘେରିଠୁ ଘାଟିମୁଲକଯାଏଁ ବାଟିବାଟି ବିଲବାସ୍ନାର ବିହ୍ୱଳ ଭୂମିକା ଏ ଓଡିଶା । ଏଠି ଖଣି ଅଛି, ମଣି ଅଛି, କ୍ଷେତ ଅଛି, ନେତ ଅଛି, ନଦୀ ଅଛି, ବେଦୀ ଅଛି, ମଠ ଅଛି, ପୀଠ ଅଛି, ମୂର୍ତ୍ତି ଅଛି, କୀର୍ତ୍ତି ଅଛି - ନାହିଁ କ'ଣ? ନାହିଁ ଖାଲି ମନ । ଓଡିଶାକୁ ଓଡିଆମାନଙ୍କର ବୁକୁଭରି ଭଲପାଇବାର ଭରପୂର୍ ମନ ।

୧୪୭ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇ ଆସୁଥିବା ବିଧାୟକବର୍ଗ– ମନେହେଉଛି, ଯେମିତି ବିଧାନସଭାକୁ ବୁହା ହୋଇ ଆସୁଛନ୍ତି ଓଡିଶାରୁ ନୁହେଁ, ଓଡିଶା ବାହାରୁ! କାହିଁକିନା କଦବା କେମିତି ନିଜନିଜ ନିର୍ବାଚନମଣ୍ଡଳୀର ନାଆଁ ସିନା ସେମାନେ ଧରୁଛନ୍ତି ଗଣମାଧ୍ୟମ ଆଗରେ, ମାତ୍ର ଗୋଟାପଣେ ଓଡିଶାର ସମ୍ବୋଧନ ସେମାନଙ୍କ ସ୍ୱରଶବ୍ଦରେ ଶୁଣାଯାଉଛି କି ଥରଟିଏ?

ଲଙ୍କାରେ ପଛେ ହରିନାମ ଶୁଭିପାରେ ରକ୍ଷିତ ରାକ୍ଷସମାନଙ୍କ ମୁହଁରେ, ହେଲେ ଓଡିଶା ବିଧାନସଭାରେ 'ଓଡିଶା' ନାଆଁଟି ଶୁଭୁଛି କି ଆମ ବିଧାୟକବର୍ଗଙ୍କ ଉକ୍ତିପ୍ରତ୍ୟୁକ୍ତିରେ? ଓଡିଶାର ବିଧାୟକବର୍ଗ ଭୁଲିଯାଇଛନ୍ତି ଓଡିଶାକୁ – ନିଜ ନିର୍ଯାତିତା ନୀଳମାଧବୀକୁ ।

ଶବରମାନଙ୍କ ଖବର, କନ୍ଧମାନଙ୍କ କାହାଣୀ, କୋହ୍ଲମାନଙ୍କ କୋହ, ଜୁଆଙ୍ଗମାନଙ୍କ ଯନ୍ତ୍ରଣା, ମୁଣ୍ଡାମାନଙ୍କ ମୁହାଁସ, ପରଜାମାନଙ୍କ ପରାସ, ବଣ୍ଡାମାନଙ୍କ ବ୍ୟଥା, କୁଇମାନଙ୍କ କଥା କେଉଁ ଓଡିଶାର ଗିରିକନ୍ଦରକୁ ଚିରିଦେଉଥାଏ ଚିରକାଳ? ପ୍ରଜା, ପ୍ରଜାତି, ଜନଜାତିର ଅସୁମାରି ଆକାଙ୍କ୍ଷା କେଉଁ ଓଡିଶାର ଚିତ୍ରପଟରେ ଅଙ୍କା ହେଉଥାଏ ଅବିକଳ? କେଳା, କୈବର୍ତ୍ତ, କୁମ୍ଭାର, କମାର, ଚଷା, ଚମାର, ଗୋପାଳ, ଗୋଚ୍ଛାୟତ, କ୍ଷତ୍ରୀ, ଖଣ୍ଡାୟତ, ନାହାକ, ନାପିତ, ସାହୁ, ସେବାୟତ ଇତ୍ୟାଦି ଶତାଧିକ କୁଳ ଓ ବର୍ଗର ଭାଷା-ଉପଭାଷା କେଉଁ ଓଡିଶାର ଲୋକସଂସ୍କୃତିକୁ ଏକାଠି କରୁଥାଏ ସେକାଳରୁ ଏକାଳ ?

ଓଡିଶାକୁ ମହାଜନମାନେ ଏବେ ବି ଅଣ୍ଡାଳି ଚାଲିଛନ୍ତି ଖାତକର ଖତଗଦାରେ । ବେଠି-ବେକାରି-ବେରୋଜଗାରିରେ ବେଦମ୍ ଏ ବାଦାମୀ ଭୂଇଁ । ଝଡି-ବଢି-ମରୁଡିରେ ଝୋଲାମରା ଏ ଖୋଲାମାଟି । ବନ୍ଧ ନାହିଁ, ବାଡ ନାହିଁ-ନଈନାଳର ଏ ନୁଆଁଣିଆ ନୈରାଜ୍ୟରେ । କେନ୍ଦ୍ରର କବାଟ ସାମ୍ନାରେ କରୁଣ କେନ୍ଦରା ବଜାଉଥିବା ନାଥଯୋଗୀର ଅନାଥ ଅନ୍ତଃସ୍ୱର !

ଗବେଷକମାନେ ଏ ଓଡିଶାକୁ ତଲାସ କରନ୍ତି ତାଳପତ୍ରରେ-ପର୍ଯ୍ୟଟକମାନେ ତାକୁ ଭଙ୍ଗାରୁଜା ମୂର୍ତ୍ତି ଭାବରେ ଭେଟନ୍ତି ପରିତ୍ୟକ୍ତ କେଉଁ ମନ୍ଦିରଗାତ୍ରରେ–ସାମ୍ବାଦିକମାନେ ତାର ଶୋକାର୍ତ୍ତ ସାକ୍ଷାତକାର ନିଅନ୍ତି ଅନାହାରୀ ଅପନ୍ତରାର ଅଜ୍ଞାତ ଅନ୍ନଛତ୍ରରେ! ଐତିହାସିକମାନେ ଓଡିଶାକୁ ଠାବ କରନ୍ତି ଐରାବତର ଅରଣ୍ୟରେ ଏବଂ ରାଜନୈତିକ ରକ୍ତବାହୁମାନେ ତାକୁ ବରାବର ଧର୍ଷଣ କରନ୍ତି ଲୁପ୍ତଲୁଣ୍ଠିତ ରାଜକୋଷର ଗୁପ୍ତ ଗୋଦାମରେ! ଓଡିଶା ପାଇଁ-ପରୁଆ ନାହିଁ । ବେପରୁଆ ବେପାରୀବର୍ଗର ପଣବନ୍ଦିନୀ ଗଣନର୍ତ୍ତକୀଟିଏ ପାଲଟିବାକୁ ଯାଉଛି ଏ ବୁନିଆଦ୍ ଭୂଇଁ!

ସତ କହିବାକୁ ଗଲେ ଅତୀତର ବିଧର୍ମୀ ବାହିନୀର ବିପକ୍ଷତା ବା ବର୍ତ୍ତମାନର ମାଓବାଦୀ ସଂଗଠନର ଆକ୍ରମଣ ଦ୍ୱାରା ଓଡିଶା ଯେତେ କ୍ଷତିଗ୍ରସ୍ତ ହୋଇନାହିଁ, ତା' ଅପେକ୍ଷା ଆହୁରି ଅଧିକ କ୍ଷୟକ୍ଷତିରେ ଆକ୍ରାନ୍ତ ହୋଇସାରିଛି ନିଜର ରାଜନୈତିକ ରଣକୌଶଳୀ ଶଠମାନଙ୍କ ଦ୍ୱାରା ! ଆଜିର ଏ ଚଂଚକ ନେତାମାନେ ହେଉଛନ୍ତି ପ୍ରକୃତରେ ଓଡିଶାର ପ୍ରଳୟଙ୍କର ପ୍ରତିପକ୍ଷ! ବେଳ ଆସିଲେ ଏମାନେ ବିନା ଦ୍ୱିଧାରେ ଓଡିଶାକୁ କ୍ରୀତଦାସୀ କରି ରପ୍ତାନୀ କରିଦେଇପାରନ୍ତି–ବିଦେଶୀ କମ୍ପାନୀର ବ୍ଲାକ୍‌ମାର୍କେଟକୁ ।

ଓଡିଶା ଆଜି ଏଇ ରାଜନୈତିକ ବୈଶ୍ୟମାନଙ୍କ ନାରକୀୟ ନେଟ୍‌ୱାର୍କ୍‌ର ନମ୍ବର-ୱାନ୍ ନୂଆଶିକାର୍...ଟ୍ରାଜିକ୍ ଟାର୍ଗେଟ୍! ଓଡିଶା ଏବେ ପାଲଟିଛି କୁଶଳୀ କଂସାଇମାନଙ୍କ କୁଶ କଅଁଳୁ ନ ଥିବା ନବ୍ୟ ନରକ ।

ନର୍କ-ଓଡିଶାକୁ ସ୍ୱର୍ଗ କରାଯାଇପାରିବ- ଯଦି ଦଳମତ ନିର୍ବିଶେଷରେ ଏକଜୁଟ ହୋଇପାରନ୍ତି ୧୪୭ ନିର୍ବାଚନମଣ୍ଡଳୀର ଜନପ୍ରତିନିଧିମାନେ। ନହେଲେ ନାରା ଉଠିପାରେ: ଓଡିଶାକୁ ଯଦି ନକରିବ ସ୍ୱର୍ଗ– ବିଦା ହୋଇଯାଅ ବିଧାୟକବର୍ଗ!

*-ଯାଜପୁର ରୋଡ, ଯାଜପୁର*
*ମୋ : ୯୮୬୧୦୩୪୧୬୩*

***ଗବେଷକମାନେ ଏ ଓଡିଶାକୁ ତଲାସ କରନ୍ତି ତାଳପତ୍ରରେ-ପର୍ଯ୍ୟଟକମାନେ ତାକୁ ଭଙ୍ଗାରୁଜା ମୂର୍ତ୍ତି ଭାବରେ ଭେଟନ୍ତି ପରିତ୍ୟକ୍ତ କେଉଁ ମନ୍ଦିରଗାତ୍ରରେ– ସାମ୍ବାଦିକମାନେ ତାର ଶୋକାର୍ତ୍ତ ସାକ୍ଷାତକାର ନିଅନ୍ତି ଅନାହାରୀ ଅପନ୍ତରାର ଅଜ୍ଞାତ ଅନ୍ନଛତ୍ରରେ! ଐତିହାସିକମାନେ ଓଡିଶାକୁ ଠାବ କରନ୍ତି ଐରାବତର ଅରଣ୍ୟରେ ଏବଂ ରାଜନୈତିକ ରକ୍ତବାହୁମାନେ ତାକୁ ବରାବର ଧର୍ଷଣ କରନ୍ତି ଲୁପ୍ତଲୁଣ୍ଠିତ ରାଜକୋଷର ଗୁପ୍ତ ଗୋଦାମରେ! ଓଡିଶା ପାଇଁ-ପରୁଆ ନାହିଁ। ବେପରୁଆ ବେପାରୀବର୍ଗର ପଣବନ୍ଦିନୀ ଗଣନର୍ତ୍ତକୀଟିଏ ପାଲଟିବାକୁ ଯାଉଛି ଏ ବୁନିଆଦ୍ ଭୂଇଁ! ସତ କହିବାକୁ ଗଲେ ଅତୀତର ବିଧର୍ମୀ ବାହିନୀର ବିପକ୍ଷତା ବା ବର୍ତ୍ତମାନର ମାଓବାଦୀ ସଂଗଠନର ଆକ୍ରମଣ ଦ୍ୱାରା ଓଡିଶା ଯେତେ କ୍ଷତିଗ୍ରସ୍ତ ହୋଇନାହିଁ, ତା' ଅପେକ୍ଷା ଆହୁରି ଅଧିକ କ୍ଷୟକ୍ଷତିରେ ଆକ୍ରାନ୍ତ ହୋଇସାରିଛି ନିଜର ରାଜନୈତିକ ରଣକୌଶଳୀ ଶଠମାନଙ୍କ ଦ୍ୱାରା ! ଆଜିର ଏ ଚଂଚକ ନେତାମାନେ ହେଉଛନ୍ତି ପ୍ରକୃତରେ ଓଡିଶାର ପ୍ରଳୟଙ୍କର ପ୍ରତିପକ୍ଷ! ବେଳ ଆସିଲେ ଏମାନେ ବିନା ଦ୍ୱିଧାରେ ଓଡିଶାକୁ କ୍ରୀତଦାସୀ କରି ରପ୍ତାନୀ କରିଦେଇପାରନ୍ତି–ବିଦେଶୀ କମ୍ପାନୀର ବ୍ଲାକ୍‌ମାର୍କେଟକୁ ।***

# ହେ ଅସହିଷ୍ଣୁ ମଣିଷ ମାନେ...

***"ସଫଳତା କେବେହେଲେ ଏକ ସହଜ ରାସ୍ତାର ବାଟ ନୁହେଁ, ସଂଘର୍ଷ ଆଉ ପରିଶ୍ରମର ଏକ ଆଦ୍ୟ ଓଁକାର ହେଉଛି ସଫଳତା । କଣ୍ଟକିତ ପଥ ଆଉ ଅସୀମ ଲକ୍ଷ୍ୟକୁ ଭେଦ କରି ସଫଳତାର ସ୍ୱାଦ ଚାଖିବାର ଅନୁଭୂତି କେବଳ ଅନୁଭବୀ ମଣିଷ ହିଁ ବଖାଣିପାରେ । କିନ୍ତୁ ସଫଳତାକୁ ସହିପାରୁନଥିବା ମଣିଷ କେବେ ଭଲ ନଜରରେ ଏହାକୁ ଦେଖିପାରନ୍ତିନି କି ସଫଳତାର ସେ ମଧୁର ସ୍ପର୍ଶ ବି ପାଇପାରନ୍ତିନି ।"***



ଜୀବନ ଓ ମୃତ୍ୟୁର ଏହି ଚିରନ୍ତନ ସତ ମଧ୍ୟରେ ମଣିଷ ନିୟତିଙ୍କ ସର୍ଜନାରେ ଏକ ବିଚିତ୍ର ସୃଷ୍ଟି ବୋଲି ପରିଗଣିତ ହୁଏ। କାରଣ ମଣିଷର ହିତାହିତଜ୍ଞାନଠାରୁ ଆରମ୍ଭ କରି ବୁଦ୍ଧି, ବିବେକ ଓ ବିଚାର ଯାଏଁ ସବୁଥିରେ ଏହା ସମସ୍ତଙ୍କଠାରୁ ବେଶ ସ୍ୱତନ୍ତ୍ର। ସେ କଷ୍ଟକୁ ଅନୁଭବ କରିପାରେ, ସଫଳତା ପାଇବାକୁ ସଂଘର୍ଷ ବି କରିପାରେ। ସେଥିପାଇଁ ଏକ ସାମାଜିକ ପ୍ରାଣୀ ଭାବେ ବିଦିତ ଏ ମନୁଷ୍ୟ ସମାଜ। କିନ୍ତୁ ମଣିଷର ହାତର ପାଂଚଟି ଆଙ୍ଗୁଳି ସମାନ ନଥିବା ପରି ସବୁ ମଣିଷଙ୍କ ବ୍ୟବହାର, ଆଚାର ବିଚାର ବି ସମାନ ନଥାଏ। କିଏ ସଫଳତା ପାଇ ଅନ୍ୟକୁ ସଫଳ କରିବାକୁ ଖୋରାକ ଯୋଗାଉଥାଏ ତ ଆଉ କେବେ ସେହି ସଫଳ ମଣିଷ ଆଉ କିଏ ଯେମିତି ସଫଳତା ନପାଉ ସେଥିପାଇଁ ଅନବରତ ଲାଗି ରହିଥାଏ। ଏସବୁ ବର୍ତ୍ତମାନ ସମୟର ଏକ ନିତିଦିନିଆ ଘଟଣା। ଜଣେ ପରିପକ୍ୱ ଅନୁଭବୀ ମଣିଷ ଏସବୁ କଥାକୁ ସହଜରେ ପରଖିପାରେ। କାରଣ ଆମ ଭିତରେ ଏମିତି ଅନେକ ଅଛନ୍ତି ଯେଉଁମାନେ ଅନ୍ୟର ସଫଳତାକୁ ସହଜରେ ହଜମ କରିପାରନ୍ତିନି। ସେମାନଙ୍କ ଦେହରେ ସଫଳତାର ଶବ୍ଦ ଯେମିତି କାକ୍‌ଟସର କଣ୍ଟା ପରି ଫୋଡ଼ି ହୋଇଯାଏ। ସେଥିପାଇଁ ଈର୍ଷାରେ ଜଳିଜଳି ସେମାନେ କାପୁରୁଷତାର ପରିଚୟ ଦିଅନ୍ତି। ଏମାନଙ୍କର ଏମିତି ଅଭ୍ୟାସକୁ ନିରିଖେଇଲେ ଏମାନଙ୍କୁ ମଣିଷ ପଦବାଚ୍ୟ ବୋଲି କହିବାକୁ ବି ନିଜକୁ ଖରାପ ଲାଗେ। କେବଳ ମୁଁ ନୁହଁ ମୋ ପରି ଅନେକ ଏମିତି ମଣିଷମାନଙ୍କ ସଂସ୍ପର୍ଶରେ ଆସିଥିବେ ବୋଲି ମୋର ବିଶ୍ୱାସ। ଏମିତି ମଣିଷଙ୍କଠାରୁ ଦୂରରେ ରହିବା ଏବଂ ଏମାନଙ୍କ କଥାକୁ ଗୋଟିଏ ସେକେଣ୍ଡ ଯାଏଁ ନଭାବିବା ଆଉ ଏମାନଙ୍କ କାର୍ଯ୍ୟକୁ ଆଖି ବୁଲେଇ ନ ଦେଖିବା ହିଁ ମୋ ଲେଖିବାର ଅଭିପ୍ରାୟ । କଥାରେ ଅଛି ବିଦ୍ୟା ଦଦାତି ବିନୟମ୍ । ଅର୍ଥାତ ବିଦ୍ୟା ବିନୟ ପ୍ରଦାନ କରେ। କହୁଯାଏ ଜ୍ଞାନ ବାଣ୍ଟିଲେ ବଢ଼େ। ପରନ୍ତୁ ବର୍ତ୍ତମାନ ସମୟରେ ଜ୍ଞାନ ବାଣ୍ଟିବା ତ ଦୂରର କଥା, ଜ୍ଞାନ ନଥିବା ବ୍ୟକ୍ତି ଏବେ ନିଜକୁ ମହାପୁରୁଷ ବନେଇବା ପାଇଁ ପ୍ରାଣପ୍ରଣେ ଉଦ୍ୟମ କରୁଛନ୍ତି। ସେମାନଙ୍କ ଏପରି ଉଦ୍ୟମକୁ ଆମେ ସମ୍ମାନ ଦେବା ଆବଶ୍ୟକ। ଯାହା ହେଉ ଧାଡ଼ିଏ ଲେଖିବା ଅବା ପଦିଏ କହିବାର ଯୋଗ୍ୟତା ନଥିବା ବ୍ୟକ୍ତି ବିଶେଷ ନିଜକୁ ମହନୀୟତାର ପରିଚୟ ପ୍ରଦାନ କରିବାକୁ ସତଚେଷ୍ଟିତ। ସା ବିଦ୍ୟା ଯା ବିମୁକ୍ତୟେ। ଅର୍ଥାତ ବିଦ୍ୟା ତାହା ଯିଏ ମୁକ୍ତି ପ୍ରଦାନ କରେ। ଜଣେ ଜ୍ଞାନୀ ଆଉ ଗୁଣି ବ୍ୟକ୍ତି କେବେ ଅହଂକାରର ବଶବର୍ତ୍ତୀ ହୁଅନ୍ତିନି। କାରଣ ତାଙ୍କ ପାଖରେ ଏ ଦୁନିଆର ସବୁଠାରୁ ବଡ଼ ଆଉ ଦୁର୍ଲଭ ଜିନିଷ –ବିଦ୍ୟା ଅଛି। ସେ ଯେକୌଣସି ସ୍ଥାନକୁ ଗଲେ ନିଜକୁ ଖାପଖୁଆଇ ଚଳିପାରିବ। କିନ୍ତୁ ସେମାନଙ୍କର ସଫଳତାକୁ କିଛିଟା ଲୋକ ହଜମ କରିପାରନ୍ତିନି। ଏହି ହଜମ କରିପାରୁନଥିବା ମଣିଷଗୁଡ଼ିକର ଆମ ସମାଜରେ ଅଭାବ ନାହି। ଆପଣ ଏମାନଙ୍କୁ ପ୍ରତି ଘରେ, ପ୍ରତି କ୍ଲାସରୁମରେ, ନିଜ ସାଙ୍ଗସାଥୀ ଭିତରେ ବି ସହଜରେ ଖୋଜି ପାଇପାରିବେ। ଏମାନଙ୍କୁ ଖୋଜିବା ପାଇଁ ସମୟ ଆବଶ୍ୟକ ପଡ଼େନି। ଏମାନଙ୍କ ରଙ୍ଗ, ଢ଼ଙ୍ଗ ହିଁ ଏମାନଙ୍କୁ ସ୍ୱତଃ ପରିଚିତ କରିଦିଏ। କିଏ ଟିକେ ଆଗକୁ ଗଲେ ତା' ଗୋଡ ଟାଣିବା ଏମାନଙ୍କ ପ୍ରବୃତ୍ତି। କାରଣ ସେମାନେ ଜାଣିଥା'ନ୍ତି କି କେବେହେଲେ ଆଗକୁ ଯାଇପାରିବେନି। ଏମିତି ମଣିଷମାନେ ଏବେ ଶହ ଶହ, ହଜାର ହଜାର ସଂଖ୍ୟାରେ ଦୃଶ୍ୟମାନ। ପ୍ରଦୀପର ଶିଖା ଆମକୁ ଆଲୋକ ପ୍ରଦାନ କରେ। କିନ୍ତୁ ସେ ଶିଖାକୁ ସହି ପାରୁନଥିବା କିଛିଟା ଅସହିଷ୍ଣୁ ପୋକ ତାହାକୁ ଲିଭେଇବା ପାଇଁ ବାରମ୍ବାର ଚେଷ୍ଟା କରନ୍ତି। କିନ୍ତୁ ଫଳ ଓଲଟା ହୁଏ। ସେ ଜାଜ୍ୱଲ୍ୟମାନ ଶିଖାରେ ପୋଡ଼ି ହୋଇ ମରିବା ହିଁ ସାର ହୁଏ। ସେମିତି ସଫଳତାକୁ ସହିପାରୁନଥିବା ବ୍ୟକ୍ତିବିଶେଷ ଜଣଙ୍କୁ ଫସାଇବା ହେଉ କି ଗୋଡ଼ ଟାଣିବା ହେଉ ଯାହା ବି କଲେ ଫଳ ଓଲଟା ହୁଏ। ସଫଳତା କାହା ଘରର ସମ୍ପତ୍ତି ନୁହେଁ। ଏହା କଷ୍ଟଅର୍ଜିତ ତଥା ସଂଗ୍ରାମ ଆଉ ସଂଘର୍ଷର ପରିଭାଷା। ଜଣେ କେବେହେଲେ ସହଜରେ ଶୀର୍ଷ ଛୁଇଁପାରେ ନାହିଁ। ଏଥିପାଇଁ ଆବଶ୍ୟକ ନିରନ୍ତର ଉଦ୍ୟମ। ଆଉ ଜଣେ ସଫଳ ମଣିଷର ସଫଳତାକୁ ଭାଙ୍ଗିବାଟା ଏତେ ସହଜ କଥା ନୁହେଁ। ଯିଏ ମାସ ମାସ ବର୍ଷ ବର୍ଷ ନିଜ ପରିଶ୍ରମକୁ ସାଥି କରି ଏହାକୁ ହାସଲ କରିଛି, ଏମିତି ଲକ୍ଷେ ଅସହିଷ୍ଣୁ ମଣିଷ ଆସିଲେ ବି ସେମାନଙ୍କୁ ହରେଇପାରିବେ ନାହିଁ। ଶିକ୍ଷା ତଥା ଜ୍ଞାନ ଏକ ସୃଜନ ପ୍ରତିବେଦନ। ଜଣେ ଶିକ୍ଷିତ ମଣିଷ ପାଖରେ ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ସାମୂହିକ ସ୍ୱାର୍ଥ ଅଧିକ ଥାଏ। ସମାଜର କଲ୍ୟାଣ ପାଇଁ ଯେଉଁ କାର୍ଯ୍ୟ ହୁଏ, ସବୁବେଳେ ଏମିତି ଅସହିଷ୍ଣୁ ମଣିଷମାନେ ସମାଲୋଚନା କରିବାକୁ ପଛାନ୍ତି ନାହିଁ। ସେମାନଙ୍କ କାମ ହିଁ ଜଣଙ୍କ ସଫଳତାକୁ ସହି ନପାରିବା। ଏମିତି ଅସହିଷ୍ଣୁମାନେ ଯେତେ ଚେଷ୍ଟାକଲେ ବି ସଫଳ ହୋଇପାରନ୍ତିନି। ଶିଖାକୁ ଲିଭେଇବା ପାଇଁ ପ୍ରାଣପ୍ରଣେ ଉଦ୍ୟମ କରି ଶେଷରେ ଜଳିଯାଆନ୍ତି। କଥାରେ ଅଛି ଯେ ପାଂଚେ ପରମନ୍ଦ, ତା' ମନ୍ଦ ପାଂଚନ୍ତି ଗୋବିନ୍ଦ। ଭଗବାନ ଏ ସୃଷ୍ଟିର ବାହକ। ତାଙ୍କ ପାଇଁ ଏ ଜୀବଜଗତର ଅୟମାରମ୍ଭ। ପରର ମନ୍ଦ ଚିନ୍ତା କରିବା ଅର୍ଥ ନିଜକୁ ବିପଦ ମୁହଁକୁ ଟାଣିବା। ଏସବୁ କଥା ଜାଣି ବି ଅସହିଷ୍ଣୁମାନେ ଅସହିଷ୍ଣୁତାର ସବୁସୀମା ଟପି ଯାଇ ନିଜକୁ ଶ୍ରେଷ୍ଠ ତଥା ଶୀର୍ଷରେ ପହଁଚିବାକୁ ଯଥାଚେଷ୍ଟା କରି ଶେଷରେ ହାର ମାନନ୍ତି। ସେମାନଙ୍କ ପାଇଁ ମୋର ପଦେ କଥା- ହେ ଅସହିଷ୍ଣୁ ମଣିଷଗଣ, ନିଜକୁ ସୁଧାର, ପରକୁ ହାତଦେଖାଇବା ଆଗରୁ ନିଜକୁ ବଦଳାଅ। ସଫଳତା ଭିତରେ ବିଫଳତା ନୁହେଁ ବରଂ ସଫଳ ହେବା ପାଇଁ ସଫଳ ମଣିଷଙ୍କର ନୀତିକୁ ଅନୁସରଣ କର। ତା'ହେଲେ ଯାଇ ଏ ମାନବ ଜନ୍ମର ସାର୍ଥକତା ପ୍ରତିପାଦିତ ହାଇପାରିବ। ସମୟ ଅଛି, ନିଜକୁ ପରିବର୍ତ୍ତନର ମାର୍ଗରେ ପରିଚାଳିତ କଲେ ହିଁ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ।

**ଡି ଶୁଭମ୍,** କୃଷି ସ୍ନାତକୋତ୍ତର , ମୃତ୍ତିକା ବିଜ୍ଞାନ, ସୋଆ, ଭୁବନେଶ୍ୱର, ମୋ-୯୪୩୮୪୬୭୦୭୯

# ଅନୁରାଗଯୁକ୍ତ ସାଧନା



**ପ୍ର**ତ୍ୟେକ ଜୀବନରେ ସ୍ୱପ୍ନ ଦେଖିଥାନ୍ତି ମହାନ୍ ହେବାପାଇଁ, ହେଲେ ବିଡ଼ମ୍ବନା ଏହା ଯେ ଏହି ସ୍ୱପ୍ନକୁ ସାକାର କରିବା ନିମନ୍ତେ ସେମାନଙ୍କ ନିକଟରେ ଦୃଢ଼ ଇଚ୍ଛାଶକ୍ତି ନଥାଏ । ଇଚ୍ଛାଶକ୍ତିକୁ ସାକାର କରିବାକୁ ହେଲେ ନିଜଭିତରେ ଆତ୍ମପ୍ରତ୍ୟୟବୋଧ ଜାଗ୍ରତ କରିବାକୁ ହେବ । ସାଧାରଣ ଭାବରେ କହିବାକୁ ଗଲେ ଦୃଢ଼ ଇଚ୍ଛାଶକ୍ତିହିଁ ଏହାର ଏକମାତ୍ର ଆୟୁଧ । ନରେନ୍ଦ୍ରନାଥ କଲିକତାର ଏକ ପ୍ରତିଷ୍ଠିତ କାୟସ୍ଥ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ପିଲାଦିନେ ନରେନ୍ଦ୍ର ପାଶ୍ଚାତ୍ୟ ଚିନ୍ତାଧାରାର ଦୃଢ଼ ଉପାସକ ଥିଲେ । ହେଲେ ପରବର୍ତ୍ତୀ ସମୟରେ ସେ ଭାରତୀୟ ସଂସ୍କୃତିର ଅଗ୍ରଦୂତ ରାମକୃଷ୍ଣ ପରମହଂସଙ୍କ ସଂସ୍ପର୍ଶରେ ଆସିବା ପରେ ତାଙ୍କର ବିଚାରଧାରା ସମ୍ପୂର୍ଣ୍ଣ ଭାବରେ ବଦଳି ଯାଇଥିଲା । ସେ ଏହି ନିଷ୍କର୍ଷରେ ପହଞ୍ଚିଥିଲେ ଯେ ଈଶ୍ୱରଙ୍କୁ ଜାଣିବାର ପ୍ରକୃତ ମାର୍ଗ ଅନୁରାଗଯୁକ୍ତ ସାଧନା । ଆପଣାର ଏହି ବିଚାରଧାରା ଭିତ୍ତିରେ ହିଁ ସେ ରାମକୃଷ୍ଣ ପରମହଂସଙ୍କର ଅତିପ୍ରିୟ ଶିଷ୍ୟ ହୋଇଯାଇଥିଲେ । ପ୍ରାରମ୍ଭରେ ସଂଯମ ଆଚରଣ ନିମିତ୍ତ ଯଥାସାଧ୍ୟ ଚେଷ୍ଟା କରିଥିଲେ, ହେଲେ ତାଙ୍କ ମନରେ ଏହି ବିଚାରଧାରା ସୃଷ୍ଟି ହୋଇଥିଲା ଯେ ଆଜି ଇନ୍ଦ୍ରିୟ ଲାଳସାର ପରିତୃପ୍ତି କରିନେବି, କାଲି ସଂଯମ ଆଚରଣ କରିବି । ଦୁର୍ବଳ ଇଚ୍ଛାଶକ୍ତି ସଂକଳ୍ପ ପାଳନରେ ଅଲଂଘ୍ୟ ପ୍ରାଚୀର ସଦୃଶ ଠିଆ ହେଲା । 'ଆଜି ନୁହେଁ ଆସନ୍ତା କାଲି'- ଏଇ ଭାବର ବଶବର୍ତ୍ତୀ ହୋଇ ଅନେକ ଦିନ ଚାଲିଗଲା । ଦିନେ ରାମକୃଷ୍ଣ ପରମହଂସଙ୍କ ନିକଟରେ ପହଞ୍ଚିଲେ ବାଳକ ନରେନ୍ଦ୍ର ନାଥ । ରାମକୃଷ୍ଣ ପ୍ରଶ୍ନ କଲେ- ତୁମେ କ'ଣ ମୋ ଭଳି ସଂକଳ୍ପ ରକ୍ଷାରେ ସମର୍ଥ ହୋଇପାରିବ? ସେହି ସମୟରେ ରାମକୃଷ୍ଣ, ନରେନ୍ଦ୍ରନାଥଙ୍କ ଦୁର୍ବଳତାକୁ ଲକ୍ଷ୍ୟକରି ସ୍ପଷ୍ଟଭାବରେ ସୂଚାଇ ଦେଇଥିଲେ ଯେ ସୁଖସୁବିଧା କାମନା, ଏହାର ପରିତୃପ୍ତି ଲାଳସା କସ୍ମିନକାଳେ ତାଙ୍କର ସଂକଳ୍ପ ପୂରଣରେ ସହାୟକ ହେବନାହିଁ । ସ୍ୱାମିଜୀଙ୍କର ଏହି କଥାରେ ସାରାରାତି ନରେନ୍ଦ୍ରନାଥଙ୍କ ଆଖିକୁ ନିଦ ଆସିନଥିଲା । ସେ କେବଳ ନିଜକୁ ଧିକ୍‌କାର କରିବାକୁ ଲାଗିଲେ ଓ ସଂକଳ୍ପରକ୍ଷା ନିମିତ୍ତ ତାଙ୍କୁ ଶକ୍ତି ପ୍ରଦାନ ନିମନ୍ତେ ଈଶ୍ୱରଙ୍କୁ ପ୍ରାର୍ଥନା କଲେ । ସଙ୍ଗେସଙ୍ଗେ ସେ ଅନୁଭବ କଲେ ଈଶ୍ୱର ତାଙ୍କୁ ସେହି ଶକ୍ତି ପ୍ରଦାନ କରି କହୁଛନ୍ତି 'ସଂକଳ୍ପ ପୂର୍ତ୍ତିର ଶକ୍ତି- ଆଜି କାମ କାଲିକୁ ବାକି ରଖ ନାହିଁ । ସତ୍‌କାର୍ଯ୍ୟ ଆଜି ହିଁ ସଂପୂର୍ଣ୍ଣ କରିବାକୁ ହେବ ।' ବାସ୍ ସେହି ଦିନୁ ଦୃଢ଼ତାରସହ ସଂଯମ ବ୍ରତ ପାଳନ କରିବାକୁ ଲାଗିଲେ । ଏହାପରଠାରୁ କୌଣସି ଦିନ ସେ ମାନସିକ ଦୁର୍ବଳତାକୁ ପ୍ରଶ୍ରୟ ଦେଇ ନଥିଲେ । ପରବର୍ତ୍ତୀ ସମୟରେ ନରେନ୍ଦ୍ରନାଥ ସ୍ୱାମୀ ବିବେକାନନ୍ଦ ନାମରେ କଥିତ ହୋଇଥିଲେ । ସିକାଗୋ ଧର୍ମ ସମ୍ମିଳନୀରେ ଭାଗନେଲେ । ସେଠାରେ ସେ ନିଜର ଓଜସ୍ୱିନୀ ବକ୍ତୃତାରେ ଧର୍ମ ସମ୍ବନ୍ଧୀୟ ସ୍ୱ-ବିଚାର ସିଦ୍ଧାନ୍ତକୁ ବ୍ୟକ୍ତ କରି ଉପସ୍ଥିତ ସକଳ ଧର୍ମାବଲମ୍ବୀଙ୍କୁ ଚମତ୍କୃତ କରିଦେଇଥିଲେ । ସେ କହିଥିଲେ ଯେ ହିନ୍ଦୁଧର୍ମ ଅତି ମହାନ, କାରଣ ଏହି ଧର୍ମ ସକଳ ଧର୍ମକୁ ସମ୍ମାନ ଦେଇଥାଏ ଓ ସକଳ ଧର୍ମର ସାରତତ୍ତ୍ୱ ସମାନ ବୋଲି ପ୍ରତିପାଦିତ କରିଥାଏ । ତାଙ୍କର ପବିତ୍ର ବିଚାରଧାରା, ଦଳିତବର୍ଗଙ୍କ ପ୍ରତି ପ୍ରେମଭାବନା ଦେଖି ଆମେରିକୀୟମାନେ ମଧ୍ୟ ମନ୍ତ୍ରମୁଗ୍ଧ ହୋଇଯାଇଥିଲେ । ସାଧାରଣ ଭାବରେ କହିବାକୁ ଗଲେ ଲୋକଙ୍କଠାରେ ଶକ୍ତିର ଅଭାବ ନାହିଁ । ଅଭାବ ଦୃଢ଼ ଇଚ୍ଛାଶକ୍ତିର । ଉଚ୍ଚ ଇଚ୍ଛା ପୋଷଣ କରି ସେହି ଅନୁସାରେ ଜୀବନକୁ ନେଇପାରିଲେ ତା'ଠାରୁ ବଡ଼ ସଫଳତା ବୋଧେ ଆଉ କିଛି ନାହିଁ । ବଡ଼ଲୋକ ହେବାର ବାସନା ଦରିଦ୍ରକୁ ମଧ୍ୟ ଆନନ୍ଦ ଦେଇଥାଏ । ଏହି ବାସନା ବା ଇଚ୍ଛାଶକ୍ତି ଭିତରେ ନିହିତ ଥାଏ ବଡ଼ ହେବାର ସ୍ୱପ୍ନ । ଏହି ସ୍ୱପ୍ନକୁ ସାକାର ପାଇଁ ସର୍ବତୋଭାବେ ଦୃଢ଼ଇଚ୍ଛାଶକ୍ତି (ଅନୁରାଗଯୁକ୍ତ ସାଧନା) ଲୋଡ଼ା ହୋଇଥାଏ ।




# ପ୍ରଥମ ପ୍ରେମ...



ଗୀତାଞ୍ଜଳି ପୂଜାପଣ୍ଡା

ସୁହାନି ଆଜି ନ ଖାଇ ଟିକେ ମିଲକ ସେକ ପିଇ ସ୍କୁଲ କୁ ଯାଇଛି। ଆସିଲେ ଖାଇବାକୁ ମାଗିବ ଭାବି ମିନା ତରତର ହୋଇ ରୋଷେଇ ଘର କୁ ବାହାରି ପଡିଲେ । ପ୍ରିୟ ସ୍ୱାମୀଙ୍କର କଥା ମନେ ପଡିଲା ଆରେ ଆଶିଷ ତ ଏ ଯାଏଁ ବେଡ଼ରୁମ ରୁ ବାହାରି ନାହାନ୍ତି ଆଜି ଉଠିବେନି ନା କଣ ?? ଯାଏ ତାଙ୍କୁ ଉଠାଏ ଭାବି ରୁମ ଆଡକୁ ଗଲା ବେଳ କୁ ପ୍ରିୟ ସ୍ୱାମୀ ତାଙ୍କୁ ପଛପଟୁ ଧରି ପକାଇଲେ ଓ ହସିହସି କହିଲେ ମାଡାମ ଏ ସମୟରେ ବେଡ଼ରୁମ ରେ କଣ ? ରୋଷଇଘରେ ରହିବାଲୋକ ମତେ ମିସ କରୁଥିଲା କି ?? ମିନା ହସି ହସି ନା ମ ତମକୁ ଉଠାଇ ବାକୁ ଆସିଥିଲି ଅଫିସ ଯିବ ପାଇଁ। କାଲି ସକାଳୁ କହିଲିଣି ଘରେ ସଉଦା ପରିବା ଆଣିଦେବ ଅଫିସ ରୁ ଆସିଲା ବେଳେକୁ ତୁମର ମନେନାହିଁ ବୋଧେ!! ଆଶିଷ ଙ୍କୁ ଦେଖି କହିଲେ ଆଜି ବାବୁ ଙ୍କର କଣ ଭାରି ସ୍ତ୍ରୀ ପ୍ରେମ !! ଆଶିଷ ବାବୁ ହସି ହସି କାହିଁକି କଣ ନିଜ ସ୍ତ୍ରୀ କୁ ପ୍ରେମ କରିବା ମନା ?? ହଉ ତୁମେ କିଛି ଚିନ୍ତା କରନି ମୁଁ ବାହାର ଆଜି ଖାଇନେବି ତୁମର ବ୍ୟସ୍ତ ହେବାର କିଛି ନାହିଁ!! ଯାଉ ଯାଉ ମିନା ଗାଲ ରେ ଏକ ପ୍ରେମର ଚୁମ୍ବନ ଆଙ୍କିଦେଇ ବାହାରି ଗଲେ ଅଫିସ ସେପଟୁ ଶ୍ୱଶୁର ଙ୍କର ଡାକ ଶୁଣି ମିନା ଗୈଡ଼ି ଗଲେ ଚ଼ାଆ ଦେବାକୁ। ବେଳ ସେତେବେଳେ କୁ ସାଢେ ନ ଟା ବାଜିଥାଏ ।କଲିଂଗ ବେଲ ଟି ବାଜି ବାକୁ ଲାଗିଲା ମିନା ଗୈଡ଼ି ଯାଇ ଦେଖନ୍ତି ତ ,ଚ଼ିଠି ଆସିଚ଼ି ପଚ଼ାରିଲେ କାହାର? ପୋଷ୍ଟମେନ ତାଙ୍କୁ ଦେଖି କହିଲା ତମ ନା ମିନା ପଟ୍ଟନାୟକ କି ??ମିନା କହିଲେ ହଁ ମୋର ନାଁ !!ମିନା ଭାବିଲେ ତାଙ୍କୁ କିଏ ଦେଲା ?ବୋଉ ବେଳେବେଳେ ଦିଏ ବାପା ଙ୍କୁ ଲୁଚେଇ ଏବେତ କେତେ ଦିନ ହେବ ଦେଇନି ?ଫୋନ ବି କରୁନି କାଳେ ଦେଇଥିବ ଭାବି ଚ଼ିଠି ଟିକୁ ଖୋଲି ଦେଖିଲେ ,ବୋଉ ହିଁ ଦେଇଥିଲା ବାପାକୁ ନ ଜଣେଇ କାରଣ ବାପା ତାଙ୍କର ଆଜି ପ୍ରଯ୍ୟନ୍ତ ତାଙ୍କ ଉପରେ ରାଗିଥିଲେ । ମିନା ଅତି ଖୁଶି ସେ ଅଧିର ହୋଇଗଲେ ଚ଼ିଠି ଟି ପାଇ ସଙ୍ଗେ ସଙ୍ଗେଖୋଲି ପଢି ବାକୁ ଲାଗିଲେ ସେଥି ରେ ଲେଖା ଥିଲା ଝିଅ ତୋ ବାପା ଙ୍କର ଏ ସହର ରେ ବଦଳି ହେଇଯାଇଛି। କଲେକଟର ଭାବେ ମିନା ମନେ ମନେ ବହୁତ ଖୁସି ହୋଇଗଲେ। ପ୍ରାୟ ସାତବର୍ଷ ପରେ କାଳେ ବାପା ତାଙ୍କ ସହିତ ଦେଖା କରି ପାରନ୍ତି ଗୋଟେ ନୂଆ ଆଶା ର କିରଣ ଆଗକୁ ଦିଶିଲା ତାଙ୍କୁ ନହେଲେ କଣ ? ସେ ଦେଖା ହେବାକୁ ଯିବେ ଭାବି ବାକୁ ଲାଗିଲେ ସେ କିଛି ବୁଝି ପାରୁ ନ ଥିଲା କଣ କରିବେ !! ଚ଼ିଠି ଟିକୁ ଦେଖି ତାଙ୍କର ଅତୀତ ର ସ୍ମୃତି ସବୁ ଆଖି ଆଗରେ ଆଙ୍କି ହେଇଯାଉଥିଲା ଯେମିତି!!ସେ ତାଙ୍କ ବାପା ବୋଉ ଙ୍କର ଏକ ମାତ୍ର ଅଲିଅଳି ଗେଲ୍ହା ଝିଅ ବାପା ଥିଲେ ଜମିଦାର ଘର ର ପୁଅ ପିଲାଦିନେ ଗେଲ୍ହା ରେ କଟିଥିଲା ତାଙ୍କର ଜେଜେ ବାପା ଙ୍କର ମନା କରିବା କୁ ଖାତିରି ନ କରି ପାପା ତାର ଆଇ ଯେ ଏସ ପରୀକ୍ଷା ଦେଇ ଉତୀର୍ଣ୍ଣ ମଧ୍ୟ ହୋଇଥିଲେ କାରଣ ସେ ଥିଲେ ଜଣେ ମାଧବୀ ଛାତ୍ର ସେ ସମୟ ରେ ଅତି କାମ ରେ ଏକ ରୁ ଦୁଇ ଟି ଚେଷ୍ଟା ରେ ଆଇ ଯେ ଏସ କ୍ଲିଅର କରିଥିଲେ ଓ ପୁରୀ କଲେକଟର ହିସାବ ରେ ଜଏନ କଲେ ତାପରେ ବୋଉ ସହିତ ତାଙ୍କ ବାହାଘର। ଆଇଘର ବି କିଛି କମ ନଥିଲା ଜମିବାଡ଼ି ଘର ଦୁଆର ସବୁବେଳେ ହସ ଖୁସି ରେ ପିଲା ଦିନ କାଟି ଯାଇଥିଲ ମିନା ଙ୍କର ପାପା ବୋଉ ଙ୍କର ବାହାଘର ପ୍ରାୟଦୁଇ ବର୍ଷ ପରେ ଜନ୍ମ ପୁରା ଏକ ଦମ ଗେଲବସର ଆଇଘର ବାବା ଘରେ ଏକେଇ ବଳା ବିଶି କେଶନି !! ଗ୍ରାଜୁଏସନ ସରିଲା ପରେ ବୋଉ ଆଉ ଜେଜେ ଙ୍କର ଏକା ଜିଦ ବାହାଘର କରିଦେବେ ଅଧିକା ପାଠ ପଢେଇ ବେନି ତେଣୁ ବୋଉ କହିଲା ମୁଁ ତ ଦଶମ ପଢି ତୋ ପାପା କୁ ବାହା ହେଲି ତୁ ଏତେ ପଢନା ବର ଖୋଜିବା କଷ୍ଟ ହେବ ଆମ ପାଇଁ । ସେତେ ବେଳେ ମିନା କହିଥିଲି ମୁଁ ପ୍ରେମ ବିବାହ କରିବି ତତେ କଷ୍ଟ ଦେବିନି ବୋଉ ତାଙ୍କର ସେ କଥା କୁ ହସ ରେ ଉଡାଇ ଦେଇଥିଲା ବୋଧେ ସେ ଭାବିଥିଲେ ତାଙ୍କ ଝିଅ ଏମିତି କରିପାରିବ ନାହିଁ ,।ପାପା ଙ୍କର ଏକା ଜିଦ ରେ ମିନା ବାଣୀ ବିହାର ରେ ଆଡ଼ମିସନ କରିଲେ । ସୋସିଆଲ ସାଇନ୍ସ ବିଭାଗ ରେ, ଆମ ଘର କଟକ ରେ ହୋଇଥିବାରୁ ମୁଁ ଯିବ ଆସିବା କରୁଥାଏ, କାର ରେ ସବୁବେଳେ। ଗୋଟେ ଦିନ ପାପା ତାଙ୍କ କାମରେ କାର ଟିକୁ ନେଇ ଯାଇଥିଲେ।, ତେଣୁ ମତେ ବସ ରେ ଯିବ କୁ ପଡିଲା, ସେ ଦିନ କଥା ଆଜି ବି ଆଖି ଆଗେ ନାଚ଼ି ଯାଉଥିଲା, ମୋର ବସ ପାଇଁ ବସ ଷ୍ଟାଣ୍ଡ ରେ ଛିଡା ହୋଇ ଥିବା ସମୟ ରେ କିଛି ବାଲୁଙ୍ଗା ଆସି ମୋ ପାଖେ ଛିଡା ହୋଇ କମେଣ୍ଟ ମାରିବା ଷ୍ଟାଟ କରି ଦେଲେ ହେଲେ ମୁଁ କାନ ଦେଉନଥିଲି ବେଶୀ ହେଲାରୁ ତାକୁ ଗାଳିକଲି, ମାତ୍ର ସେ ବାଲୁଙ୍ଗା ମାନେ ଆସି ମତେ ଡରାଇବାକୁ ଲାଗିଲେ ।ଆଉ ମୁଁ ପୁରା ଡରି ଯାଇଥିଲି ସେ ଦିନ ମୋ ଦେହ ରେ ପ୍ରାଣ ନଥାଏ ମୋ ଆଖି କୁ ଧୂଷୁରା ଧୂଷୁରା ଦିଶୁଥାଏ,ଓଠଟି ମୋର ଶୁଖି ଯାଉଥାଏ ମୁଣ୍ଡ ଟା ମଧ୍ୟ ଘୁରେଇ ଦେଉଥାଏ । ଠିକ ସେତେବେଳେ ମୋ ହିରୋ ଆଶିଷ ଙ୍କର ପ୍ରବେଶ ଗୋଟେଏ ପରେ ଗୋଟିଏ ଶକ୍ତ ଚ଼ାପୁଡା ମାଡ଼ ଦେଇ ସେମାନେ କୁ ସେଠାରୁ ଭଗେଇ ଦେଲେ । ମୁଁ ତ ପୁରା ଡରି ଯାଇଥାଏ ନର୍ଭସ ରେ ସେ ମୋ ପାଖ କୁ ଆସି କହିଲେ ମାଡାମ ଭଲ ଅଛିନ୍ତି,ପକେଟ ରୁ ରୁମାଲ ଟି ବାହାର କରି ମୋ ଆଡକୁ ବ??ଇ ଦେଲେ କହିଲେ ଝାଳ ପୋଛି ଦିଅ, ମୁଁ ସେତେବେଳେ ତାଙ୍କୁ କହିଲି ନା ମୋ ରୁମାଲ ଅଛି ଇଟ୍ସ ଓକେ,ମୁଁ ଠିକ ଅଛି ସେ କହିଲେ ଠିକ ଥିଲା ପରି ଲାଗୁନ, ତ !!ମୁଁ ପାଣି ବୋତଲ ଟି ମୋ ବ୍ୟାଗ ରୁ କାଢି ଦିକ ପିଇଲା ପରେ ମତେ ଟିକେ ଦମ୍ଭ ଆସିଲା ।କେମିତି ଘରକୁ କେମିତି ଆସିଚ଼ି ସେଠୁ ମତେ ହିଁ ଜଣା । ଘର କୁ ଆସିବା ପରେ ବୋଉ ଆଗେ ସବୁ କାନ୍ଦି କାନ୍ଦି କହିଥିଲି ।ରାତି ରେ ବୋଉ ପାପା ଙ୍କର ଭିତରେ ଏ କଥା କୁ ନେଇ ପୁରା ଝଗଡା ।ବୋଉ କହୁଥାଏ ସୁକୁମାରୀ ଝିଅ କୁ ମୋର କାହିଁକି ବାଣୀବିହାର ଯିବ କୁ ଅନୁମତି ଦେଲ ।ମୋ ଝିଅ ର କି ଅବସ୍ଥା ହେଲାଣି!!ପାପା କହିଲେ କଣ ହେଲା ସେଥିରୁ ତମେ ଜାଣିନ ମୋ ଝିଅ କୁ!! ବୋଉ ସେଠୁ ରାଗି କି ପଳେଇଲା ।ସେଦିନ ରାତି ଗୋଟିକ କେମିତି କାଟିଲା, ଆଜି ବି ମୋର ମନେପଡେ ଡର ଯନ୍ତ୍ରଣା କୁ ପଛେ ପକେଇ ମନ ମୋର ସେ ବାଲୁଙ୍ଗା କବଳ ରୁ ରକ୍ଷା କରିଥିବା ପିଲା କଥା ଭାବୁଥାଏ ମୁଁ, ତାଙ୍କ ମୁହଁ ଟି ମୋ ଆଖି ସାମ୍ନା ରେ ନାଚ଼ି ଯାଉଥିଲା ସେ ରାତି ଗୋଟିକ କିଛି ଭଲ ଲାଗୁନଥିଲା ମତେ ଖାଲି ତାଙ୍କ କଥା ଭାବିବା ଛଡା ।ମନକୁ ମନ ମୁଁ ଅନେକ ପ୍ରଶ୍ନ କରିଛି କଣ ଏହାକୁ କୁହନ୍ତି "ପ୍ରଥମପ୍ରେମ", ଛଟଛଟଛଟ.ଯିଏ ମତେ ସେ ବାଲୁଙ୍ଗା କବଳ ରୁ ବଞ୍ଚ?ଇଲେ ।ସେଥିପାଇଁ କଣ ମୁଁ ତାଙ୍କ ପ୍ରେମ ରେ ପଡିଲି ଆହା କି ସୁନ୍ଦର ଅନୁଭବ ମନ ଟା କେମିତି କେମିତି ଲାଗୁଥାଏ ଇଚ୍ଛା ହେଉ ଥାଏ ।ସେ ଲୋକ ଙ୍କର ଆଉ ଥରେ ଦେଖା ମିଳନ୍ତାକି,?? ସବୁବେଳେ ମନ ତାଙ୍କୁ ହିଁ ଖୋଜୁ ଥାଏ ।ସେ ରାସ୍ତା ଘଟ ରେ ଯିବା ବାଟ ରେ କାଳେ କେଉଁଠି ଦେଖା ହବ ନିଜ କୁ ବାରମ୍ବାର ପ୍ରଶ୍ନ କରେ ଇଏ କଣ ମୋର ପ୍ରଥମ ପ୍ରେମ ନା ଆଉ କିଛି। ସବୁ ଭୂଲି ବାକୁ ଚେଷ୍ଟା କଲେ ବି ଭୂଲି ପାରୁ ନ ଥାଏ ସେ ମୁହଁ କୁ ।ପରୀକ୍ଷା ପାଖେଇ ଆସିଥାଏ ସେ ଦିନ ର ଘଟଣା ମୁଁ ତରତର ହୋଇ ବାହାରି ଗଲି ବୋଉ ସେ ପଟୁ ଡାକ ଛାଡ଼ିଥାଏ ଝିଅ ପରୀକ୍ଷା ରେ କିଛି ନ ଖାଇ ଯାଉଛୁ । ମୁଁ କହିଲି ମୁଁ ଆସିଲେ ଖାଇବି ନହେଲେ କ୍ୟାଣ୍ଟିନ ରେ ଖାଇ ନେବି ତୁ ବ୍ୟସ୍ତ ହେବୁନି କହି ଗାଡି ରେ ବସିଲି ଗାଡିଟି ଯାଉଥାଏ । ଅଧା ବାଟ ରେ ଅଟକିଗଲା ମୁଁ କହିଲି ଡ୍ରାଇଭର ବାବୁ ଗାଡି କଣ ହେଲା, ??ସେ କହିଲେ ଦେଖୁଚ଼ି ଝିଅ ତମ ପାଇଁ ଟ୍ୟାକ୍ସି ଟେ ମଗେଇ ଦେଉଛି ।ତୁମେ ବ୍ୟସ୍ତ ହୁଅନି ଆଉ ଗୋଟେ ଘଣ୍ଟା ଅଛି ପରୀକ୍ଷା ଆରମ୍ଭ ହବାକୁ। ମୁଁ ହଁ ଭରିଲି ସେ ଗୋଟେ ଟ୍ୟାକ୍ସି ଡାକିଦେଲେ ମୁଁ ତର ତର ହୋଇ ବସିପଡ଼ିଲି ।ଆଉ ଡ୍ରାଇଭର କୁ କହିଲି ୟୁନିଭେର୍ସିଟି ଚ଼ାଲ ଟିକେ ଶୀଘ୍ର ହଠାତ, ମୋର ଆଖିଟା ଟ୍ୟାକ୍ସି ଡ୍ରାଇଭର ଉପରେ ପଡିଲା ଏ କଣ?? ତମେ !!ମୋର ଆଖି କୁ ମୁଁ ବିଶ୍ୱାସ କରିପାରୁ ନଥାଏ। ଇଏ ସେହି ଲୋକ ଯାହାର ପ୍ରଥମ ଦେଖା ରେ ମୁଁ ତାଙ୍କ ପ୍ରେମ ରେ ପଡିଛି ନା ଆଖି କୁ ନିଦ ନା ପେଟ କୁ ଭୋକ ଯାହା ପାଇଁ ମୁଁ ଖାଇବା ପିଇବା ଶୋଇବା ଭୁଲି ଯାଇଥିଲି ମନ ରେ ମୋର ଅନେକ ଅନାବନାଭାବନା ଯାହା ପାଇଁ ଉଙ୍କି ମାରୁଥିଲା ସେ ଆଜି ମୋ ସାମ୍ନା ରେ ପାଟି ରୁ ମୋର କଥା ବାହାରୁ ନ ଥାଏ । ସେ କହିଲେ ମାଡାମ ମତେ ଜାଣିପାରୁଛନ୍ତି ମୁଁ ମନେ ମନେ ଭାବୁ ଥାଏ ଯାହା କୁ ଦେଖିଲା ଦିନୁ ମୋ ସବୁ କିଛି ହଜେଇ ସାରିଛି ସେ ମତେ ପଚ଼ାରୁଛି ମତେ ଜାଣିପାରୁଛନ୍ତି ।ଆଖି ଦୁଇଟି ମୋର ତାଙ୍କ ମୁହଁ ରୁ ହଟୁ ନ ଥାଏ ତଥାପି ନିଜକୁ ସମ୍ଭାଳି ତାଙ୍କୁ ସାଧାରଣ ଭାବେ ପଚ଼ାରିଲି , ତମେ କଣ ଟ୍ୟାକ୍ସି ଚ଼ଲାଅ ଆଉ ସେଦିନ ବସ ରେ, ଏ ପ୍ରଶ୍ନ ମୋର ଶୁଣି ସେ ଉତ୍ତର ଦେଲେ ହଁ ମୁଁ ସେଦିନ ମୋର ଗୋଟେ ଏଣ୍ଟରଭିଉ ଥିଲା ମୁଁ ଦେବାକୁ ଯାଇଥିଲି ।କାରଣ ମୁଁ ଇଞ୍ଜିନିୟଂଗ ପାସ କରିଛି ମୋ ନା ହେଲା ଆଶିଷ ପଟ୍ଟନାୟକ । ମୁଁ ଚ଼ାକିରୀ ଖୋଜିବା ସହିତ ଟ୍ୟାକ୍ସି ଚ଼ଲାଏ ।ସେସବୁ ତାଙ୍କ ବିଷୟ ରେ କହିଗଲେ ।ମୁଁ ଭାବିଲି ମତେ ସବୁ କଥା କହିବା ତାଙ୍କର କଣ ଦରକାର ଥିଲା ।ତାଙ୍କ ଅବସ୍ଥା କଣ ମୋ ଭଳି ଏତକ ଶୁଣି ତାଙ୍କ ପାଟି ରୁ ମୋର ଆଗ୍ରହ ଥିଲା ସବୁକିଛି ତାଙ୍କ ବିଷୟ ରେ ଜାଣିବା ପାଇଁ ହେଲେ ୟୁନିଭେର୍ସିଟି ଆସିଯାଇଥାଏ,। ପରୀକ୍ଷାଟି ଦେଇ ଘରକୁ ଫେରିଲି ରାତି ଗୋଟାକ ନିଦ ନାହିଁ ଆଖିକୁ ପୁଣି ସେହି ପ୍ରେମ ଆଉ ପ୍ରୀତି ର ଗିଟାରଟି ବାରମ୍ବାର ବାଜୁଥାଏ କାନ ରେ ମୋର ତାଙ୍କ ପ୍ରେମ ର ତାଙ୍କରି ମୁହଁ ଆଖି ଆଗେ ନାଚ଼ି ଯାଉଥିଲା ସେତେବେଳେ ନା ଖାଇବା ଥିଲା ନା ଶୋଇବା ଖାଲି ଭାବନା ର କେତେ ଗୁଡ଼ାଏ ଅଙ୍କା ବଙ୍କା ନଇ କେମିତି ସାଗର ସହିତ ମିଶିବ। ସକାଳୁ ବାହାରି ପଡିଲି ସଜ ହୋଇ ୟୁନିଭେର୍ସିଟି କୁ ବୋଉ ପଛରୁ କହିଲା ମିନା କୁଆଡେ ବାହାରିଲୁ ଆଜି ପରା ରବିବାର ପାପା ଆଉ ବୋଉ ??ହସିବାକୁ ଲାଗିଲେ ମୋ ଗେଟ ଅପ ଦେଖି ଇସଃ!!କି ଲାଜ ଓଃ!!! ମୋର ମନେ ନଥିଲା କହି ,ଲାଜ ରେ ଷ୍ଟଡି ରୁମ କୁ ଚ଼ାଲିଗଲି ।ମନ ମୋର ପଦ୍ମର ପାଖୁଡ଼ା ପରି ଖୋଲିବାକୁ ଲାଗିଲା ହୃଦୟ ଟି ଆନମନା ହୋଇ ଝୁରୁଥାଏ ସେ ଦିନ ର ସ୍ମୃତିକୁ ପାଠରେ ଜମା ମୋ ମନ ଲାଗୁନଥାଏ ।ଖାଲି ସୁନ୍ଦର ସୋମ୍ୟ ମୁହଁ ଟି ଆଖି ଆଗେ ନାଚ଼ି ଯାଉଥାଏ ଯାହାର ସେ ହେଲେ ମୋ ପ୍ରଥମ ଦେଖା ରେ ପ୍ରଥମ ପ୍ରେମ ଆଶିଷ ଖାଲି ମନେମନେ ଭାବୁ ଥାଏ କେମିତି ତାଙ୍କ ସହ ଆଉ ଥରେ ଦେଖା ହେବ। ମୁଁ ତାଙ୍କୁ 'ମୁଁ ତୁମକୁ ଭଲ ପାଏ "' ବୋଲି କହିବି ସତରେ ପ୍ରେମ ବଡ଼ ରୋଗ ଟିଏ ହସେଇ ହସେଇ ମନକୁ ମାରେ ପୁଣି କେତେବେଳେ କାନ୍ଦେଇ କାନ୍ଦେଇ। ସେ ଦିନ ଟି ପୁରା ଏ କଥା ଭାବି ଭାବି ଗଲା ତା 'ପରା ଦିନ ସକାଳୁ ବାହାରି ପଡିଲି ପୁଣି ସଜ ହୋଇ। ଆଉ ଏବେ କାହିଁକି ??ଭାରି ସଜ ହେବାକୁ ଭଲ ଲାଗୁଥିଲା ।ଗଲା ବେଳେ ପାପା ଙ୍କୁ କହିଲି ଡରିକି ଏମିତି ତ ମୁଁ କେବେ ପାପ ଙ୍କୁ ଡରେନି ହେଲେ ଆଜି କାହିଁକି ??ଟିକେ ଡର ଲାଗୁ ଥିଲା ପାପା ମୁଁ ଆଜି ବସ ରେ ଯିବି ସେ କହିଲେ କାହିଁକି?? ଡ୍ରାଇଭର ଗାଡି ନେଇ ଆସିଲାଣି ଗାଡି ରେ ଯିବା ଅସୁବିଧା କେଉଁଠି?? ମୁଁ କହିଲି ତାଙ୍କର ଯଦି ପୁଣି ଚ଼କାଫାଟି ଯାଏ। ସେ ଦିନ ପରି ପୁଣି ମୁଁ ହଇରାଣ ଟେ ହେବି ।ପାପା ଙ୍କ ପାଟି ରୁ ହଉ ଦେଖିକି ଯିବୁ ଶୁଣି ଏତେ ଖୁଶି ଲାଗିଲା ଯେ ମୁଁ ଶୀଘ୍ର ଶୀଘ୍ର ଚ଼ାଲିଯାଉଥାଏ ଖୁଶି ରେ କି ପ୍ରକାର ସେ ଖୁଶି ମୁଁ କିଛି ବି ଭାବି ବି ପାରୁନଥାଏ । ଘରୁ ଅଟୋରେ ଆସି ବସ ଷ୍ଟାଣ୍ଡ ରେ ବସରେ ବସି ଭାବୁଥାଏ । ହେ ଭଗବାନ ତାଙ୍କ ସହିତ ଦେଖା ହେଇ ଯାନ୍ତା କି??ସତକୁ ସତ ସେ ଦିନ ଭଗବାନ ଙ୍କର ଟିକେ କୃପା ଥିଲା ମୋ ଉପରେ କାରଣ ଆଶିଷ ଗୋଟେ ବସ ଷ୍ଟପ ଆସି ମୋ ପାଖେ ବସିପଡ଼ିଲେ ସେତେବେଳେ କାହିଁକି ମୋ ପିଣ୍ଡ ରେ ପ୍ରାଣ ନ ଥିଲା ପରି ଲାଗୁଥିଲା ଏ କଣ ଯାହାକୁ ଏତେ ଦିନ ଧରି ଆଉ ଥରେ କଥା ହେବି ବୋଲି ଖୋଜୁଥିଲି ।ସେ ଆସି ମୋ ହାତ ପାହାନ୍ତା ରେ ମନ ମୋର ପ୍ରଜାପତି ପରି ଉଡିବା କୁ ଲାଗୁଥିଲା ତା ସହିତ ଗୋଟେ କିଛି ହରାଇବା ର ଭୟ !!!ମନ କୁ ଘେରି ରହିଥାଏ ।କିଛି ସମୟ ପରେ ସେ ଜାଗା ରେ ମୁଁ ବହୁତ ବହୁତ ଧନ୍ୟବାଦ କଲି ଭଗବାନ ଙ୍କୁ ମନେ ମନେ। ତା ସହିତ ବାରମ୍ବାର ଦେଖୁ ଥାଏ କଣେଇ କଣେଇ ଆଶିଷ ଙ୍କୁ ସେଦିନ ତାଙ୍କର ସେ ମୁହଁ ଟି ବେଶ ସୁନ୍ଦର ସୋମ୍ୟ ଜଣା ପଡୁଥିଲା ମତେ। ହଠାତ କିଛି ନ ଭାବି ମୋ ହାତଟି ତାଙ୍କ ହାତ ଉପରେ ହାତ ରଖି ଏକ ନିଶ୍ୱାସ ରେ କହିଦେଲି "ମୁଁ ତୁମ କୁ ଭଲ ପାଏ"ବୋଲି ଏକା ନିଶ୍ୱାସ ରେ କହି ଡରିକି ଆଖିଟିକୁ ମୋର ବନ୍ଦ କରିଦେଲି ।ସେ ବୋଧେ ମୋ ଅନୁରୂପ ମତେ ଭଲ ପାଉଥିଲେ ତେଣୁ ତାଙ୍କ ମନ ରେ ମଧ୍ୟ ସେଇଆ ଥିଲା ।ସେ କହିଲେ ମୋର ସର୍ଭିସ ହୋଇଯାଇଛି ସିଭିଲ ଇଂଜିନିୟର ଭାବ ରେ ମାତ୍ର ମୋ ପ୍ରଶ୍ନ କି ଉତ୍ତର ର ସେ ଉତ୍ତର ନ ଥିଲା ମୁଁ ଆଉ ଥରେ ତାଙ୍କ ଆଖି ରେ ଆଖି ମିଶେଇ କହିଲି ତୁମ ମନ ରେ କଣ ଅଛି ଆଶିଷ ତୁମେ କଣ ମତେ ଭଲପାଅ ସେ କହିଲେ ପ୍ରଥମ ଦେଖା ରୁ। ତା ପରେ ଏମିତି ମିଳାମିଶା ରେ ଦୁହେଁ ବିବାହ କରିବାକୁ ଠିକ କଲୁ । ପାପା ଙ୍କୁ ମୁଁ ଯେତେବେଳେ କହିଲି ପାପା ମୋ କଥା କୁ କାନ ଦେଲେନାହିଁ। ବୋଉ କହିଲା, ନାହିଁ ମାଆ ଆମେ ତୋ ବାହାଘର ଠିକ କରି ସାରିଛୁ। ପୁଅଟି ଆମେରିକାରେ ଡ଼କ୍ଟର ଅଛି ଜମିଦାର ଘରର ପିଲା ଆମ ସମ୍ବନ୍ଧ ମାତ୍ର ମୋ ମନ କେବଳ ଆଶିଷ ପାଖେ ଥିଲା ।ଯାହାକୁ ମୁଁଜୀବନ ଠାରୁ ଅଧିକା ଭଲ ପାଉଥିଲି ଆଉ ସେ ହିଁ ମୋର ପ୍ରଥମ ଆଉ ଶେଷ ପ୍ରେମ ବୋଉ ଯାହା କହୁଥିଲା ମୁଁ କାନ ଦେଇ ନ ଥିଲେ ସୁଦ୍ଧା ଟିକେ ଝାପ୍ସା ଶୁଭୁଥାଏ।ମୁଁ ରୁମ କୁ ଚ଼ାଲିଗଲି ଆଉ ସେଠି ଆଶିଷଙ୍କୁ ଫୋନ ଲଗାଇଲି ଓ କହିଲି ତୁମକୁ ଆଜି ମୁଁ ବିବାହ କରିବାକୁ ଚ଼ାହିଁ ଆଶିଷ ମାତ୍ର ସେ ମତେ କହିଲେ ଶୁଣ ମିନା ତମ ପାପା ଆଉ ବୋଉ ଙ୍କ ର ଆଶ୍ରିବାଦ ରେ ଆମେ ବିବାହ କରିବା ,ମାତ୍ର ମୁଁ ମୋ ଜିଦି ରେ ଅଟଳ ଥିବାରୁ ସେ ହାର ମାନିନେଲେ ଓ ଆମ ଘରକୁ ଙ୍କୁ ଆସି ପାପା କୁ ଦେଖା କଲେ। ହେଲେ ପାପା ତାଙ୍କୁ ଅପମାନ କଲାପରି ବହୁତ କଥା କହି ତାଙ୍କୁ ବାହାର କଲା ବେଳେ ମୁଁ ତାଙ୍କ ସହିତ ଚ଼ାଲିଆସି ଥିଲି କାରଣ ମନେ ମନେ ମୁଁ ତାଙ୍କୁ ନିଜ ସ୍ୱାମୀ ମାନି ନେଇଥିଲି ଆମେ ଦୁହେଁ ଚ଼ଣ୍ଡୀ ମନ୍ଦିର ରେ ବିବାହ କଲୁ ଆଉ ରେଜିଷ୍ଟ୍ରି ମ୍ୟାରେଜ ମଧ୍ୟ। ମତେ ନେଇ ଯେତେବେଳେ ତାଙ୍କ ଘରକୁ କୁ ଗଲେ ଶାଶୁ ଆଶ୍ରିବାଦ ଦେଇ କହିଲେ ଝିଅ ଲୋ ତୁ ମୋ ଘର ର ଲକ୍ଷ୍ମୀ ଆଜି ଠାରୁ ତତେ ଏ ଘର ଲାଗିଲା। ବିବାହ ର ଦୁଇବର୍ଷ ପରେ ସୁହାନି ର ଜନ୍ମ ପାପା ଙ୍କୁ ମୋର ଏ କଥା ଜଣାଇ ଥିଲି ।ମାତ୍ର ସେ ତାର କିଛି ବି ଜବାବ ଦେଇ ନ ଥିଲେ। ସୁହାନି କୁ ତିନି ବର୍ଷ ବୟସ ରେ ଶାଶୁ ମତେ ଏକୁଟିଆ କରି ଚ଼ାଲି ଗଲେ ଆରପୁର କୁ।ସେ ଦିନ ମୁଁ ବହୁତ କାନ୍ଦି ଥିଲି ବୋଉ କଥା ଭାରି ମନେ ପଡିଲା ବୋଉ ପାପଙ୍କୁ ଲୁଚେଇ ବେଳେବେଳେ ଫୋନ କରେ ହେଲେ ଗେଲ୍ହା କରିବା ଟା ତାର ମୁଁ ବହୁତ ମିସ କରେ । ସୁହାନି କୁ ଇତିମଧ୍ୟରେ ପାଞ୍ଚ ବର୍ଷ ହେଲାଣି ପାଖ ସ୍କୁଲ ରେ ତା 'ନା ଲେଖା ହୋଇଛି ମୁଁ ବସି ଭାବୁଥାଏ ମୋ ଅତୀତ ର ସେହି ପ୍ରଥମ ପ୍ରେମ ର ସ୍ମୃତି ଟିକୁ ମୋର। ସୁହାନି ଆଉ ଆଶିଷଙ୍କର ପାଟି ଶୁଭିଲା ସୁହାନି ମାମା ମାମା ଡାକି ଆସି ମୋତେ କୁଣ୍ଢେଇ କି ଗେଲ ଦେଇ କହିଲା ପାପା ପରିବା ଆଣିଛନ୍ତି ।ଆଜି ମୁଁ ଆଉ ସେ ମିସିକି ବହୁତ ପରିବା ଆଣିଛୁ ।ମୁଁ ପ୍ରକୃତିସ୍ତ ହୋଇ ଦେଖେ ସତେ ତ ଆଶିଷ ତମେ କେତେ ବେଳେ ଆସିଲ!! ସେ କହିଲେ ଆଜି ମାଡାମ ତମ ପାଇଁ ଛୁଟି ନେଇ ଆସିଛି। ମୁଁ କହିଲି କାହିଁକି ଏତେ ପ୍ରେମ କି ଆଜି ସେ କହିଲେ ଆଜିର ତାରିଖ ଟା ଟିକେ ମନେ ପକାଇଲ, ।ମୁଁ ମନେ ପକେଇ କହିଲି ଇସ ମୁଁ ପୁରା ଭୁଲି ଯାଇଥିଲି ।ସୁହାନି କହୁଛି ଆଜି ତୁମ ପ୍ରଥମ ଭେଟ ର ଅନିବେରସରି କି ମାମା ମୁଁ ମନେ ମନେ କହୁଥାଏ ଆଶୀଷ ତୁମକୁ ଦେଖିବା ସହିତ ମୋ ପ୍ରଥମ ପ୍ରେମ ର ବି ଆନିବର୍ଷରି ।ଆଶୀଷ ଜାଣି ପାରିଲେ ବୋଧେ ମତେ ଦେଖି ମୁରୁକି ହସି କହିଲେ ମିନା ଫଟାଫଟ ରୋଷଇ ସାରି ଚ଼ାଲ ଆଜି ଭରମଙ୍କ୍ଟ କ୍ବବକ୍ବଳ ବୁଲିଯିବା ତାଙ୍କ ପାଟି ରୁ କଥା ସରିନି ସୁହାନି ଆସି କୋଳ ରେ ବସି କହିଲା ମାମା ଅଜା ଆଇ ଆସି କେତେବେଳୁ ଦାଣ୍ଡପିଣ୍ଡା ରେ ଛିଡା ହେଇଛନ୍ତି। ତାଙ୍କୁ ଘରକୁ କୁ ଡାକ ମାମା ସତେ ମତେ ବିଶ୍ୱାସ ହେଉନଥାଏ, ।ମୁଁ ଏକା ମୁହାଁ ହୋଇ ଗୈଡ଼ି ଗଲେ ବୋଉ ପାଖକୁ ଆଉ ପାପା ଙ୍କ ପାଖକୁ ଗୋଡ଼ ତଳେ ପଡି କହିଲି। ବୋଉ ପାପା ମତେ କ୍ଷମା କରିଦିଅ ମୋର ଭୁଲ ହେଇଯାଇଛି । ଏ କଥା ଟି ମୋର ପାଟିରୁ ସରିନି ପାପା ଆଶିଷ ଆଉ ମତେ ଅତି ସେହ୍ନ ରେ କୋଳେଇ ନେଇ କହିଲେ ତୁ ମାଆ ଆମକୁ କ୍ଷମା କରିଦେ ।ଆମେ ତୋ ପ୍ରେମ କୁ ବୁଝିପାରିଲୁନି ତୋ ସେହ୍ନ ରୁ ଏତେ ଦିନ ହେବ ଆମେ ବଞ୍ଚିତ ହେଲୁ ଆସ ଆଶୀଷ ଏଠିକି ତୁମ କୁ ସେଦିନ ମୁଁ ଅପମାନ କରି ଥିବାରୁ ମୁଁ ବହୁତ ଦୁଃଖିତ ତୁମେ ମୋ ଝିଅ ର ପ୍ରକୃତ ଖୁସି ଆଉ ତା ପ୍ରଥମ ପ୍ରେମ ହେଲେ ମୁଁ ଟିକେ ତୁମ ଉପରେ ଇର୍ଷାନ୍ବିତ!! ମୋ ଝିଅ ଆଉ ମତେ ଖୋଜୁନି ଏତେ ଦିନ ହେବ ମିନା କଣ ମୁଁ ଠିକ କହିଛିନା ମୁଁ ମୋ ଆଖି ର ଖୁଶି ର ଲୁହ ଗୁଡିକ ପୋଛୁପୋଛୁ ସୁହାନି ଗୈଡ଼ି ଆସି କହିଲା, ମାମା ତୁମେ କାନ୍ଦୁଛ ତୁମ ପରା କହୁଥିଲ ଅଜା ଆଇ ଆସିଲେ ତୁମେ ବହୁତ ହସିବ ବୋଲି ଆଉ କାନ୍ଦୁଛ କଣ ପାଇଁ ମୁଁ ମୋ ବୋଉ ଉପରେ ଆଉଜି କହୁଥାଏ ।ହଁ ଦେଖୁନୁ ମୁଁ ମୋ ବୋଉ ପାଖ ରେ ବହୁତ ଖୁସି ସୁହାନି କହୁଥାଏ ମତେ ଟିକେ ଗେଲ୍ହା କର । ମୁଁ ତୁମ କୋଳ ରେ ବସିବି ଏବେ ସମସ୍ତେ ତାକୁ କୋଳେଇ ନେଇ ଗେଲ୍ହା କରୁଥିଲେ। ଆଉ ମତେ ଲାଗୁଥିଲା ଯେମିତି ମର୍ତ୍ତ୍ୟରେ ମୋ ସଂସାର ଟା ସ୍ୱର୍ଗ ପାଲଟି ଯାଇଛ ..

ପୁରୀ

## ଏମିତି ବିତିଯାଉ

ଦୁଷ୍ମନ୍ତ ବେହେରା



ହଜାରେ ଟୋପା ଲୁହ ମୋର
ବହୁ ତ ମନ ରେ ପ୍ରିୟା
ଦୁଃଖ ନରହୁ !!

ତ ଖୁସି ଦେଖି ଦେଖି ମୋ
ଜୀବନ ରାସ୍ତା ଏମିତି ମୋ
ସହରେ ବିତିଯାଉ !!

ତ ହସରେ ମୁଁ ଖୁସି ହେବି
ତୁ ଦୁଃଖ କଲେ ପ୍ରିୟା ମୁଁ
ଭାଙ୍ଗି ପଡିବି !!

ତ ବାଟ ର ଯାତନା ମୋ
ଦରଦ କୋହ କୁ ଏମିତି
ଛବିରେ ବିତିଯାଉ !!

କ'ଣ ଲୁଚ଼ାଇ ରଖିବି
ମୁଁ ହତ ଭାଗାଟିଏ
ତ ପ୍ରେମରେ !!

ମନ ଭିଜୁ ନାହିଁ ତ ଅତୀତ
ବାଟରେ ଶରୀର ଯାଏ
ଭିଜି ସମୟ ଥିଲେ ..

ଦେଖି ଆସିବ ଶବ ଥିବ
ତୁମକୁ ଚ଼ାହିଁ ......

ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
ମୋ -୯୯୩୭୬୫୨୫୦୩

## ଜୀବନର ଚ଼ିତ୍ରପଟ

ନିରଞ୍ଜନ ସାହୁ

ଏମିତି କାହିଁକି ବଦଳି ଯାଆଇ
ଜୀବନର ଗତିପଥ
ସମୟ ଆଗରେ ହାର ମାନିଯାଏ
ଶେଷେ କରେ ମଥାନତ ।
ସପନ ସେମିତି ସପନରେ ରହେ
ଭରିଯାଏ ଅବଶୋଷ
ଅବୁଝା ମନକୁ ଯେତେ ବୁଝାଇଲେ
ମନ ହୁଏନାହିଁ ତୋଷ
କେହି ବୁଝେନାହିଁ କେହି ଶୁଣେନାହିଁ
ଯେତେ କଲେ ଅବଗତ ।
ଲକ୍ଷ୍ୟହୀନ ଏହି ଯାତ୍ରାପଥରେ
ଜୀବନ ସେମିତି ଚ଼ାଲେ
କେବେକେବେ ପୁଣି ଛନ୍ଦି ହୋଇପଡେ
ସମୟର ମାୟା ଜାଲେ
ଜୀବନକୁ କିଏ ଭଲକି ବୁଝିଛ
ଦେବ ନିଜ ଅଭିମତ ।

ନିହଲ ପ୍ରସାଦ , ଗଁଡିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ :୯୯୩୮୭୪୧୫୮୩

## ହନି ଟ୍ରାପ୍ ବାହାନା ମାତ୍ର

ଅନସୂୟା ପଣ୍ଡା

ମମତା ଜୀର୍ଣ୍ଣ ଶୀର୍ଣ୍ଣ ସବୁରି ଭିତରେ
କେବଳ ସମୃଦ୍ଧ ମୋହର ପୃଷ୍ଠ
ଭୂମିରେ, ବିଳାସର କାମନାରେ
ଗୋଟେ ପ୍ରାପ୍ତିର ବାସ୍ନାରେ
ମାନବିକତା ପଥ ଭ୍ରଷ୍ଟ
ଅଜସ୍ର ଲୁଟ୍ ଆଉ ଛଳନାର ପଶା ଖେଳ ।
ସବୁଆଡେ କଡା
ନିରାପତ୍ତାର ଦ୍ୱାହିଦେଇ
ଆଗରେ ଖୁବ କଣ୍ଟାବାଡ, ପଛଟା ମୁକୁଳା,
ଆଗ ପରି ମହାମନୀଷୀ
ଆଉ ଜନ୍ମୁ ନାହାଁନ୍ତି
ବୋଧେ ଆମ ମାତୃତ୍ୱରେ କେଉଁଠି
ଊଣା ହେଲାଣି ।
ପୁରା ଅର୍ପିତ ଚ଼ିନ୍ତା ଚେତନାରେ
କେହି ମଙ୍ଗଧର ଆଗକୁ ଆସୁ ନାହାଁନ୍ତି
ଗୋଡ ହାତ ଧୋଇ ବସିଗଲେ, ପୁରା
ସଫା ଓ ସୁତୁରା।
ସ୍ୱଚ୍ଛତା ଅଭିଯାନ ରାସ୍ତା, ସହର,
ପରିବେଶ ପାଇଁ ଯେତିକି ଲୋଡା
ସେତିକି ସ୍ୱଚ୍ଛତା କରନ୍ତେ କି, ଅମିନ
ଠାରୁ ପ୍ରଶାସକ ଯାଏ
ସେତିକି ସ୍ୱଚ୍ଛତା ଆଣନ୍ତେ କି ୱାର୍ଡ
ମେମ୍ବର ଠାରୁ ମନ୍ତ୍ରୀ ଯାଏ
ତେବେ ଚ଼ାରିଦିରେ ବି କଳା ଲାଗନ୍ତାନି।
ସ୍ୱଦେଶ ଅନୁରକ୍ତ କେହି ଜନ୍ମଭୂମିର
ସୁରକ୍ଷାକୁ, ନିଜ ବିବେକକୁ ବିକନ୍ତେନି
କେହି ଈଶ୍ୱର ନାମ ଧରି, ଆତ୍ମାକୁ
ହତ୍ୟା କରନ୍ତେନି
ନିଜ ସୁରକ୍ଷାର ସିନ୍ଦୁକକୁ ବିତାଏ କାଗଜ
ଡଙ୍ଗାରେ ଭସାନ୍ତେନି
ବିଦେଶୀଙ୍କ ଷଡଯନ୍ତ୍ରର ସମୁଦ୍ରରେ ।
ନିଜ ଭିତରେ ମୋହର
ବାସ୍ନାରେ ପଥ ହୁଡନ୍ତେନି
କାମନାର ପିପାସାରେ ହନି ଟ୍ରାପ୍ ରେ
ଫସନ୍ତେନି
ପାଦତଳର ମାଟି ମୁଠାକରେ
ଡିନାମାଇଟ୍ ଖଞ୍ଜନ୍ତେନି ,
ନିଶ୍ଚିତ ମୃତ୍ୟୁର ଫାଶରେ ପଡିବା ଜାଣି।
ଅଜସ୍ର ଲୁଟ୍ ପରେ, ଟିକେ କଡା
ନିରାପତ୍ତା ହୋଇ ତରବର
ଲୋକ ଦେଖାଣିଆ ପ୍ରତିକାର
ପୁଣି ପୁନରାବୃତ୍ତି ସେଇ ପୁରୁଣା କଥାର
ମିଛ ଖୁସି କିଣା, ଭ୍ରୁଣହତ୍ୟା ହୁଏ
ମାନବବାଦର ।

ଇଞ୍ଜିନିୟରିଂ କଲେଜ, ବୁର୍ଲା,
ସମ୍ବଲପୁର, ୭୬୮୦୧୮,
ମୋ:-୯୪୩୯୨୧୧୯୭୧

## ନଦୀ

ସରୋଜ କୁମାର ସାହୁ



କଳ କଳ ନାଦେ ସୁନ୍ଦର ସବଦେ
ନାଚ଼ି ନାଚ଼ି ଚ଼ାଲେ ସିଏ
ଅଙ୍କା ବଙ୍କା ତାର ଦେଖି କଳେବର
ମନଟି ଆନନ୍ଦ ଦିଏ ।
ଶୁଭ୍ର ଜଳ ଧାରା ବହି ଯାଏ ପରା
ସାଗରେ ମିଶିବା ପାଇଁ
ନଦୀ ନାମ ତାର ସଭିଙ୍କ ଆଦର
ଅଟେ ସେ ମଙ୍ଗଳମଇ ।
ଚ଼ାଷ କାମ ହୁଏ ଜଳ ସେ ଯୋଗାଏ
ବିଦ୍ୟୁତ ଉତ୍ପନ୍ନ କରେ
କଳ କାରଖାନା ଗଢି ଉଠେ ସିନା
ନଦୀ ଥିଲେ ସମୀପରେ ।
ପାନୀୟ ଜଳର ନ ଥାଏ ଯେ ଡର
ନଦୀ ରହିଥିବା ପାଇଁ
ଶିଳ୍ପ ସମୃଦ୍ଧିର ଭୂମିକା ତାହାର
ସଭିଙ୍କୁ ଜଣା ଅଟଇ ।
ଗଙ୍ଗା ଗୋଦାବରୀ କୃଷ୍ଣା ଓ କାବେରୀ
ଦେଶର ପ୍ରଧାନ ନଦୀ
ମହାନଦୀ ବ୍ରାହ୍ମଣୀ ଓ ବୈତରଣୀ
ଓଡିଶାରେ ବହେ ଆଦି କ୍ଷ
ମାଛ ଚ଼ାଷ ହୁଏ କୃଷିକୁ ବଂଚ଼ାଏ
ତା ଲାଗି ବଂଚ଼ିଛି ଜୀବ
ନଦୀ ବିନା ନାହିଁ ଜୀବନରେ ଭାଇ
ତା ଲାଗି ସବୁ ସମ୍ଭବ ।
ନଦୀ ଉପକୂଳେ ପରିବା ଯେ ଫଳେ
ଚ଼ାଷୀ ଭାଇ ମନ ଖୁସି
ନଦନଦୀ କୂଳେ ବସତି ରହିଲେ
ବଂଚ଼ିବୁ ତୁ ହସି ହସି ।
ଜଳଚ଼ର ଜୀବ ଘର ସିଏ ଭାବ
ନଉକା ବିହାର ହୁଏ
ବାଲୁକା ମିଳଇ ନଦୀ ବକ୍ଷୁ ପ୍ରାୟ
ଉପକାରୀ ବନ୍ଧୁ ଟିଏ ।
ବର୍ଷା ଜଳ ଯେତେ ମିଶେ ତାର ସାଥେ
ବନ୍ୟାକୁ ସାମନା କରେ
ଅତି ଉପକାରୀ ନଦୀଟି ଆମରି
ବହୁଛି ପୃଥିବୀ ପରେ ।
ନଦୀର ସୁରକ୍ଷା ପରିବେଶ ରକ୍ଷା
ହେଉ ସଭିଙ୍କର ପଣ
ନଦୀଟି ରହିଲେ ଜୀବନ ରହିବ
ଏ କଥା ରଖିଥା ମନ ।

ଆଇ.ଆଇ.ସି, ପାଟକୁରା
କେନ୍ଦ୍ରାପଡ଼ା

## କୁନା ଆଜି ବାହାରିଲା

ଧିରେନ୍ଦ୍ର ମଲ୍ଲିକ



ଜେଜେ ସଙ୍ଗେ ବଜାର,
ବାପାଙ୍କଠୁ ମାଗିକିରି
ଟଙ୍କା ନେଲା ହଜାର,,
ମନେ ମନେ ବିଚ଼ାରିଲା
ବାଛୁରିଟେ ଆଣିବି,
ସେବା ତାର କରି ନିତି
ଧନ୍ୟ ମୁହିଁ ମଣିବି,,
ଗୋପୀ ସାରେ କହୁଥିଲେ
ଗୋ ସେବା ଯେ କରିବ,
ପାପତାର କ୍ଷୟ ହେବ
ପୁଣ୍ୟ ସେ ଅରଯିବ,,
ବାଛୁରିଟେ କିଣି ଆଜି
ନେବି ମୁହିଁ ଘରକୁ,
ବାପା ବୋଉ ଗାଳି ଦେଲେ
ଦେବିନାହିଁ ପରକୁ,,
ବୁଝେଇ କହିବି ତାଙ୍କୁ
କହୁଥିଲେ ସା'ରେ,
ଆମେ ସବୁ ତା ସନ୍ତାନ
ସେ ଆମର ମାଆରେ,,
ଯାହାଘରେ ଥିବ ମାତା
ରହିବନି ଅପୋଷା,
ବିପଦ ତ ଆସିବନି
ହେବସିଏ ଭରଷା,,
ଲକ୍ଷ୍ମୀ ମାଆ ବିରାଜିବେ
ଆସି ତାର ଗୃହରେ,
ଧନ ଜନ ପରି ପୂର୍ଣ୍ଣ
ହସ ସଦା ମୁହଁରେ,,
କ୍ଷୀର ଛେନା ଘିଅ ଦହି
ସବୁସିଏ ପାଇବ,
ରୋଗ କଷ୍ଟ ଯନ୍ତ୍ରଣାରୁ
ବହୁ ଦୂରେ ରହିବ,,
ମାଆ ପରି ମାଆଟିଏ
ନାହିଁ ତାର ତୁଳନା,
ଆଶୀର୍ବାଦ ଦିଏ ସଦା
କରେ ନାହିଁ ଛଳନା,,
ଏତେ କଥା କହିବାରୁ
ବାପା ରାଜି ହୋଇଲେ,
କେତେ ବୁଦ୍ଧି ମୋ ପୁଅର
ବାଃ ବାଃ କହିଲେ,,

ଯୁବ ସାମ୍ବାଦିକ
ନୀଳକଣ୍ଠପୁର ମଙ୍ଗଳପୁର ଯାଜପୁର
ଫୋନ-୭୯୦୪୩୯୨୬୮୬

## ଜୀବନ ରୀତି

ଅନସୂୟା ନନ୍ଦ

ଜୀବନ କାହିଁ ଯେ ଜାବୁଡି
ଧରିବି ସ୍ୱପ୍ନମାନଙ୍କୁ
ଆଶାମାନେ ହାତରୁ
କହୁଣୀକୁ ଗଡିଗଲେଣି
ଅନେକ ବେଳୁ ସୂର୍ଯ୍ୟ ଅଧା ଆକାଶରେ
ସମୟ ଆଉ ଦୁଇ ଘଡି
ସନ୍ଧ୍ୟା ନଇଁବାକୁ ।
ଠାଇ ଠାଇ ଖରାଟାରେ ଝଡ ପରର
ନୀରବତା
ଥୁଣ୍ଟାଗଛ ଆହୁରି ଝାଉଁଳି
ଗଲାଣି କ୍ଲାନ୍ତ ବୟସରେ
କଅଁଳିଥିବା ନୂଆପତ୍ର
ଶୁଖିଯାଇଛି ପାଣିର ଅଭାବରେ
ପ୍ରଳୟ ପରର ହା ହା କାରରେ।
କ୍ଷୁବ୍ଧ ମନରେ ଇଚ୍ଛା ଆଉ ନାହିଁ
ନୂଆ କରି ତିଆରିବା ପାଇଁ ଅନ୍ୟ ଏକ
ଯନ୍ତ୍ରଣା ନଅର
ଜାଣିଛି ଏଇଟା ଉପକୂଳ
ଜୀବନ ଅମ୍ବୁଧିର
ଅନିବାର ତରଙ୍ଗ ଆସିବ ଭସେଇ
ନେବ ଆଶାର ମିନାର୍।

ଇଞ୍ଜିନିୟରିଂ କଲେଜ,
ବୁର୍ଲା, ସମ୍ବଲପୁର,

## ଗଙ୍ଗଶିଉଳିର ଗୀତି

ଶୁଚେତା ନନ୍ଦ

କାଠଯୋଡ଼ି ନଈ ତୁମ ନାଁ ନେଇ ମୋ ଭିତରେ ବହିଯାଏ
ମୋ ସ୍ମୃତି ଗାଆଁର ପାଣି ପବନ ବି ତୁମ କଥା ଖାଲି କହେ
ତୁମ ପାଇଁ ନିତି ଫୁଟୁଥାଏ ଏଠି କିବା ରାତି କିବା ଦିନ
ନୀଳ ଲଫାଫାର ଟିକି ଚ଼ିଠି ପରି ଟିକି ଚ଼ଢେଇ ମୋ ମନ।
ଅନ୍ଧାର ତୁମେ ଆଲୁଅ ବି ତୁମେ,ତୁମେ ସ୍ୱପ୍ନ ତୁମେ ନିଦ
ଅନୁରାଗ ତୁମେ ଅଭିମାନ ତୁମେ ,ତୁମେ ଭାବ ତୁମେ ଛନ୍ଦ
ତୁମେ ରଂଗତୁଳୀ ତୁମେ ଅର୍ଘ୍ୟଥାଳୀ ତୁମେ ଆଞ୍ଜୁଳାଏ ଜ୍ୟୋତି
ତୁମେ ଯେ ପୁଲକ,ତୁମେ ସେ ମହକ ତୁମେ ମିଠା ଜହ୍ନରାତି।
ପଥର ତଳର ଦୁବଘାସ ପରି ପ୍ରେମ ବି କଅଁଳେ ନିତି
ଜୀବନ ଦୀପରେ ଜଳୁଥାଏ ଯେବେ ବିଶ୍ୱାସର ସଂଜବତୀ
ଚ଼ିତ୍ରଲେଖାର ଚ଼ିତ୍ରିତ ମନଟି ତାରାଫୁଲଙ୍କର ଗାଆଁ
ଏଇ ବସନ୍ତର ବର୍ଣ୍ଣିଳ ଛାତିରେ ସବୁଠି ତୁମରି ନାଁ।
ତୁମେ ଶବ୍ଦ ହୋଇ ହୃଦ ଛୁଅଁ ଯେବେ ନିଖୋଜ୍ ହୁଏ ମୋ ରାତି
ନରମ ଆଖିରେ ଲେସି ହୋଇଯାଏ ଗଙ୍ଗଶିଉଳିର ଗୀତି।

ତ୍ରିଶୁଳିଆ, କଟକ

# ସହାନୁଭୂତି



ସୁଦର୍ଶନ ମହାପାତ୍ର

'ଗତ ଅଲମ୍ପିକରେ କିଛି ଖେଳାଳିଙ୍କ ବିରଳ କୃତିତ୍ୱ ଦେଶ ପାଇଁ ଆଣି ଦେଲା ଗର୍ବ ଓ ଗୌରବ। ପୁରସ୍କାର ରାଶି ଅଯାଚ଼ିତ ଭାବେ ଠୁଳ ହୋଇ ପଡିଲା ସେମାନଙ୍କ ପାଇଁ। ହେଲେ ସେଇ ସ୍ତରକୁ ଯିବା ପାଇଁ ସେମାନଙ୍କୁ ବହୁତ ସଂଘର୍ଷ କରିବାକୁ ପଡିଛି। ସେତେବେଳେ କେହିହେଲେ ବି ସେମାନଙ୍କ ପୃଷ୍ଠପୋଷକ ସାଜି ପାଖରେ ଠିଆ ହୋଇ ନଥିଲେ। ନିଜର ଲଢେଇ ନିଜେ ହିଁ ଲଢ଼ିବାକୁ ହୁଏ' - ରଜତ ବୁଝାଇଲା ପୁଅ ଅମ୍ଳାନ କୁ।-'ହକି ଖେଳକୁ ଉପଯୁକ୍ତ ପୃଷ୍ଠପୋଷକତା ମିଳିଲା ବୋଲି ସେମାନେ ନିରାଶ କରି ନାହାନ୍ତି ପୃଷ୍ଠପୋଷକଙ୍କୁ କିମ୍ବା ଏ ଦେଶକୁ, ବାବା !' ରଜତକୁ ଯୁକ୍ତି ଛଳରେ କହିଲା ଅମ୍ଳାନ। ପ୍ରକୃତରେ ସେଦିନ କଥା ପଡିଥିଲା ନିଟ୍ ପରୀକ୍ଷାର ରେଜଲ୍ଟ କୁ ନେଇ। ଅମ୍ଳାନ ରଖିଥିବା ମାର୍କ ଯେ ସରକାରୀ ମେଡିକାଲ କଲେଜରେ ଆଡ଼ମିଶନ ପାଇଁ ଅନୁପଯୁକ୍ତ ଜଣା ପଡିଲା ପରେ ଏକ ପ୍ରକାର ଅଶାନ୍ତ ପରିବେଶଟିଏ ସୃଷ୍ଟି ହୋଇଥିଲା ଘରେ। ସ୍ୱାଭାବିକ ଭାବେ ରଜତ ବି ମନଦୁଃଖ କରିଥିଲା। ବହୁତ ପରିଶ୍ରମ କରିଥିଲା ବିଚ଼ରା। ହେଲେ ସେ ଚ଼ାହିଁବା ମୁତାବକ କୌଣସି କୋଚ଼ିଂ ସେଣ୍ଟରରେ ତାକୁ ଭର୍ତ୍ତି କରାଇ ପାରିନଥିଲା ରଜତ। ଅସଲ କଥା ହେଉଛି ଆଜିକାଲି କୋଚ଼ିଂ ସେଣ୍ଟରମାନେ ଦାବି କରୁଥିବା ଟଙ୍କା ଦେବାକୁ ରଜତ ପାଖରେ ସମ୍ବଳ ନଥିଲା। ତେଣୁ ପରୀକ୍ଷା ପାଇଁ ଘରେ ରହି ମନଦେଇ ପଢିବାକୁ ଏବଂ ନିଜେ ନିଜେ ପ୍ରସ୍ତୁତ ହେବାକୁ ପୁଅକୁ ପ୍ରବର୍ତ୍ତାଇ ଥିଲା ସେ ।ଏତିକିବେଳେ ମାମୁଁ ଫୋନ୍ କରିଛନ୍ତି ବୋଲି କହି ପୁଅ ଫୋନ୍ ବଢାଇ ଦେଲା ? ରଜତ ହାତକୁ। ନିଟ୍ ପରୀକ୍ଷାରେ ଅମ୍ଳାନର ରେଜେଲ୍ଟ ଜାଣିବା ପାଇଁ ଯେ ସେ ଫୋନ୍ କରିଥିବେ କଥା ହେବା ଆଗରୁ ରଜତ ବୁଝି ପାରିଲା। ସବୁ କଥା ଶୁଣି ସାରିବା ପରେ ,କୌଣସି କୋଚ଼ିଂ ସେଣ୍ଟରରେ ଜଏନ୍ କରିଥିଲେ ପୁଅ ହୁଏତ ଆଜି ଭଲ ଖବର ଶୁଣାଇଥାନ୍ତା ବୋଲି ପ୍ରବୋଧନା ଦେଲେ ସେ । ଏକଥା ଶୁଣି କୋଚ଼ିଙ୍ଗ ସେଣ୍ଟର ପଠାଇବାକୁ ମାମୁଁ ଙ୍କୁ ସେତେବେଳେ କାହିଁକି ପଇସା ମାଗିଲନି ବୋଲି ଅଭିମାନ ବଶତଃ କହିଲା ଦୁଃଖରେ ମ୍ରିୟମାଣ ଥିବା ପୁଅ। -' ଆରେ ତୋ ମାମୁଁ ଝିଅ ବାହାଘରରେ ଅନେକ ଖର୍ଚ୍ଚାନ୍ତ ହୋଇ ସାରିଥିଲେ ସେତେବେଳେ,ଆଉ ଏପର୍ଯ୍ୟନ୍ତ ବି ଧାର ଉଧାରରେ ବୁଡି ରହିଛନ୍ତି ।' ପୁଅକୁ ବୁଝାଇବାକୁ ଚେଷ୍ଟା କଲା ରଜତ। ' ତାହେଲେ ବନ୍ଧୁବାନ୍ଧବଙ୍କ ଠାରୁ କିମ୍ବା ତୁମର କୌଣସି ସାଙ୍ଗ ଙ୍କ ଠାରୁ ଉଧାର ତ ଆଣି ପାରିଥାନ୍ତ !' ଆକ୍ଷେପ କଲା ଭଳି କହିଲା ପୁଅ।

-' ତୁ ବୁଝୁନୁ କାହିଁକି ? ମୋ ସାଙ୍ଗମାନେ ହୁଅନ୍ତୁ ବା ବନ୍ଧୁବାନ୍ଧବ, ସେ?ମାନେ ନିଜ ନିଜ ଆୟରେ ସଂସାର ଚ଼ଳାଉଛନ୍ତି। ସେମାନଙ୍କ ସହିତ କେବେ ଫୋନରେ ବା ଦେଖା ହୋଇ କଥା ହେଲେ, ଆଗ ସେଇ ଅଭାବ ଅସୁବିଧା ରୁ ହିଁ କଥା ଆରମ୍ଭ କରନ୍ତି ସେମାନେ ।କିଏ କହେ ବ୍ୟାଙ୍କ ଲୋନ୍ କଥା ତ କିଏ କହେ ପଇସା ଅଭାବରୁ କାର କିମ୍ବା ଜାଗାଟିଏ କିଣି ନପାରିବାର ଦୁଃଖ କଥା ।ଆଉ କିଏ ବଖାଣେ ପୁଅ କିମ୍ବା ଝିଅର ପଢା ପଛରେ ହେଉଥିବା ଖର୍ଚ୍ଚର ହିସାବ ତ କେହି କେହି କହି ବସନ୍ତି ପିଲାମାନଙ୍କର ଅଯଥା ଖର୍ଚ୍ଚର ବୃତ୍ତାନ୍ତ ଏବଂ ସେମାନେ ଭୋଗୁଥିବା ମାନସିକ ଯନ୍ତ୍ରଣାର କଥା । ମୋର ଆଉ ଇଚ୍ଛା ହୁଏନା ନିଜର ଅସୁବିଧା କଥା ସେମାନଙ୍କ ଆଗରେ କହିବା ପାଇଁ ।' ଅପେକ୍ଷାକୃତ ନରମ ସ୍ୱରରେ ରଜତ କହିଲା ପୁଅକୁ। ହେଲେ ପୁଅ ଯେ ତା'ର ଉତ୍ତରରେ ସନ୍ତୁଷ୍ଟ ନୁହେଁ, ବୁଝି ହେଉଥିଲା ତା ଭାବଭଙ୍ଗୀରୁ।

-' ଶୁଣ୍ ଗୋଟିଏ କଥା। ମୁଁ ଯେତେବେଳେ ଚ଼ାକିରୀରେ ଥିଲି, ଯଥେଷ୍ଟ ପଇସା ରୋଜଗାର କରୁଥିଲି। ଜାଗା କିଣି, ଘରଦ୍ୱାର ଏବଂ ଆସବାବପତ୍ର ତିଆରି କରିବାରେ ମୋର ଖୁସି ଥିଲା। ସେତେବେଳେ ତ ଥରକ ପାଇଁ କାହା ସୁବିଧା ଅସୁବିଧା କଥା ମନରେ ଆସୁନଥିଲା। କାହାରି ଭଲ ମନ୍ଦ କଥା ପଚ଼ାରୁ ନଥିଲି। ଆତ୍ମସର୍ବସ୍ୱ ଥିଲି। ଏବେ ପ୍ରାଇଭେଟ୍ କମ୍ପାନୀରୁ ଚ଼ାକିରି ଗଲାପରେ, ସେମାନେ କ'ଣ ପାଇଁ ମୋର ସୁବିଧା ଅସୁବିଧା କଥା ବୁଝିବାକୁ ଯିବେ ? ସେମାନେ କ'ଣ ପାଇଁ ମୋତେ ସହାନୁଭୂତି ଦେଖାଇବାକୁ ଆଗେଇ ଆସିବେ..?' ରଜତର କଥାରେ ଏଥର ତୁନି ପଡିଥିଲା ଅବୁଝା ପୁଅ।

କୁଞ୍ଜବିହାରୀ ଲେନ, କଟକ




# ପଂଚାୟତ ନିର୍ବାଚନର ବିଗୁଲ ବଜାଇଲେ ଅନୁଭବ



ଖଣ୍ଡପଡା (ପିଏନ୍): ଆସ˚। ୨୦୨୨ରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଅନୁଷ୍ଠିତ ହେବ । ତେବେ ପଂଚାୟତ ନିର୍ବାଚନର ଅବବ୍ୟହିତ ପୂର୍ବରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମର ଆୟୋଜନ କରି ପଂଚାୟତ ନିର୍ବାଚନ ପାଇଁ ବିଗୁଲ ବଜାଇଛଁ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ । ଖଣ୍ଡପଡା ବ୍ଲକ ଅଧିନ ୨୨ଟି ପଂଚାୟତରୁ ୫୦୦ରୁ ଉର୍ଦ୍ଧ ଦଳୀୟ କର୍ମୀ, ସଂଗଠକ ଓ ପଂଚାୟତସ୍ତରୀୟ ଲୋକପ୍ରତିନିଧିମାନେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଜେଡି ଦଳର ବହୁ ପୁରୁଖା ନେତା ଯୋଗଦେଇ ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ପୂର୍ବତନ ବିଧାୟକ ଅନୁଭବଙ୍କ ଉପରେ ପୂର୍ଣ୍ଣ ଆସ୍ଥା ପ୍ରକଟ କରିଥିବା ଜଣାପଡିଛି । ଏପରିକି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଦଳର ଛାମୁଆ ସଂଗଠକମାନେ ସାଂପ୍ରତିକ ପରିସ୍ଥିତିରେ ଖଣ୍ଡପଡା ବିଧାୟକଙ୍କ କାର୍ଯ୍ୟକଳାପକୁ ନେଇ ଅସେ˚ାଷ ବ୍ୟକ୍ତ କରିବା ସହ ଆଗାମୀ ପଂଚାୟତ ନିର୍ବାଚନ ସ୍ଥାନୀୟ ବିଧାୟକଙ୍କ ନେତୃତ୍ୱରେ ଶାସକ ବିଜେଡି ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହେବ ବୋଲି ପ୍ରକାଶ କରିଛଁ । ଦଳୀୟ ସଂଗଠନକୁ ପ୍ରତ୍ୟେକ ପଂଚାୟତରେ ସୁଦୃଢ କରିବା ଉପରେ ପୂର୍ବତନ ବିଧାୟକ ଶ୍ରୀ ପଟ୍ଟନାୟକ ଗୁରୁତ୍ୱାରୋପ କରିବା ସହ ପ୍ରତ୍ୟେକ କର୍ମୀ, କର୍ମକର୍ତା ଶୃଙ୍ଖଳିତ ସଭ୍ୟ ଭାବେ ଦଳ ପାଇଁ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ବନ୍ଧୁମିଳନ କାର୍ଯ୍ୟକ୍ରମରେ ସରପଂଚ ନବକିଶୋର ସାହୁ, ଅକ୍ରୁର ମହାରଣା, କୃଷ୍ଣଚନ୍ଦ୍ର ସାହୁ, ବିପିନ କୁମାର ସାମଲ, ବରିଷ୍ଠ ବିଜେଡି ନେତା ଅଖିଳ କୁମାର ମହାରଣା, ପୂର୍ବତନ ସରପଂଚ ଶୁକଦେବ ଜେନା, ଶରତ ଚନ୍ଦ୍ର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଜାନୁୟାରୀ ୭ରେ




ଖଣ୍ଡପଡା (ପିଏନ୍) ଖଣ୍ଡପଡା ସହରର ସର୍ବ ପୁରାତନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଉତ୍ସବ ଆସ˚। ଜାନୁୟାରୀ ୭ରୁ ୯ତାରିଖ ପର୍ଯ୍ୟ˚ ୩ ଦିନ ବ୍ୟାପୀ ଅନୁଷ୍ଠିତ ହେବ ବୋଲି ବିଦ୍ୟାଳୟ ପ୍ରକୋଷ୍ଠରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ଲାଟିନମ ଜୁବୁଲି କମିଟିର ସଭାପତି ତଥା ବିଶିଷ୍ଟ ସୁଲେଖକ କୁଳମଣି ଷଡଙ୍ଗୀ ସୂଚନା ଦେଇଛଁ । ଜୁବୁଲି କମିଟିର ଆବାହକ ଦୀପକ ମିଶ୍ର ଓ ସଂପାଦକ ବିନାୟକ ସାହୁ ପ୍ଲାଟିନମ ଜୁବୁଲି ପାଳନ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଜୁବୁଲି ଉତ୍ସବକୁ ସରସ ସୁନ୍ଦର କରିବା ସହ ଅନୁଷ୍ଠାନର ସାମଗ୍ରିକ ବିକାଶ ନିମ˚ ପୁରାତନ ଛାତ୍ରମାନେ ସାହାଯ୍ୟ ଓ ସହଯୋଗର ହାତ ବଢାଇବାକୁ ନିବେଦନ କରାଯାଇଥିଲା । ୩୭ ଜଣ ପୁରାତନ ଛାତ୍ରଙ୍କ ଠାରୁ ୪.୫ ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ନେଇ ସୂଚନା ଦିଆଯାଇଥିଲା । ସେହିପରି ବିଦ୍ୟାଳୟ ପରିସରରେ ୫ଜଣ ମହାପୁରୁଷଙ୍କ ପ୍ରତିମୂର୍ତୀ ଓ ଏକ ଡିଜିଟାଲ ଲାଇବ୍ରେରୀ ସ୍ଥାପନ ପାଇଁ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଁଚିଥିବା ନେଇ ସୂଚନା ଦିଆଯାଇଥିଲା । ସାମ୍ବାଦିକ ସମ୍ମିଳନୀର ପ୍ରାରମ୍ଭରେ ବିଶିଷ୍ଟ ବ୍ୟଙ୍ଗ ଚିତ୍ର ଶିଳ୍ପୀ କିଶୋର ରଥଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପରିଶେଷରେ ସହକାରୀ ଶିକ୍ଷକ ମାନସ ମୋହନ ମିଶ୍ର ଧନ୍ୟବାଦ ଦେଇଥିଲେ ।

## ଚମ୍ପୁଆ ବିଧାୟିକା ଦୁଇଟି ନୂତନ ରାସ୍ତାର ନିର୍ମାଣ ନିମନ୍ତେ ଶୁଭ ଦେଲେ

ଯୋଡା (ପିଏନ୍)- କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅ˚ଗତ ରୁଗୁଡି ପଂଚାୟତକୁ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହା˚ ଗସ୍ତ କରି ଦୁଇଟି ନୂତନ ରାସ୍ତାର ଶୁଭ ପକାଇଥିବା ଜଣାପଡିଛି। ଲୋଇଡାପଦା ମୁଣ୍ଡା ସାହିରେ ରାସ୍ତା ନଥିବାରୁ ପ୍ରାୟ ୫୦ଟି ପରିବାର ଯିବା ଆସିବା ପାଇଁ ଅନେକ ହଇରାଣ ହେଉଥିଲେ। ଠିକ ସେହିପରି ରୁଗୁଡି ଠାକୁରାଣି ସାହିର ଅବସ୍ଥା ମଧ୍ୟ ଅତ୍ୟ˚ ଶୋଚନୀୟ ହୋଇପଡିଥିଲା ଖବର ପାଇ ବିଧାୟିକା ସେଠାରେ ପହଚଁ ପରିସ୍ଥିତକୁ ଅନୁଧ୍ୟାନ କରି ନୂତନ ରାସ୍ତାର ଶୁଭ ପକାଇଥିବା ଜଣାପଡିଛି। ଠାକୁରାଣି ସାହିରେ ବର୍ଷା ଦିନେ ପାଣି ଜମି ରହି ଲୋକ ମାନଙ୍କ ଯିବା ଆସିବା ନିମ˚ ଅନେକ



ସମସ୍ୟା ଉପୁଜୁଥିଲା । କାଦୁଅ ପଚପଚ ହେବା ସହ ପାଣି ଜମି ବିଭିନ୍ନ ହାନିକାରକ ଜୀବାଣୁ ଉତ୍ପତି ସ୍ଥଳ ପାଲଟି ଥିଲା । ତେଣୁ ବିଧାୟିକା ଏହାକୁ ଦେଖି ନିଜ ଏମ ଏଲ ଏ ଫଣ୍ଡରୁ ଏହି ଦୁଇଟି ରାସ୍ତା ର୍ନିମାଣ ନିମ˚ ଶୁଭ ପକାଇଥିବା ଗୁଆଲି ଅଚଂଳର ଯୁବ ବିଜେଡି ଜିଲ୍ଲା ଉପସଭାପତି ସଂଜୀବ ପଲେଇ ଗଣମାଧ୍ୟମକୁ ସୂଚନା ଦେଇଛଁ।

# ଭାରତୀୟ ଜୀବନ ବୀମା ଅଭିକର୍ତ୍ତା ମହାସଙ୍ଘର ୨୬ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ

କେନ୍ଦ୍ରାପଡ଼ା (ପିଏନ୍): ଭାରତୀୟ ଜୀବନବୀମା ଅଭିକର୍ତ୍ତା ମହାସଙ୍ଘ କଟକ ମଣ୍ଡଳ ପରିଷଦର କେନ୍ଦ୍ରାପଡା, ପଟ୍ଟାମୁଣ୍ଡାଇ ଓ ପାରାଦୀପ ଜୀବନବୀମା ଶାଖା ଆନୁକୂଲ୍ୟରେ ୨୬ତମ ବାର୍ଷିକ ସାଧାରଣ ସଭା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କଟକ ମଣ୍ଡଳ ପରିଷଦର ସଭାପତି ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଲିଆଫିର ମହାସଚିବ ଏନ. ଗଜପତି ରାଓ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଜଳଶକ୍ତି ଓ ଜନଜାତି ବ୍ୟାପାର ମନ୍ତ୍ରୀ ବିଶେଶ୍ୱର ଟୁଡୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବମଧକ୍ଷେତ୍ରର କ୍ଷେତ୍ରୀୟ ସମ୍ପାଦକ ସରୋଜ କୁମାର ଶଙ୍ଖୁଆ, ଭାରତୀୟ



ଜୀବନବୀମା କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅନନ୍ତ ଭୂଷଣ ରଥ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମହାସଙ୍ଘ ପକ୍ଷରୁ ବୀମା ପ୍ରିମିୟମ ହ୍ରାସ କରାଯିବା, ପଲିସି ଓ ବିଳମ୍ବ ପ୍ରିମିୟମ ଜମା ଉପରୁ ଜିଏସଟି ଉଚ୍ଛେଦ, ପଲିସି ହୋଲଡରଙ୍କ ପାଇଁ ବୋନୋସ ବୃଦ୍ଧି, ଜୀବନବୀମା ଏଜେଣ୍ଟକଲ୍ୟାଣ ପାଣ୍ଠି ଗଠନ କରାଯିବା ପ୍ରଭୃତି ସମ୍ପର୍କରେ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କଟକ ମଣ୍ଡଳର ସମ୍ପାଦକ ଜ୍ଞାନେନ୍ଦ୍ର କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଭ୍ୟର୍ଥନା କମିଟି ଅଧକ୍ଷ ତଥା କେନ୍ଦ୍ରାପଡା ଅଭିକର୍ତ୍ତା ସଙ୍ଘ ସଭାପତି ନାରାୟଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦର୍ଶ ଶିକ୍ଷକ ଲକ୍ଷ୍ମୀନାରାୟଣଙ୍କ ବିୟୋଗରେ ସ୍ମୃତିସଭା




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ ଆଦର୍ଶ ଶିକ୍ଷକ ତଥା ସମସ୍ତଙ୍କୁ ଭଲ ପାଉଥିବା ଦରଦୀ ମଣିଷ ସ୍ୱର୍ଗତ ଲକ୍ଷ୍ମୀନାରାୟଣ ଦାସଙ୍କ ଉଦେଶ୍ୟରେ ଏକ ସ୍ମୃତିସଭା ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପ୍ରଦିପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ବରିଷ୍ଠ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ, ବରିଷ୍ଠ ଆଇନଜୀବୀ ଧରଣୀଧର ସୁଆର, ସମ୍ବାଦ ସାହିତ୍ୟ ଘର ସଭାନେତ୍ରୀ କବୟତ୍ରୀ ଅବନ୍ତୀ ବେହେରା ଓ ସାମ୍ବାଦିକ ଆଶିଷ ସେନାପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରାରମ୍ଭରେ ସଂସଦର ସମ୍ପାଦକ ସୁଶିଲ ସାମଲ ସ୍ୱାଗତ ଭାଷଣ ପ୍ରଦାନ ସହ ସ୍ୱର୍ଗତ ଦାସଙ୍କ ସହିତ ବିତାଇଥିବା ଘଟଣାକ୍ରମକୁ ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ସୁବାଷ ପାତ୍ର, ରବୀନ୍ଦ୍ର ନାଥ ରଥ, ଅମରବର ବିଶ୍ୱାଳ, ଗୋଲେଖ ପଢିଆରୀ, ମୁକ୍ତାର ଖାଁ, ରଣଧିର ଜେନା, ସେକ ସୌକତ ଖାନ, ନଳିନୀ କାନ୍ତ ଦାସ, ସେକ ସମସେର, ନାରାୟଣ ସାହୁ, ସୁହାନା ପରୱିନ, ନିରୂପମା ସିଂହ, ସେକ ଅବଦୁଲ ଜଲାଲ, ସତ୍ୟପ୍ରିୟ ଦାସ, ବୈଷ୍ଣବ ପ୍ରଧାନ, ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# କଂଗ୍ରେସ ଭବନରେ ପୋଲିସ ବର୍ବରତା ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବୀ କଲା କଂଗ୍ରେସ



ଭୁବନେଶ୍ୱର (ପିଏନ୍)-ରାଜ୍ୟରେ ଗଣତନ୍ତ୍ର ଭୁଷୁଡ଼ି ପଡ଼ିଛି। ନବୀନ ପଟ୍ଟନାୟକ ଶାସନରେ ନାଗରିକର ସାମ୍ବିଧାନିକ ଅଧିକାର ଅପହରଣ କରାଯାଇଛି। ବିଧି ବ୍ୟବସ୍ଥା ପ୍ରତି ଉପହାସ କରାଯାଉଛି। ପୋଲିସ୍‌କୁ ଦଳୀୟ ବାହିନୀ ଭାବରେ ବ୍ୟବହାର କରି ବିଜେଡ଼ି ସରକାର ବିରୋଧି ଦମନ ଅଭିଯାନ ଆରମ୍ଭ କରିଛି। ଆଜି ରାଜ୍ୟ ଛାତ୍ର କଂଗ୍ରେସ ତରଫରୁ ବିଧାନସଭା ଘେରାଉର ଆହ୍ୱାନ ଦିଆଯାଇଥିଲା ଏବଂ ତଦନୁଯାୟୀ ପ୍ରାୟ ଦଶ ହଜାର ଛାତ୍ର ବନ୍ଧୁମାନେ ରାଜ୍ୟର ବିଭିନ୍ନ ପ୍ରା˚ରୁ ଆସି ରାଜଧାନୀ ଠାରେ ସମବେତ ହୋଇଥିଲେ। ମମିତା ମେହେରଙ୍କୁ ନ୍ୟାୟ ଦିଆଯାଉ, ଦାଗୀ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବରଖାସ୍ତ କରାଯାଉ, ତାଙ୍କ ବିରୁଦ୍ଧରେ ହତ୍ୟା ଓ ଷଡ଼ଯନ୍ତ୍ର ଅଭିଯୋଗରେ ମକଦ୍ଦମା ରୁଜୁ କରାଯାଉ ଓ ସମୁଦାୟ ଘଟଣାର ତଦ˚ ମୁଖ୍ୟ ବିଚାରପତିଙ୍କ ତତ୍ୱାବଧାନରେ ସ୍ୱତନ୍ତ୍ର ଅନୁସଂଧାନକାରୀ ଦଳ ଦ୍ୱାରା କରାଯାଉ ଆଦି ନାରାବାଜି ଦେଇ ଛାତ୍ର କଂଗ୍ରେସ କର୍ମୀମାନେ ଲୋୟର ପିଏମଜିର ବିକ୍ଷୋଭ ସ୍ଥଳକୁ ପ୍ରବେଶ କରୁଥିଲେ। ବିକ୍ଷୋଭ ଉଦ୍ଦେଶ୍ୟରେ ଆୟୋଜିତ ସଭାରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରନ ପଟ୍ଟନାୟକ, ବିଧାୟକ ଦଳ ନେତା ଶ୍ରୀ ନରିସଂହ ମିଶ୍ର, କଂଗ୍ରେସ ବିଧାୟକ ବୃନ୍ଦ ଓ ଦଳର ବରିଷ୍ଠ ନେତୃମଣ୍ଡଳୀ ଉପସ୍ଥିତ ରହି ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ଏବଂ ମମିତା ମେହେରଙ୍କୁ ନ୍ୟାୟ ନ ମିଳିଲା ପର୍ଯ୍ୟ˚ କଂଗ୍ରେସର ଆନ୍ଦୋଳନ ଚାଲୁ ରହିବ ବୋଲି ଚେତାବନୀ ଦେଇଥିଲେ। ଏହାପରେ ଛାତ୍ରମାନେ ଶା˚ପୂର୍ଣ୍ଣ ଭାବେ ଛାତ୍ର କଂଗ୍ରେସର ଆହ୍ୱାନ ଅନୁସାରେ ବିଧାନସଭା ଘେରାଉ ଉଦ୍ଦେଶ୍ୟରେ ଲୋୟର ପିଏମଜି ରାସ୍ତାରେ ଆଗେଇଥିଲେ। ମାତ୍ର ପୋଲିସ ସେମାନଙ୍କୁ ବାରିକେଡ କରି ଅଟକାଇଥିଲା। ଛାତ୍ରମାନେ କାହିଁକି ବାରିକେଡ କରାଯାଇ ତାଙ୍କୁ ବାରଣ କରାଯାଉଛି ବୋଲି ପୋଲିସକୁ ପ୍ରଶ୍ନ କଲାବେଳେ ପୋଲିସ ହଠାତ ଉତେଜିତ ହୋଇ ଛାତ୍ରମାନଙ୍କ ଉପରେ ଲାଠିମାଡ଼ ଆରମ୍ଭ କରିଦେଇଥିଲା। ତାପରେ ପୋଲିସ ହିଂସ୍ରରୂପ ଧାରଣ କରି ଗୋଡ଼ାଇବା ବାହାନରେ କଂଗ୍ରେସ ଭବନ ପର୍ଯ୍ୟ˚ ଦୌଡ଼ି ଦୌଡ଼ି ଆସି କଂଗ୍ରେସ ଭବନରେ ଶତାଧିକ ସଶସ୍ତ୍ର ପୋଲିସ ପଶି ଅନେକ ନିରୀହ କଂଗ୍ରେସ କର୍ମୀ ଉପରେ ନିସ୍ତୁକ ପ୍ରହାର କରିଥିଲେ। ଏହି ଦୁର୍ଭାଗ୍ୟଜନକ ଘଟଣା ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ ତରଫରୁ ତରଫରୁ କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ ଆହୁତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମିଡ଼ିଆ ବିଭାଗ ଅଧକ୍ଷ ଶ୍ରୀ ଗଣେଶ୍ୱର ବେହେରା, ବରିଷ୍ଠ ବିଧାୟକ ଶ୍ରୀ ତାରା ପ୍ରସାଦ ବାହିନୀପତି ଉଦ୍‌ବୋଧନ ଦେଇ ନିମ୍ନମତେ ସୂଚନା ଦେଇଥିଲେ। କ) କଂଗ୍ରେସ ଭବନରେ ପୋଲିସର ପ୍ରବେଶ ଓ ନିରୀହ ଶା˚ପୂର୍ଣ୍ଣ ଆନ୍ଦୋଳନକାରୀ ଛାତ୍ରମାନଙ୍କ ଉପରେ ପୋଲିସର ଅମାନୁଷିକ ଆକ୍ରମଣକୁ କଠୋର ନିନ୍ଦା କରିଥିଲେ। ଖ) ଏପରି ବର୍ବରୋଚିତ ଘଟଣା ପାଇଁ ପୋଲିସ କମିଶନର କ୍ଷମାମାଗ˚ୁ ବୋଲି ଦାବି କରିଥିଲେ। ଗ) କଂଗ୍ରେସ ଭବନରେ ପ୍ରବେଶ ଓ ନିରୀହ କଂଗ୍ରେସ କର୍ମୀଙ୍କ ଉପରେ ଆକ୍ରମଣରେ ସଂପୃକ୍ତ ପୋଲିସ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ। ଘ) ଆଜିର ଏହି ଦୁର୍ଭାଗ୍ୟଜନକ ତଥା ଦୁଃଖଦାୟକ ପୋଲିସର ମାତ୍ରାଧିକ କାର୍ଯ୍ୟକଳାପର ବିଚାର ବିଭାଗୀୟ ତଦ˚ ଦାବି କରାଯାଇଥିଲା। ଙ) ବରିଷ୍ଠ କଂଗ୍ରେସ ନେତା ଶ୍ରୀ ତାରା ପ୍ରସାଦ ବାହିନୀପତି ବିଧାନ ସଭାରେ ଅଚଳାବସ୍ଥା ପାଇଁ ସରକାରଙ୍କୁ ଦାୟୀ କରିଥିଲେ ଓ ମୁଖ୍ୟମନ୍ତ୍ରୀ ବିଧନାସଭାକୁ ମର୍ଯ୍ୟାଦା ପ୍ରଦାନ କରୁନାହାଁ˚ ବୋଲି ଅଭିଯୋଗ କରିଥିଲେ। କଂଗ୍ରେସର ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ଜେନା ଓ ଜାତୀୟ ଛାତ୍ର କଂଗ୍ରେସ ସମ୍ପାଦିକା ସୁଶ୍ରୀ ଅନୁଲେଖା ବୋଷା ଉପସ୍ଥିତ ଥିଲେ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## ଜିଲ୍ଲା ବିଡିସିଆିନ ଆସୋସିଏସନର ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ବିଉଟିସିଆନ ଆସୋସିଏସନର ଏକ ବୈଠକ ଇଛାପୁରସ୍ଥିତ ଯାତ୍ରୀନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜ୍ୟୋତିର୍ମୟୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଓଡିଶା ବିଉଟିସିଆନ ୱେଲଫେୟାର ଆସୋସିଏସନର ସଭାପତି ସୁପ୍ରୀୟା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ ଯେ କରୋନା ସମୟରେ ବିଉଟିସିଆନମାନେ ଯେଉଁ କ୍ଷତିଗ୍ରସ୍ତ ହୋଇଛନ୍ତି ତାହାର କ୍ଷତିପୁରଣ ପାଇଁ ଆମ ସଂଗଠନକୁ ସୁଦୃଢ କରିବା ସହିତ ଆମକୁ ଏକାଠି ହୋଇ କାର୍ଯ୍ୟ କରିବାକୁ ପଡିବ। ଆସୋସିଏସନର ସମ୍ପାଦିକା ସୁନିତା ରାୟ, କୋର କମିଟି ସଦସ୍ୟା ମଧୁସ୍ମିତା ରାଉତ, ଇତିଶ୍ରୀ ମହାନ୍ତି, ମହମ୍ମଦ ମନୁଆର ଅଲ୍ଲୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ବୈଠକରେ କେନ୍ଦ୍ରାପଡା ଜିଲ୍ଲା ବିଉଟିସିଆନ ଆସୋସିଏସନର ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ସେସବୁର ସାମୁହିକ ସମାଧାନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କେନ୍ଦ୍ରାପଡା ଜିଲ୍ଲାରେ ବିଭିନ୍ନ ସାମାଜିକ କାର୍ଯ୍ୟ କରିବା ପାଇଁ ଏକ ବିଉଟିସିଆନ ୱେଲଫେୟାର ଆସୋସିଏସନ ଗଠନ କରାଯିବାକୁ ବିଭିନ୍ନ ବ୍ଲକରୁ ଯୋଗଦେଇଥିବା ବିଉଟିସିଆନ ରୋଜାଲୀନ, ଡେଜିନା, ଜିନୁ, ରଶ୍ମୀ, ଝିଲି, ମିତା ପ୍ରମୁଖ ପ୍ରସ୍ତାବ ରଖିଥିଲେ।

## ଜିଲ୍ଲା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ କମିଟିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସହରର କଜଳା ସ୍ଥିତ ଜିଲ୍ଲା କଂଗ୍ରେସ ଭବନ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା କଂଗ୍ରେସର ସାଙ୍ଗଠନିକ ପ୍ରଭାରୀ ତଥା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ବିପ୍ଳବ ଚୌଧୁରୀ ଯୋଗଦେଇ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା ପ୍ରମୁଖ ଯୋଗଦେଇ ଦଳୀୟ ସଭ୍ୟ ସଂଗ୍ରହ ଅଭିଯାନ ଓ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମ୍ପର୍କରେ ଆଲୋଚନା କରିବା ସହ ଗ୍ରାମାଞ୍ଚଳ ସ୍ତରରୁ ଦଳୀୟ କାର୍ଯ୍ୟକ୍ରମ ମାଧମରେ କଂଗ୍ରେସର ଜନହିତକର କାର୍ଯ୍ୟାବଳୀ ଉପରେ ଲୋକମାନଙ୍କୁ ଅବଗତ କରିବା ପାଇଁ ପରାମର୍ଶ ଦେଇଥିଲେ । ପ୍ରଦେଶ କଂଗ୍ରେସ କମିଟି ପଛୁଆ ବର୍ଗ ବିଭାଗ ଅଧକ୍ଷ ଜ୍ଞାନଦେବ ବେହୁରା ଦୁର୍ନୀତିମୁକ୍ତ ଶାସନ ପ୍ରଦାନ ନିମିତ୍ତ କଂଗ୍ରେସ ସଂକଳ୍ପବଦ୍ଧ ବୋଲି କହିଥିଲେ । ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ କଂଗ୍ରେସ ନିଶ୍ଚିତ ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ବିଭ୍ରାଂଶୁ ଶେଖର ଲେଙ୍କା ମହାକାଳପଡା ନିର୍ବାଚନ ମଣ୍ଡଳୀରେ ଓ ରତିକାନ୍ତ କାନୁନ୍‌ଗୋ ପାଟକୁରା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ସଂଗଠନକୁ ମଜବୁତ କରିବା ପାଇଁ ଦୃଢ ସଂକଳ୍ପର ଆବଶ୍ୟକତା ଉପରେ ଅଭିବ୍ୟକ୍ତି ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ଆକବର ଅଲ୍ଲୀ, ମଙ୍ଗୁଳି ଚରଣ ବେହେରା, ଚିତ୍ରସେନ ପରିଡା, କବିନ୍ଦ୍ର ସାମଲ, ଜ୍ୟୋତି ରଞ୍ଜନ ପରିଡା, ଅମୁଲ୍ୟ ପ୍ରଧାନ, ପର୍ଶୁରାମ ରାଉତରାୟ, ବାବୁରାମ ଜେନା, କୁମାର ଚନ୍ଦ୍ର ବଳ, ବିଧୁଭୂଷଣ ମହାପାତ୍ର, ଶରତ ବେହୁରା, ନିରାକାର ଜେନା, ମହେନ୍ଦ୍ର ପରିଡା, ସଂଗ୍ରାମ ପୃଷ୍ଟି, ଗୋପାଳ କୃଷ୍ଣ ଜେନା, ପ୍ରଦୀପ ପ୍ରଧାନ, ଅନ୍ନପୁର୍ଣ୍ଣା ଦାସ, ସତ୍ୟପ୍ରିୟ ସାମଲ, ପରଭେଜ ଅକ୍ତର୍, ରାକେଶ ମହାନ୍ତି, ଦୟାନିଧି ଜେନା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଫୁଲ୍ଲ କୁମାର ଦାସ ସଭା ପରିଚାଳନା କରିଥିବା ବେଳେ ଜିଲ୍ଲା କଂଗ୍ରେସ ଅନୁସୁଚିତ ବର୍ଗ ଅଧକ୍ଷ ସର୍ବେଶ୍ୱର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରସିଦ୍ଧ କନ୍ତିଆ ମଠରେ ରାହାସ ପୂର୍ଣ୍ଣିମାରେ ଭଜନ ସନ୍ଧ୍ୟା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହର ଉପକଣ୍ଠ ପ୍ରସିଦ୍ଧ କନ୍ତିଆ ମଠରେ ପାରମ୍ପରିକ ରୀତି ନୀତିରେ ରାହାସ ପୂର୍ଣ୍ଣିମା ପାଳନ ଉପଲକ୍ଷେ ଏକ ମନୋଜ୍ଞ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନ 'ବାଗଦେବୀ କଳା ମନ୍ଦିର' ଆନୁକୂଲ୍ୟରେ ଅନୁଷ୍ଠିତ ଭଜନ ସନ୍ଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ଅଂଶଗ୍ରହଣ କରି ଭଜନ ପରିବେଷଣ କରିଥିଲେ। ସଂଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସ ଏବଂ ମଠର ମଠାଧିଶ ସିଦ୍ଧାର୍ଥ ଶଙ୍କର ଦାସଙ୍କ ପରିଚାଳନାରେ ରଞ୍ଜନ ବେହୁରା, ବିନାୟକ ସୁତାର, ପ୍ରଦୀପ ବେହୁରା, ଅଲିଭା ପ୍ରିୟଦର୍ଶିନୀ, ପ୍ରଭାତୀ ମହାନ୍ତି ପ୍ରମୁଖ କଣ୍ଠଶିଳ୍ପୀମାନେ ମଧୁ ଦାସ ଓ ଅରକ୍ଷିତ ଦାସଙ୍କ ସ୍ୱରଚିତ ଭଜନ ଗୁଡିକ ପରିବେଷଣ କରିଥିଲେ। ନିତ୍ୟ ରାହାସ ଉପରେ ଆଧାରିତ 'ଦିନେ ଯୁଗଳ ଲୀଳା ଲାଗିବ ଲୋ ମିତଣୀ' ପାରମ୍ପରିକ ଗୀତଟି ସତ୍ୟପ୍ରିୟ ଦାସଙ୍କ ଦ୍ୱାରା ପରିବେଷିତ ହୋଇ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। କୋଭିଡ ନିୟମ ଅନୁଯାଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଧାକୃଷ୍ଣଙ୍କ ରାହାସ ଦୋଳିଟି ବିଭିନ୍ନ ସୁଗନ୍ଧ ପୁଷ୍ପ ଓ ରଙ୍ଗବେରଙ୍ଗର ଆଲୋକମାଳାରେ ସୁସଜ୍ଜିତ ହୋଇ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା।

## ସାମାଜିକ କର୍ମୀ ବୃନ୍ଦାବନ ଦାସଙ୍କ ବିୟୋଗରେ ଶୋକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚାରିଗାଁ ପଞ୍ଚାୟତର ସାମାଜିକ କର୍ମୀ ଓ ବିଜୁ ଜନତା ଦଳର ଯୁବନେତା ବୃନ୍ଦାବନ ଦାସଙ୍କର ୫୪ବର୍ଷ ବୟସରେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଯାଇଛି। ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା ଅନୁଭବ କାରଣରୁ ତାଙ୍କୁ ପ୍ରଥମେ ଇନ୍ଦୁପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳର ଶୋକର ଛାୟା ଖେଳି ଯାଇଛି। ତାଙ୍କ ବିୟୋଗରେ ବିଧାୟକ ଶଶିଭୂଷଣ ବେହେରା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ଡଃ. ସିପ୍ରା ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା, ଇନ୍ଦୁପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦ ସମ୍ପାଦକ ପ୍ରଣବ କୁମାର ଜେନା, ମହାକାଳପଡା ବିକାଶ ମଞ୍ଚ ସଭାପତି କାଶୀନାଥ ରାଉତରାୟ, କେନ୍ଦ୍ରାପଡା ଜିଲ୍ଲା ସଚେତନ ନାଗରିକ ମଞ୍ଚର ସମ୍ପାଦକ ଇଂ ସୌମ୍ୟରଞ୍ଜନ ବିଶ୍ୱାଳ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

## ଜନଶକ୍ତି ପାର୍ଟି ପକ୍ଷରୁ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ପଞ୍ଚାୟତର ଗିରିମଠ ସନ୍ନିକଟ ଦଳିତ ସାହିରେ ଜନଶକ୍ତି ପାର୍ଟି ପକ୍ଷରୁ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଦଳିତ ସାହିର ଶିଶୁମାନଙ୍କୁ ପାର୍ଟିର ରାଜ୍ୟ ସଭାପତି ଆଇନଜୀବୀ ପ୍ରଦିପ କୁମାର ଦାଶ ମିଷ୍ଟାନ୍ନ ବଣ୍ଟନ କରିବା ସହିତ ସ୍ୱର୍ଗତ ଚୌଧୁରୀଙ୍କ ମଦ ବିରୋଧୀ ଆଇନ, ସାଧୁତା, ସଚୋଟତା, ଦୁର୍ନିତୀ ମୁକ୍ତ ଚିନ୍ତାଧାରା, ସମାଜସେବା ସମ୍ପର୍କରେ ଆଲୋକପାତ କରିବା ସହ ଓଡିଶା ମାଟିର ସୁଯୋଗ୍ୟ ସନ୍ତାନ ସ୍ୱର୍ଗତ ଚୌଧୁରୀଙ୍କ ଆଦର୍ଶରେ ଆଜିର ଯୁବପିଢୀ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୂର୍ଯ୍ୟମଣୀ ପଣ୍ଡା, ଧନେଶ୍ୱର ଦାସ, ସୁଦର୍ଶନ ବେହେରା, ନରୋତ୍ତମ ଜେନା ପ୍ରମୁଖ ଉପସ୍ଥିତ ଥିଲେ।




# ମାଷ୍ଟର ଗିରିଜା ରୋଡ଼ ସେଫ୍‌ଟି ଟ୍ରଷ୍ଟ ଦ୍ୱାରା ଟ୍ରକ ଚାଳକଙ୍କ ପାଇଁ ମଗାଣା ଚକ୍ଷୁ ପରୀକ୍ଷା ଶିବିର

ଭୁବନେଶ୍ୱର,(ପି.ଏନ): ମାଷ୍ଟର ଗିରିଜା ମେମୋରିଆଲ ରୋଡ଼ ସେଫ୍‌ଟି ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ଭୁବନେଶ୍ୱର ମେଶ୍ୱରସ୍ଥିତ ମିନିଟ୍ରକ ମାଲିକ ମହାସଂଘ କାର୍ଯ୍ୟାଳୟରେ କଟକସ୍ଥିତ ଲିଙ୍କ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ରର ମିଳିତ ସହଯୋଗରେ ଟ୍ରକ ଚାଳକ ଓ ସହାୟକମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରକାଶଥାଉକି ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇଥିବା ଏକମାତ୍ର ପୁତ୍ର ଗିରିଜାଙ୍କର ସ୍ମୃତିରେ ମା' ଅମୀୟବାଳା ପରିଡ଼ାଙ୍କ ଦ୍ୱାରା ଗଠିତ ଏହି ଟ୍ରଷ୍ଟ ସଡ଼କ ସୁରକ୍ଷା ଓ ରାସ୍ତା ଦୁର୍ଘଟଣା ରୋକିବା କ୍ଷେତ୍ରରେ ବହୁ ଦୃଷ୍ଟାନ୍ତମୂଳକ, ଜନମଙ୍ଗଳ କାର୍ଯ୍ୟ କରିଆସୁଛି। ଚକ୍ଷୁ ହେଉଛି ମନୁଷ୍ୟର ଅମୂଲ୍ୟ ସମ୍ପଦ। ଟ୍ରକ ଚାଳକ ଓ ସହାୟକମାନଙ୍କର ଦୁର୍ବଳ ଦୃଷ୍ଟିଶକ୍ତି ଯୋଗୁ ଅନେକେ ସମୟରେ ରାସ୍ତରେ ଦୁର୍ଘଟଣା ଘଟିଥାଏ। ଏହି ସମସ୍ୟାକୁ ଦୂର କରିବା ନିମନ୍ତେ ଆୟୋଜିତ ଏହି ମାଗଣା ଚକ୍ଷୁ ଚିକିତ୍ସା ଶିବିରରେ ବିଭିନ୍ନ ଅଂଚଳର ପ୍ରାୟ ୨୩୧ଜଣ ଟ୍ରକ ଚାଳକ ଓ ସହାୟକମାନଙ୍କର ଚକ୍ଷୁ ପରୀକ୍ଷା କରାଯିବା ସହ ସେମାନଙ୍କୁ ମାଗଣାରେ ଚଷମା, ଔଷଧ ଓ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭୁବନଶ୍ୱେର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ଟ୍ରକ ଚାଳକମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରାଫିକ୍ ଡ଼ିସିପି ଶ୍ରୀ ମାୟାଧର ସେଠୀ, ଅତିରିକ୍ତ ଡ଼ିସିପି କିଶୋର ପାଣିଗ୍ରାହୀ, ଭୁବନେଶ୍ୱର ଆଂଚଳିକ ପରିବହନ ଅଧିକାରୀ ଆରଟିଓ-୨ ଶ୍ରୀ ବିର୍ ଅଧିକାରୀ, କଟକ ଆରଟିଓ ଶ୍ରୀ ସଞ୍ଜୟ ବେହେରା, ଚଣ୍ଡୀପ୍ରସାଦ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ଗୌର କିଶୋର ପରିଡ଼ା, ମହିଳା ରୋଟାରୀ କ୍ଲବ ଅଫ ଭୁବନେଶ୍ୱର, ଅଞ୍ଜେଲାର ସଭାପତି ମମତା ବାଜପେୟୀ, ମିନିଟ୍ରକ ମାଲିକ ମହାସଂଘର ସଭାପତି ଗଣେଶ ମାହାରୀ, ଲିଙ୍କ ଚକ୍ଷୁ ଚିକିତ୍ସାଳୟର ସି.ଇ.ଓ ରୋଟାରିୟନ ଆଲୋକ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳତା ତଥା ସୁଦୂରପ୍ରସାରୀ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ସଡ଼କ ସୁରକ୍ଷା ଓ ରାସ୍ତା ଦୁର୍ଘଟଣା କ୍ଷେତ୍ରରେ କାର୍ଯ୍ୟରତ ତଥା ନିଜ କଲମ ମୁନ କିମ୍ବା ବୁମ୍ ଜରିଆରେ କୋଟି କୋଟି ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ନିମନ୍ତେ ସଚେତନତାର ବାର୍ତା ବାଂଟୁଥିବା ରାମଜୀବନ ଗୋଛାୟତ, ଶୁଭକାନ୍ତ ପଢିହାରୀ, ଆଲୋକ କୁମାର ମହାନ୍ତି, ସୁମନ୍ତ ସାମନ୍ତରାୟ, ଅକ୍ଷୟ କୁମାର ଦାସ, ପ୍ରଦୀପ୍ତ କିଶୋର ସ୍ୱାଇଁ, ସରୋଜ କୁମାର ବେହେରା, ନିରୋଦ ରଞ୍ଜନ ପଟ୍ଟନାୟକ ଅରୁଣ ସାହୁ, ତାପସ କୁମାର ପରିଡ଼ା, ଆଲୋକ ଚନ୍ଦ୍ର ବାରିକ, ସମ୍ବିତ କୁମାର ବେହୁରା ଏବଂ ଅନିଲକାନ୍ତ ଦାସ ୧୨ଜଣ ସାମ୍ବାଦିକଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମ ଟ୍ରଷ୍ଟର ସଦସ୍ୟ ଦି ଲିଙ୍କ ଚକ୍ଷୁ ଚିକିତ୍ସାଳୟ, କଟକର ସମସ୍ତ କର୍ମକର୍ତା ତଥା ଟ୍ରକ ମାଲିକ ସଂଘର ସଦସ୍ୟମାନଙ୍କର ସହଯୋଗରେ ସଫଳତାର ସହିତ ସମ୍ପନ୍ନ ହୋଇଥିଲା।

# ସେବାସମିତିକୁ ନୂତନ ଡାକ୍ତରଙ୍କ ଆଗମନକୁ ମୁଖ୍ୟମନ୍ତ୍ରୀ ଓ ଭୁବନେଶ୍ୱର ସାଂସଦଙ୍କୁ ପ୍ରଶଂସା

ଚଣ୍ଡିଖୋଲ, ( ପିଏନ)- ଯାଜପୁର ଜିଲ୍ଲାର ହରିଦାସପୁର ଠାରେ ସେବା ସମିତି ନାମରେ ଏକ ଡାକ୍ତରଖାନାକୁ ୧୯୪୯ ମସିହାରେ ବିଶିଷ୍ଟ ସମାଜସେବିକା ରମ୍ଭାଦେବୀ ସ୍ଥାନୀୟ ଲୋକମାନଙ୍କ ସହଯୋଗରେ ରୋଗୀମାନଙ୍କ ସ୍ୱାସ୍ଥ୍ୟସେବା ପାଇଁ ଖୋଲିଥିଲେ। ରମ୍ଭାଦେବୀଙ୍କ ପ୍ରଚେଷ୍ଟା ଯୋଗୁ ସେଅଞ୍ଚଳର ରୋଗୀମାନେ ଡାକ୍ତରସେବା ପାଇ ଆସୁଥିଲେ। ଉକ୍ତସେବାସମିତିରେ ରୋଗୀମାନଙ୍କ ପାଇଁ ଗୃହ, ଷ୍ଟାଫକ୍ୱାଟର, ଗର୍ଭବତୀ ମହିଳାଙ୍କ ପାଇଁ ଅଲଗା ୱାର୍ଡ ଓ ଉଚ୍ଚ କୋଟିର ଯନ୍ତ୍ରପାତି ମଧ୍ୟ ରଖାଯାଇଥିଲା.ରାଜ୍ୟ ସରକାର ମଧ୍ୟ ବହୁ ବର୍ଷ ପରେ ଜଣେ ଡାକ୍ତରଙ୍କୁ ସେଠାରେ ନିଯୁକ୍ତି ଦେଇଥିଲେ। ରମ୍ଭାଦେବୀଙ୍କ ଦେହାନ୍ତପରେ ସରକାର ଜନସାଧାରଣ ଙ୍କ ଦାବିକୁ ମାନିନେଇ ସେବା-ସମିତିକୁ ନିଜ ଅକ୍ତିଆରକୁ ଆଣିଥିଲେ। ସେଠାରେ ଜଣେ ଡାକ୍ତର, ଫାର୍ମାସିଷ୍ଟ ଓ ଜଣେ ଏନମକୁ ନେଇ ରୋଗୀମାନଙ୍କ ସେବା କରାଯାଉଥିଲା. ସରକାରଙ୍କ ଅବହେଳାରୁ ବହୁ ଗୃହ ଭାଙ୍ଗିରୁଜି ଯାଇଥିବା ବେଳେ କବାଟ ଓ ଝରକାକୁ ଲୋକମାନେ ନେଇଯାଇଥିବା ଦେଖାଯାଇଛ।ଏହା ଏବେ ଏକ ଭୂତକୋଠୀର ଭ୍ରମ ସୃଷ୍ଟିକରୁଛ। ଦୀର୍ଘବର୍ଷ ହେବ ଏଠାରେ ଡାକ୍ତର ମଧ୍ୟ ରହୁନଥିବା ଲକ୍ଷକରାଯାଇଛ। ଏହି ଡାକ୍ତରଖାନା ଉପରେ ହରିଦାସପୁର, ଆରୁହା , ତରଞ୍ଜିଆ, ନେଉଳପୁର ,ସୁନ୍ଦରିଆ ,କଣ୍ଟିଗଡ଼ିଆ ପ୍ରଭୃତି ପଂଚାୟତର ଅଧିବାସୀମାନେ ନିର୍ଭର କରିଥାନ୍ତି.ସେଠାରେ ରୋଗୀସେବା ନମିଳିବାରୁ ରୋଗୀମାନେ ବାଧ୍ୟ ହେଇ ଅଧିକ ଖର୍ଚାନ୍ତରେ ଧର୍ମଶାଳା ନହେଲେ ବଡ଼ଚଣା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁଯାଉଛନ୍ତି.ଏକଦା ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ ଯାଜପୁର ଗସ୍ତ ସମୟରେ କେତେକ ଉଚ୍ଛାହୀ ଯୁବକମାନେ ତାଙ୍କୁ ଭେଟ କରି ସେବା ସମିତିକୁ ଅଗ୍ରାଧିକାର ଭିତିରେ ରୋଗୀମାନଙ୍କ ସେବା ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦେବ ପାଇଁ ଏକ ଦାବୀ ପତ୍ର ଦେଇଥିଲେ. ଦାବୀ ପତ୍ରକୁ ଗ୍ରହଣ କରି ସାଂସଦ ଶ୍ରମତି ଷଡଙ୍ଗୀ ଏ ସମ୍ପର୍କରେ ରାଜ୍ୟସରକାରଙ୍କ ସହ କଥା ହେଇ ଏଠାରେ ଡାକ୍ତର ନିଯୁକ୍ତି ଖୁବ ଶୀଘ୍ର ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ.ଏବେ କିଛିଦିନ ହେବ ସେବା ସମିତିକୁ ନୂତନ ଭାବେ ୨ ଜଣ ଡ଼କ୍ଟର ଅଜିତ ନାୟକ ଓ ଡାକ୍ତର ପ୍ରିୟଙ୍କା ସାହୁ ,ଜଣେ ଫାର୍ମାସିଷ୍ଟ ,୩ ଜଣ ନର୍ଶ ଓ ଅନ୍ୟ କିଛି କର୍ମଚାରୀ ଆସିଛନ୍ତି। ସେବା -ସମିତିକୁ ନୂତନ ଭାବେ ଡାକ୍ତର ଓ ଅନ୍ୟମାନେ ଆସିଥିବାରୁ ସୀତାନାଥ ସ୍ୱାଇଁ , ସରୋଜ ସ୍ୱାଇଁ , ରାଜ୍ୟ ବିଜେପି ସଂଖ୍ୟାଲଘୁ ସେଲର ସମ୍ପାଦକ ଶକେ ଚାନ୍ଦ , ଦଶରଥ ସାମଲ ,ଦେବାଶିଷ କର , ଆଶୁତୋଷ କର ,ଅଭିରାମ ବେହେରା , ମନୋଜ ଜେନା ,ତପନ ଜେନା , ପ୍ରକାଶ ରାଉତ ,ଅନିଲ ନାୟକ , ଦେବେନ୍ଦ୍ର ସାହୁ ,ଅଜିତ ସାମଲ , ସାଗର ସେଠି ,ରାକେଶ ସାହୁ ,ସାର୍ଥକ ସାମଲ ,ରାକେଶ ସାମଲ ,ରାଜତ୍ୱ ଖୁଣ୍ଟିଆ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀଙ୍କ ଭୂୟସୀ ପ୍ରଶଂଶା କରିଛନ୍ତି।

## ନିର୍ମାଣ ଶ୍ରମିକ ସଙ୍ଘର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀଧର ଓଝାଙ୍କ ବିୟୋଗରେ ଶୋକ

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଙ୍ଘର କାର୍ଯ୍ୟକାରୀ ସଭ୍ୟ ତଥା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ତାଳସଙ୍ଗା ପଂଚାୟତର ବରିଷ୍ଠ ନିର୍ମାଣ ଶ୍ରମିକ ଲକ୍ଷ୍ମୀଧର ଓଝାଙ୍କ କଟକ ବଡ ଡାକ୍ତରଖାନାରେ ବିୟୋଗ ହୋଇଯାଇଛି । ତାଙ୍କ ଅକାଳ ବିୟୋଗରେ ସଙ୍ଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ, ନାରାୟଣ ସେଠୀ, ସେକ ରିଆଜୁଦ୍ଦିନ, ଗୋପାଳ ଲେଙ୍କା, ନିତ୍ୟାନନ୍ଦ ସାମଲ, ମହେଶ୍ୱର ନାୟକ, ପ୍ରଦିପ୍ତ ସାମଲ, ମନୋଜ ପରିଡା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହିତ ତାଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଛନ୍ତି ।

ନିର୍ମାଣ ଶ୍ରମିକ ସଙ୍ଘର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀଧର ଓଝାଙ୍କ ବିୟୋଗରେ ଶୋକ

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଙ୍ଘର କାର୍ଯ୍ୟକାରୀ ସଭ୍ୟ ତଥା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ତାଳସଙ୍ଗା ପଂଚାୟତର ବରିଷ୍ଠ ନିର୍ମାଣ ଶ୍ରମିକ ଲକ୍ଷ୍ମୀଧର ଓଝାଙ୍କ କଟକ ବଡ ଡାକ୍ତରଖାନାରେ ବିୟୋଗ ହୋଇଯାଇଛି । ତାଙ୍କ ଅକାଳ ବିୟୋଗରେ ସଙ୍ଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ, ନାରାୟଣ ସେଠୀ, ସେକ ରିଆଜୁଦ୍ଦିନ, ଗୋପାଳ ଲେଙ୍କା, ନିତ୍ୟାନନ୍ଦ ସାମଲ, ମହେଶ୍ୱର ନାୟକ, ପ୍ରଦିପ୍ତ ସାମଲ, ମନୋଜ ପରିଡା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହିତ ତାଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଛନ୍ତି । କଂଗ୍ରେସ ଭବନରେ ପୋଲିସ ବର୍ବରତାର ବିଚାର ବିଭାଗୀୟ ତଦନ୍ତ ଦାବୀ କଲା କଂଗ୍ରେସ ଭୁବନେଶ୍ୱର, ୧୦ ଡିସେମ୍ବର - କଂଗ୍ରେସ ଭବନରେ ପଶି ପୋଲିସ୍ ର କାର୍ଯ୍ୟାନୁଷ୍ଠାନକୁ ଦୃଢ ନିନ୍ଦା କରିଛି ରାଜ୍ୟ କଂଗ୍ରେସ।

# ବିନା ସୂଚନା ଫଳକରେ ନିର୍ମାଣକାର୍ଯ୍ୟକୁ ନେଇ ଅସନ୍ତୋଷ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ସଦର ପ ।ୟତ ଜଗନ୍ନାଥ ଛକ ନିକଟ ଘୋଡାପଡା ଗଳି ରାସ୍ତା କଂକ୍ରିଟ କରଣ କାର୍ଯ୍ୟ ବିନା ସୂଚନା ଫଳକରେ ହୋଇଥିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ଜନସାଧାରଣଙ୍କ ଅବଗତି ନିମନ୍ତେ ଯେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହେଲେ, କାର୍ଯ୍ୟସ୍ଥଳରେ ଏକ ସୂଚନା ଫଳକ ଦେବାର ସରକାରୀ ବ୍ୟବସ୍ଥା ରହିଅଛି। ଉକ୍ତ ଫଳକରେ ସେହି କାର୍ଯ୍ୟ ସମ୍ବନ୍ଧୀୟ ସବିଶେଷ ବିବରଣୀ ରହିବା କଥା । କିନ୍ତୁ ଏଠାରେ ବିଭାଗୀୟ ସରକାରୀ ଅଧିକାରୀ, କର୍ମଚାରୀଙ୍କ ଅବହେଳା ତଥା ମନମୁଖି କାର୍ଯ୍ୟ ଯୋଗୁଁ ସୂଚନା ଫଳକ ଦିଆଯାଇ ନାହିଁ। ଯାହାଫଳରେ ଜନସାଧାରଣ କାର୍ଯ୍ୟ ସମ୍ବନ୍ଧୀୟ କୌଣଷି ସୂଚନା ଜାଣିପାରୁ ନଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଉକ୍ତ କାର୍ଯ୍ୟର ଅଟକଳ ମୂଲ୍ୟ କେତେ, କେତେ ଦୂରତା ପର୍ଯ୍ୟନ୍ତ ନିର୍ମାଣ ହେବ, ତାହା ଜାଣି ପାରୁ ନାହାନ୍ତି। କେଉଁ ଉଦ୍ଦେଶ୍ୟରେ ଏଭଳି ସରକାରୀ ବ୍ୟବସ୍ଥାକୁ ଅବମାନନା କରାଯାଉଛି, ସେନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହା ଠିକାଦାର ପୋଷାନୀତିରେ ଚାଲିଛି ବୋଲି ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି । ନିର୍ମାଣ କାର୍ଯ୍ୟ ନିମ୍ନମାନ ହୋଇଥିବା ନେଇ ପଡାବାସୀ ଅଭିଯୋଗ କରିବାରୁ ସଂପୃକ୍ତ ଠିକାଦାର ପଡାବାସୀଙ୍କ ଉପରେ ଅସନ୍ତୋଷ ଥିବା ସେମାନେ ପ୍ରକାଶ କରନ୍ତି। ଏ ନେଇ ପଡାବାସୀ ସିନାପାଲି ବିଡିଓଙ୍କୁ ଏକ ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିବା ସହ ଏହାର ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ଥାନୀୟ ଉଦ୍ଧବ ମେହେର, କ୍ଷମାନିଧି ମେହେର, ଲିଙ୍ଗରାଜ ମେହେର, ସୂର୍ଯ୍ୟକାନ୍ତୀ ମେହେର, ନିର ମେହେର, ବାସନ୍ତୀ ମେହେର, ପରମେଶ୍ୱର ମେହେର, ସନ୍ତୋଷ ମେହେର, ରଞ୍ଜନ ମେହେର, ନିରାଶ ମେହେର, ବିଲାଶ ମେହେର, ଭୋକରଧନ ମେହେର ପ୍ରମୁଖ ଦାବି କରିଛନ୍ତି। ଏସଂକ୍ରାନ୍ତରେ ସିନାପାଲି ବିଡିଓ ସଦାଶିବ ନାଏକଙ୍କୁ ପଚାରିବାରୁ ଏ ବିଷୟରେ ଅଭିଯୋଗ ହୋଇଛି, ତାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ ।

# ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସକାଶେ ଘରୋଇ ହ୍ୟାଚେରୀକୁ ପ୍ରୋତ୍ସାହିତ କରାଯିବ

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସକାଶେ ଘରୋଇ ହ୍ୟାଚେରୀକୁ ପ୍ରୋତ୍ସାହିତ କରାଯିବ । ଏଥି ସହିତ ପଂଚାୟତ ପୋଖରୀ ଏବଂ ବାୟୋ-ଫ୍ଲକ୍ ଯୋଜନା ସଫଳ ହେଉଥିବା ହେତୁ ଏହାକୁ କ୍ଲଷ୍ଟର ଆପ୍ରୋଚ୍ ଜରିଆରେ କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ଜଳଭଣ୍ଡାରରେ କେଜ୍ ମାଧ୍ୟମରେ ମାଛଚାଷ କରିବାକୁ ଚାଷୀଙ୍କୁ ପ୍ରବର୍ତାଇବା ଏବଂ ଏ କ୍ଷେତ୍ରରେ ଖାଦ୍ୟ ଉତ୍ପାଦନକାରୀ ସଂସ୍ଥାଙ୍କୁ ପ୍ରୋତ୍ସାହିତ କରିବାକୁ ହେବ ବୋଲି କୁହାଯାଇଛି । ତା'ଛଡ଼ା ବାୟୋଫ୍ଲକ୍ ର ବିବିଧିକରଣ କରିବା ନିମନ୍ତେ ମାଛଚାଷୀଙ୍କୁ ସବୁପ୍ରକାର ସହାୟତା ଯୋଗାଇ ଦେବା ଉପରେ ଆଲୋଚନା କରାଯାଇଥିଲା । ସେହିପରି ମାଛ ବିହନ ଉତ୍ପାଦନ କ୍ଷେତ୍ରରେ ବର୍ତମାନ ଯାଏଁ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇନଥିବାବେଳେ ଘରୋଇ ବିହନ ଉତ୍ପାଦନ ସଂସ୍ଥାଗୁଡ଼ିକୁ ଏ ଦିଗରେ ଉତ୍ସାହିତ କରାଯିବ ଏବଂ ଆବଶ୍ୟକ ସ୍ଥଳେ ସରକାରୀ ମାଛ ବିହନ ଉତ୍ପାଦନ ପାଇଁ ଥିବା ହ୍ୟାଚେରୀକୁ ଅନ୍ୟୁନ ୧୦ ବର୍ଷ ପାଇଁ ଲିଜ୍ ସୂତ୍ରରେ ଘରୋଇ ସଂସ୍ଥାକୁ ଦିଆଯିବା ଉପରେ ଆଲୋଚନା କରାଯାଇଥିଲା । ତା'ଛଡ଼ା ମୌସୁମୀ ପୂର୍ବରୁ ଯେପରି ମାଛଚାଷୀ ସହଜ ଏବଂ ସୁଲଭରେ ମାଛମଞ୍ଜି ପାଇପାରିବେ ସେଥିପାଇଁ ଆଗୁଆ ଭାବେ ବିହନ ଉତ୍ପାଦନ ପାଇଁ ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏ କ୍ଷେତ୍ରରେ ଦକ୍ଷିଣପୂର୍ବ ଏସୀୟ ଦେଶଗୁଡ଼ିକର ବୈଷୟିକ ଜ୍ଞାନକୌଶଳର ଉପଯୋଗ ନିମନ୍ତେ ଘରୋଇ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା । ୨୦୨୩-୨୪ ସୁଦ୍ଧା ଯେପରି ଏ କ୍ଷେତ୍ରରେ ଆମେ ଆତ୍ମନିର୍ଭରଶୀଳ ହୋଇପାରିବା ସେ ଦିଗରେ କାମ କରିବାକୁ କୁହାଯାଇଥିଲା । ସମୁଦ୍ର ଓ ଲୁଣି ମାଛ ଉତ୍ପାଦନକୁ ମଧ୍ୟ ଅନୁରୂପ ଭାବରେ ବୃଦ୍ଧି କରାଯିବ । ସେଥିପାଇଁ ୫ଟି ବନ୍ଦରକୁ ବିକଶିତ କରିବା ସହିତ ମତ୍ସ୍ୟ ଅବତରଣ କେନ୍ଦ୍ରଗୁଡ଼ିକୁ ଅତ୍ୟାଧୁନିକ କରାଯିବ । ରାଜ୍ୟର ଉପକୂଳସ୍ଥିତ ୨.୯୨ ଲକ୍ଷ ହେକ୍ଟର ଘରୋଇ ଜମି ଲୁଣି ମାଛଚାଷ ନିମନ୍ତେ ଉପଯୁକ୍ତ ଥିଲେ ହେଁ ଉପକୂଳ ଆକ୍ୱାକଲଚର ଅଥରିଟିର କଟକଣା ପାଇଁ ତାହା ସମ୍ଭବ ହୋଇପାରୁ ନଥିବା ବିଭାଗୀୟ କର୍ତୃପକ୍ଷ ଜଣାଇଥିଲେ । ସେହିପରି ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ରାଜ୍ୟକୁ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବାକୁ ହେବ । କୃତ୍ରିମ ପ୍ରଜନନକୁ ଫଳପ୍ରଦ କରିବା ସହ ସମୟାନୁଯାୟୀ କାର୍ଯ୍ୟକାରୀ କରିବାକୁ କୁହାଯାଇଥିଲା । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାକୁ ଦକ୍ଷତାର ସହ କାର୍ଯ୍ୟକାରୀ କରିବାକୁ ଆପିକଲ୍ ରେ ରହିଥିବା ମାନବସମ୍ବଳ ଅଭାବ ପୂରଣ ପାଇଁ ପ୍ରାଣୀଧନ ସମ୍ବଳ ବିକାଶ ବିଭାଗରୁ ମାନବସମ୍ବଳ ଅଣାଯିବ । ତା'ଛଡ଼ା ଦୀପା ଟିମ୍‌ର ସହାୟତା ନିଆଯିବ ବୋଲି ଧାର୍ଯ୍ୟ କରାଯାଇଛି । ଏହି ବୈଠକରେ ମତ୍ସ୍ୟ ଓ ପ୍ରାଣୀଧନ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଜି. ରଘୁପ୍ରସାଦ, ପ୍ରାଣୀଧନ ଓ ପଶୁ ଚିକିତ୍ସା ବିଭାଗ ନିର୍ଦ୍ଦେଶକ ଡ. ୟେଦୁଲ୍ଲା ବିଜୟ, ପ୍ରାଣୀ ଚିକିତ୍ସା ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଡ. ଲୋକନାଥ ବେହେରା,ଆପିକଲର ପରିଚାଳନା ନିର୍ଦ୍ଦେଶକ ଡ. ପ୍ରଭାତ କୁମାର ରାଉଳ ଓ ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ ।

# କଂଗ୍ରେସ ଭବନରେ ପୋଲିସ ବର୍ବରତାର ବିଚାର ବିଭାଗୀୟ ତଦନ୍ତ ଦାବୀ କଲା କଂଗ୍ରେସ

ଭୁବନେଶ୍ୱର, (ପି.ଏନ): କଂଗ୍ରେସ ଭବନରେ ପଶି ପୋଲିସ୍ ର କାର୍ଯ୍ୟାନୁଷ୍ଠାନକୁ ଦୃଢ ନିନ୍ଦା କରିଛି ରାଜ୍ୟ କଂଗ୍ରେସ। ସମ୍ପୃକ୍ତ ପୋଲିସ୍ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ବିଚାରବିଭାଗୀୟ ତଦନ୍ତ ଦାବି କରିଛି କଂଗ୍ରେସ। ସାମ୍ବାଦିକ ସମ୍ମିଳନୀରେ ପିସିସି ମିଡ଼ିଆ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା, ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ରାଜ୍ୟରେ ଗଣତନ୍ତ୍ର ଭୁଷୁଡ଼ି ପଡ଼ିଛି। ନବୀନ ପଟ୍ଟନାୟକ ଶାସନରେ ନାଗରିକର ସାମ୍ବିଧାନିକ ଅଧିକାର ଅପହରଣ କରାଯାଇଛି। ବିଧି ବ୍ୟବସ୍ଥା ପ୍ରତି ଉପହାସ କରାଯାଉଛି। ପୋଲିସ୍‌କୁ ଦଳୀୟ ବାହିନୀ ଭାବରେ ବ୍ୟବହାର କରି ବିଜେଡ଼ି ସରକାର ବିରୋଧି ଦମନ ଅଭିଯାନ ଆରମ୍ଭ କରିଛି। ମମିତା ମେହେରଙ୍କୁ ନ୍ୟାୟ ଦାବିରେ ଆଜି ରାଜ୍ୟ ଛାତ୍ର କଂଗ୍ରେସ ତରଫରୁ ବିଧାନସଭା ଘେରାଉର ଆହ୍ୱାନ ଦିଆଯାଇଥିଲା ଏବଂ ତଦନୁଯାୟୀ ପ୍ରାୟ ଦଶ ହଜାର ଛାତ୍ର ବନ୍ଧୁମାନେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସି ରାଜଧାନୀ ଠାରେ ସମବେତ ହୋଇଥିଲେ। ଛାତ୍ରମାନେ ଶାନ୍ତିପୂର୍ଣ୍ଣ ଭାବେ ଛାତ୍ର କଂଗ୍ରେସର ଆହ୍ୱାନ ଅନୁସାରେ ବିଧାନସଭା ଘେରାଉ ଉଦ୍ଦେଶ୍ୟରେ ଲୋୟର ପିଏମଜି ରାସ୍ତାରେ ଆଗେଇଥିଲେ।

# କଥାକାର ହାଡ଼ିବନ୍ଧୁ ପାଢ଼ୀଙ୍କର ଗଳ୍ପ ସଂକଳନ 'ତିନି ଅକଥା' ଲୋକାର୍ପିତ



ଭୁବନେଶ୍ୱର,(ପି.ଏନ) : ପୁରୀ ଜିଲ୍ଲାର କଣାସ ଅଞ୍ଚଳର ବିଶିଷ୍ଟ କଥାକାର ହାଡ଼ିବନ୍ଧୁ ପାଢ଼ୀଙ୍କର ଗଳ୍ପ ସଂକଳନ 'ତିନି ଅକଥା'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଇଲେକ୍‌ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଯୁବ ବ୍ୟପାର ଏବଂ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ତାଙ୍କର ଭୁବନେଶ୍ୱରସ୍ଥିତ ବାସଭବନ ପରିସରରେ ଆୟୋଜିତ ଏକ ସାରସ୍ୱତ ସମାବେଶରେ ଶ୍ରୀ ପାଢ଼ୀଙ୍କର ଏହି ପ୍ରଥମ ସୃଜନଶୀଳ କୃତି ପୁସ୍ତକକୁ ଉନ୍ମୋଚନ କରିଛନ୍ତି। ୬୮ବର୍ଷ ବୟସ୍କ ଲେଖକ ଶ୍ରୀ ପାଢ଼ୀ ତାଙ୍କର ଏହି ଅନନ୍ୟ ଓ ଅନବଦ୍ୟ ସୃଷ୍ଟିରେ ବିସ୍ମୃତି ଗର୍ଭରେ ଲୀନ ହେବାକୁ ଯାଉଥିବା ପୌରାଣିକ କିମ୍ବଦନ୍ତୀ ଏବଂ ନୈତିକ ତଥା ମାନବିକ ଗୁଣବତ୍ତା ଆଧାରିତ ୪୫ଟି କାଳଜୟୀ ଲୋକକଥାର ପୁର୍ନଲିଖନକୁ ସାମିଲ କରିଛନ୍ତି। ବିଗତ ଚାରି ଦଶନ୍ଧି ଧରି ଓଡ଼ିଆ ଲୋକକଥା ସାହିତ୍ୟ ଉପରେ ନିରଳସ ଭାବେ ସାଧନାରତ ଥିବା ହାଡ଼ିବନ୍ଧୁ ପାଢ଼ୀ, ଯେଉଁ ସାହିତ୍ୟ ମାନବକୁ କ୍ଷମା ଦେବାକୁ ଶିଖାଏ, ସଂସ୍କାରର ମାର୍ଗ ଦର୍ଶାଏ, ଭଲ ପାଇବା ପାଇଁ ବତାଏ, ନ୍ୟାୟ, ସତ୍ୟ ଓ ଧର୍ମର ମାର୍ଗ ଦେଖାଏ ସେହି ସାହିତ୍ୟ ହିଁ ବାସ୍ତବରେ କାଳଜୟୀ ବୋଲି ଏହି ଅବସରରେ ଦର୍ଶାଇଛନ୍ତି। ପୁସ୍ତକଟିର ଲୋକାର୍ପଣ କରି ମନ୍ତ୍ରୀ ଶ୍ରୀ ବେହେରା, ଶ୍ରୀ ପାଢ଼ୀ ତାଙ୍କ ବହିରେ ଯେଉଁ ବିରଳ ଲୋକପ୍ରିୟ ଲୋକକଥାଗୁଡ଼ିକୁ ସନ୍ନିବେଶିତ କରିଛନ୍ତି ତାହା ଆମର ଯୁବ ଓ ଭବିଷ୍ୟତ ବଂଶଧରମାନଙ୍କ ପାଇଁ ନିଶ୍ଚିତ ଭାବେ ଅଦମ୍ୟ ଆଦର୍ଶ ଓ ଅଫୁରନ୍ତ ପ୍ରେରଣାର ଉତ୍ସ ସ୍ଥାପିତ ହେବ ବୋଲି ଆଶା ପ୍ରକାଶ କରିଥିଲେ। ତେବେ ଏହି ପୁସ୍ତକଟିକୁ ବିଶ୍ୱଭରି ପାଠକମାନଙ୍କ ନିକଟରେ ପହଁଚାଇବା ପାଇଁ ଏହାର ଡିଜିଟାଲ ସଂସ୍କରଣ ପ୍ରକାଶ କରାଯିବାକୁ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ। ସାହିତ୍ୟିକ ସନ୍ତୋଷ କୁମାର ସାହୁଙ୍କର ସମ୍ପାଦନାରେ ମୁଦ୍ରିତ ଏହି ପୁସ୍ତକଟିକୁ ଭୁବନେଶ୍ୱରର ଝାରପଡ଼ାସ୍ଥିତ ଓସେନିକ ପ୍ରକାଶନ ସଂସ୍ଥା ପ୍ରକାଶ କରିଛନ୍ତି। ଲୋକାର୍ପଣ ସମାରୋହରେ ଉପସ୍ଥିତ ଥିବା ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରସିଦ୍ଧ ଐତିହାସିକ ଅନୀଲ ଧୀର, ଯୁବ ନେତା ଅରବିନ୍ଦ କାନୁନ୍‌ଗୋ, ମାନସ ତ୍ରିପାଠୀ, ସାମ୍ବାଦିକ ସନ୍ତୋଷ ସାହୁ ଓ ଶ୍ରୀକାନ୍ତ ପାଟ୍ଟଯୋଶୀ, ଆଇ.ଟି ବିଶେଷଜ୍ଞ ଏବଂ ଲେଖକଙ୍କ ପୁତ୍ର ବିଶ୍ୱରଞ୍ଜନ ପାଢ଼ୀ, ସମାଜସେବୀ ସୁବର୍ଣ୍ଣ କେଶରୀ ବଳିଆରସିଂହ ଓ ଡାକ୍ତର ଲକ୍ଷ୍ମୀଧର ପାଢ଼ୀ ପ୍ରମୁଖ ଅନ୍ତର୍ଭୁକ୍ତ ଥିବା ଜଣାଯାଇଛି।

MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक



Bhubaneswar Sunday December 12, 2021 ଭୁବନେଶ୍ୱର ରବିବାର, ଡିସେମ୍ବର ୧୨,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ପାରାଦୀପ ଆଦର୍ଶ ଥାନାର ନୂତନ ଅଧିକାରୀଙ୍କ ଯୋଗଦାନ



ପାରାଦୀପ,(ପି.ଏନ): ବନ୍ଦର ଓ ଶିଳ୍ପ ସହର ପାରାଦୀପ ଏକ ସ୍ପର୍ଶକାତର ସହର । ଏଠାକାର ବିଭିନ୍ନ ଥାନା ମଧ୍ୟରେ ପାରାଦୀପ ଆଦର୍ଶ ଥାନା ଏକ ଗୁରୁତ୍ୱପୂର୍ଣ୍ଣ ଥାନା । ନିକଟରେ ଜଗତସିଂହପୁର ଜିଲ୍ଲାରେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ କଡାକଡି କରିବା ଉଦ୍ଦେଶ୍ୟରେ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ପୋଲିସ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ବଦଳି କରାଯାଇଛି । ଏହି ପରିପ୍ରେକ୍ଷୀରେ ପାରାଦୀପ ଆଦର୍ଶ ଥାନାରେ ପ୍ରଥମ ମହିଳା ପୋଲିସ ଭାରପ୍ରାପ୍ତ ଅଧିକାରୀ ଭାବେ ଶୁଭଲକ୍ଷ୍ମୀ ପୂଜାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଥିପୂର୍ବରୁ ଶୁଭଲକ୍ଷ୍ମୀ ପୁରୀର ତାଳବଣିଆ ଥାନାର ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ସୂଚନା ଥାଉକି, ଶୁଭଲକ୍ଷ୍ମୀ ପୂଜାରୀ ଜଣେ ଦକ୍ଷ ମହିଳା ପୋଲିସ ଅଧିକାରୀ ଭାବେ ବିଭିନ୍ନ ଥାନାରେ ସଫଳତାର ସହ କାର୍ଯ୍ୟ କରିଛନ୍ତି । ପାରାଦୀପରେ ଟ୍ରାଫିକ୍ ନିୟନ୍ତ୍ରଣ, ଅପରାଧ ନିୟନ୍ତ୍ରଣ, ନିଶା ବେପାର ନିୟନ୍ତ୍ରଣ ସହ ସହରରେ କଡାକଡି ପ୍ୟାଟ୍ରୋଲିଂ ଉପରେ ସେ ଗୁରୁତ୍ୱ ଦେବେ ବୋଲି ଶୁଭଲକ୍ଷ୍ମୀ କହିଛନ୍ତି ।

## ସ୍ୱୟଂ ଶାସନର ନବୀକରଣ ପାଇଁ କେନ୍ଦ୍ରାପଡା କଲେଜ ପୁରାତନ ଛାତ୍ର ସଂସଦର ଆଲୋଚନା

କେନ୍ଦ୍ରାପଡା,(ପି.ଏନ) : କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ସ୍ୱୟଂ ଶାସନର ନବୀକରଣ ପାଇଁ ଆଗାମୀ ୧୭ ଓ ୧୮ ତାରିଖରେ କଲେଜ ପରିଦର୍ଶନ ପାଇଁ ଆସୁଥିବା ୟୁଜିସି ପ୍ରତିନିଧି ମଣ୍ଡଳୀଙ୍କୁ ସ୍ୱାଗତ କରିବା ପାଇଁ ଆଜି ପୁରାତନ ଛାତ୍ର ସଂସଦର ଏକ ପ୍ରସ୍ତୁତି ବୈଠକ ସଂସଦର ସଭାପତି ପ୍ରାଧ୍ୟାପକ ନନ୍ଦକିଶୋର ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଲେଜ ଅଧକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ୟୁଜିସି ପ୍ରତିନିଧି ମଣ୍ଡଳୀର ଗ୍ରସ୍ତ କାର୍ଯ୍ୟକ୍ରମ ତଥା କାର୍ଯ୍ୟସୂଚୀ ସମ୍ପର୍କରେ ଅବଗତ କରାଇଥିଲେ । ଆଗାମୀ ୧୭ ତାରିଖରେ ଆଗନ୍ତୁକ ପ୍ରତିନିଧି ମଣ୍ଡଳୀକୁ ପୁରାତନ ଛାତ୍ରଛାତ୍ରୀମାନେ ଭେଟିବାର କାର୍ଯ୍ୟକ୍ରମ ଥିବାରୁ ସେଦିନ ଅନୁରୂପ କାର୍ଯ୍ୟ ସମ୍ପାଦନ ପାଇଁ ବିଶିଷ୍ଟ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି । ଏଥି ସହିତ ଭବିଷ୍ୟତରେ ନାକ୍ ପରିଦର୍ଶନ ପୂର୍ବରୁ ସଂସଦର କାର୍ଯ୍ୟକ୍ରମକୁ ତ୍ୱରାନିତ୍ୱ କରିବାକୁ ମଧ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହା ସହିତ କଲେଜ ପରିସରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନେକ ସମୟରେ ଅଣଶୈକ୍ଷିକ କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରାଯାଉଥିବାରୁ ତାହା କଲେଜର ଶୈକ୍ଷିକ ପରିବେଶରେ କ୍ଷତି ପହଞ୍ଚାଉଥିବାରୁ ଭବିଷ୍ୟତରେ କଲେଜର ଶୈକ୍ଷିକ କାର୍ଯ୍ୟକ୍ରମ ଓ ପରିସରକୁ ଅକ୍ଷୁର୍ଣ୍ଣ ରଖିବାପାଇଁ ସଭା ପକ୍ଷରୁ ପ୍ରଶାସନକୁ ଅନୁରୋଧ କରାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡ. ସେକ ସମସୁର, ଆଇନଜିବୀ ସରୋଜକାନ୍ତ ସିଂ, ଅଧାପିକା ଜ୍ୟୋତି ମହାପାତ୍ର, ଦୁର୍ଯୋଧନ ପରିଡା, ତପନ କୁମାର ପତି ପ୍ରମୁଖ ଯୋଗ ଦେଇଥିଲେ । ସଂସଦର ଯୁଗ୍ମ ସମ୍ପାଦକ ଡ. ଅମିୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଘଟଣରୁ ଅଳ୍ପକେ ବର୍ତ୍ତିଲେ ବସ୍ ହେଲପର୍

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଜାରକା(କୁମାରୀ ପାଟ) ନିକଟରେ ଆଜି ସକାଳ ୯ଟାରେ ଏକ ନିଶ୍ଚିତ ଅଘଟଣରୁ ବର୍ତ୍ତି ଯାଇଥିଲେ ଜଣେ ବସ୍ ହେଲ୍ପର୍ । ପାଢୀ(ମହାବୀର) ଏକ୍ସପ୍ରେସ୍ ବସ୍ ବାଲେଶ୍ୱରରୁ କଟକ ଯାଉଥିବା ବେଳେ ଜାରକା ନିକଟରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା । ହେଲପର୍ ଭଦ୍ରକ ଜିଲ୍ଲା ଇଛାପୁର ଗ୍ରାମର ଗଣେଶ ଚନ୍ଦ୍ର ଅରଖ(୫୪) ବସ୍ ତଳେ ପଶି ମରାମତି କରୁଥିଲେ । ଏହି ସମୟରେ ବସ୍ ପତି ଓ ଅନ୍ୟ ଯନ୍ତ୍ରାଂଶ ଖସି ପଡିବାରୁ ତାଙ୍କ ମୁଣ୍ଡ ବାହାରି ପାରିନଥିଲା । ଖବର ପାଇ ଜାରକା ବିଟ୍ ହାଉସ୍ ପୁଲିସ୍ ଅଧିକାରୀ ରାଜକିଶୋର ନାୟକ ଘଟଣାସ୍ଥଳରେ ପହଁଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଚଣ୍ଡିଖୋଲ ଦମକଳ ବାହିନୀ ଓ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଗଣେଶଙ୍କୁ ବହୁ କଷ୍ଟରେ ବସ୍ ତଳୁ ଉଦ୍ଧାର କରିଥିଲେ । ସୌଭାଗ୍ୟବଶତ ସେ ସାମାନ୍ୟ ଆହତ ହୋଇଥିଲେ । ପରେ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା ।



## ରାଜ୍ୟ ସ୍ତରୀୟ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଂଟ,କୁମାରବସ୍ତ ରାଇଜିଂ ଷ୍ଟାର ବିଜୟ

ଖୋର୍ଦ୍ଧା, (ପିଏନ):ଖୋର୍ଦ୍ଧା ସଦର ମହକୁମା ନିକଟସ୍ଥ କୁମାରବସ୍ତ ଖେଳ ପଡିଆରେ ଚାଲିଥିବା ରାଜ୍ୟ ସ୍ତରୀୟ ଲୋକନାଥ ଦେବ କ୍ରିକେଟ ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି । ଏହି ଫାଇନାଲ ମ୍ୟାଚଟି ଯାଆଁଳା ବ୍ଲୁ ରକଷ୍ଟାର ଓ କୁମାରବସ୍ତ ରାଇଜିଂ ଷ୍ଟାର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା ।ଏଥିରେ ଯାଆଁଳା ବ୍ଲୁ ରକଷ୍ଟାର କ୍ଲବ ପ୍ରଥମେ ଟସ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୨୧ ରନ ସଂଗ୍ରହ କରିଥିଲା ।ତାର ପ୍ରତି ଜବାବରେ କୁମାରବସ୍ତ ରାଇଜିଂ ଷ୍ଟାର ବିଜୟ ଲକ୍ଷ୍ୟରେ ଉନ୍ନତ ମାନର ଖେଳ ପ୍ରଦର୍ଶନ କରି ନିର୍ଦ୍ଧାରିତ ଓଭରରେ ୧୨୨ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା ।ଖେଳକୁ ଦୁର୍ଯ୍ୟୋଧନ ପରିଡା,ପ୍ରଦୋଷ ବଳିୟାରସିଂହ ଖେଳକୁ ପରିଚାଳନା କରିଥିବା ବେଳ ବିଶ୍ୱ ବିହାରୀ ସ୍ୱାଇଁ ସ୍କୋରର ଭାବେ ସହାୟତା କରିଥିଲେ । ଏ ନେଇ ଆୟୋଜିତ ପୁରସ୍କାର ବିତରଣ ସଭାରେ ବେଗୁନିଆ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି,ଓଡିଶା କ୍ରିକେଟ ଆସୋସିଏସନର କୋଷାଧ୍ୟକ୍ଷ ବିକାଶ ପ୍ରଧାନ,ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ସାମନ୍ତରାୟ,ଚଳଚ୍ଚିତ୍ର ପ୍ରଯୋଜକ ଶଶିକାନ୍ତ ଜେନା, ଓ କ୍ରୀଡା ସଙ୍ଗଠକ ମଳୟେସ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଜେତା ଦଳକୁ ୪୦ ହଜାର ଟଙ୍କା ସହ ସିଲକପ ଓ ଉପ ବିଜେତା ଦଳକୁ ୩୦ ହଜାର ସହ ଟ୍ରଫି ପ୍ରଦାନ କରିଥିଲେ ।

## କୁତରଙ୍ଗ ପଞ୍ଚାୟତ ଜୱାଦ ବାତ୍ୟା ଜନିତ କ୍ଷୟକ୍ଷତିର ଆକଳନ ଓ କ୍ଷତିପୂରଣ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ତହସିଲ ଅନ୍ତର୍ଗତ କୁତରଙ୍ଗ ପଞ୍ଚାୟତର ଖରିଫ୍ ଧାନ ଫସଲ ଓ ପନିପରିବା ଚାଷ ଗତ ଜୱାଦ ବାତ୍ୟା ଜନିତ ଲଗାଣ ବର୍ଷାରେ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ତାହାର ସଠିକ ଆକଳନ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯିବାକୁ କୁତରଙ୍ଗ ସରପଞ୍ଚ ସୀତାସୁନ୍ଦରୀ ମଲ୍ଲିକଙ୍କ ନେତୃତ୍ୱରେ ଚାଷୀମାନେ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ସେହି ପଞ୍ଚାୟତର ବିଲମୁଗବାଡି, ଡିହମୁଗବାଡି, ବିଷ୍ଣୁଦାସପୁର ଓ କୁତରଙ୍ଗ ରାଜସ୍ୱ ଗ୍ରାମର ସମସ୍ତ ଖରିଫ ଧାନ ଫସଲ ଓ ପରିବା ଚାଷ ଜୱାଦ ବାତ୍ୟା ଜନିତ ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ଉଜୁଡି ଯାଇଛି । ଯାହା କିଛି ଫସଲ ବଞ୍ଚିଛି ସେସବୁ ନଷ୍ଟ ହୋଇ ବିଲରେ ଝରି ପଡୁଥିବାରୁ ଅମଳ ହେବାର ଆଉ ସମ୍ଭାବନା ନାହିଁ । ହଜାର ହଜାର ହେକ୍ଟର ଚାଷ ଜମିର ଧାନ ଫସଲ ନଷ୍ଟ ହୋଇଯାଇଥିବାରୁ ଚାଷୀଙ୍କର ବର୍ଷକର ଆହାର ସେମାନେ ସମ୍ପୂର୍ଣ୍ଣ ଭାବେ ହରାଇ ବସିଛନ୍ତି । ତେଣୁ ସେହିସବୁ କ୍ଷୟକ୍ଷତିର ସଠିକ ଆକଳନ କରାଯାଇ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯିବାକୁ ନରୋତ୍ତମ ମଲ୍ଲିକ, ଗୋଲଖ ଜେନା, ରାଜନ ଥାଟୋଇ, ରମେଶ ଚନ୍ଦ୍ର ପରିଡା, ଅଭିମନ୍ୟୁ ମହାନ୍ତି, ଅକ୍ଷୟ କୁମାର ଜେନା, ଦୁଃଶାସନ ମଲିକ, ରଞ୍ଜନ କୁମାର ଜେନାଙ୍କ ସମେତ ଶତାଧିକ ଚାଷୀ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ।

## ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,(ପି.ଏନ); ଆସନ୍ତା ଜାନୁଆରୀ ୨ ତାରିଖରେ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ ଓ ସହୀଦ ସ୍ମୃତିସ୍ତମ୍ଭ ଉଦଘାଟନ ଉତ୍ସବ ଅନୁଷ୍ଠିତ ହେବ । ଏଥିରେ ଓଡିଶା ତଥା ବାହାର ରାଜ୍ୟର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଏବଂ ସ୍ମୃତିସ୍ତମ୍ଭ ନିର୍ମାଣ ପାଇଁ ଆସିଥିବା ସହୀଦ ପୀଠ ମାଟିର ପରିବାର ଓ କର୍ମକର୍ତ୍ତାମାନେ ଯୋଗଦେବେ । ରାମ ଧ୍ୱନୀରୁ କାର୍ଯ୍ୟକ୍ରମ ଆରମ୍ଭ ହେବ । ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ମୃତିସ୍ତମ୍ଭ ଉଦଘାଟନ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ମହାମହିମ ରାଜ୍ୟପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ବେଗୁନିଆ ଥାନା ଅଂଚଳରେ ସଟ୍ଟା ଖେଳ ବୃଦ୍ଧି,ଜନ ସାଧାରଣରେ ଅସନ୍ତୋଷ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅଂଚଳରେ ଦିନକୁ ଦିନ ସଟ୍ଟା ଖେଳ ବୃଦ୍ଧି ପାଉଥିବା ବେଳେ ଯାହାକି ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏହା ଦ୍ୱାରା ଯୁବ ସମାଜ ପଥଭ୍ରଷ୍ଟ ହୋଇ ଅସାମାଜିକ କାର୍ଯ୍ୟକଳାପ ଲିପ୍ତ ରହିବା ସହ ଚୋରୀ,ରାହାଜାନୀ,ଛିନତାଇ ଓ ଡକାୟତି ଭଳି ସମସ୍ୟା ରେଖାଯିବ ବୋଲି ସଚେତନ ନାଗରିକ ମାନେ ଆଶଙ୍କା କରିଛନ୍ତି । ଏହାକୁ ରୋକିବା ଲାଗି ପ୍ରଶାସନ ପକ୍ଷରୁ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି । ଏହି ସଟ୍ଟା ଖେଳ ରାତ୍ରରେ ବେଗୁନିଆ ଥାନା ଅଂଚଳର ଡିଙ୍ଗର ଗ୍ରାମ ନିକଟସ୍ଥ ପଟାସ ବଣିଆ ଜଙ୍ଗଲ ,କୋଲୁହାପାଟଣା-ବଡପଦର ମଧ୍ୟରେ ଥିବା ଛପଟିଆ ବନ୍ଧ ନିକଟରେ,ଏପରିକି ଲୋକମାନଙ୍କର ଦୃଷ୍ଟି ଆଢୁଆଳରେ ବହୁ ସ୍ଥାନରେ ହେଉଥିବାର ଦେଖିବାକୁ ମିଳୁଛି ।

## ପାରାଦୀପ ଏନ୍.ସି.ସି.କ୍ୟାଡେଟ୍‌ମାନଙ୍କ ଦ୍ୱାରା ବେଳାଭୂମି ସଫେଇ

ପାରାଦୀପ ,(ପି.ଏନ): ପାରାଦୀପ ମହାବିଦ୍ୟାଳୟ ଓ ପୋର୍ଟ ଟ୍ରଷ୍ଟ ହାଇସ୍କୁଲର ନାଭାଲ ଏନ୍.ସି.ସି., ମ୍ୟୁନିସିପାଲ ହାଇସ୍କୁଲ ଓ ଇଫକୋ ଡି.ଏ.ଭି.ସ୍କୁଲର ଆର୍ମି ଏନ୍.ସି.ସି.ଙ୍କ ସମେତ ରିଫାଇନାରୀର ଡି.ପି.ଏସ୍.ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶନିବାର ଦିନ ପାରାଦୀପ ସମୁଦ୍ର ବେଳାଭୂମିରେ ପୁନୀତ ସାଗର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସମସ୍ତ ଛାତ୍ରଛାତ୍ରୀମାନେ ପାରାଦୀପ ମହାବିଦ୍ୟାଳୟରେ ପହଂଚିଥିଲେ । ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ସମୁଦ୍ର ବେଳାଭୂମିରେ ପହଂଚିଥିଲେ । ପାରାଦୀପ ମହାବିଦ୍ୟାଳୟର ଏନ.ସି.ସି. ଅଫିସର ଲେଫନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର, ପୋର୍ଟ ଟ୍ରଷ୍ଟ ହାଇସ୍କୁଲର ଏନ.ସି.ସି. ଅଫିସର ପ୍ରଦୀପ କୁମାର ଦାଶ, ମ୍ୟୁନିସିପାଲ ହାଇସ୍କୁଲର ଏନ.ସି.ସି. ଅଫିସର କାଳନ୍ଦୀ ଚନ୍ଦ୍ର ନାଥ,ଏସ୍.ଏସ. ମିଶ୍ର,ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ବେଳାଭୂମି ସଫେଇ ରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ପାରଦୀପ ବନ୍ଦରର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ୍.ସୋଣ୍ଠୀ ଓ ପାରାଦୀପ ମହାବିଦ୍ୟାଳୟର ଅଧକ୍ଷା ଡ.ସସ୍ମିତା ଶତପଥି ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଜି

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜାରକାସ୍ଥିତ ଭେଙ୍କଟେଶ୍ୱର ସ୍କୁଲ୍‌ରେ ଆସନ୍ତାକାଲି ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ସ୍କୁଲ୍ ପରିସରରେ ଆଜି ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ସ୍କୁଲ୍‌ର ଚେୟାରମ୍ୟାନ୍ ଇଂ ତପନ କିଶୋର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଣୟ କିଶୋର ଦାଶ, ସାମ୍ବାଦିକ ପ୍ରଶାନ୍ତ କୁମାର ଗନ୍ତାୟତ, ବିମଳ ଚନ୍ଦ୍ର ପତି ଓ ସୁବାଷ ବୋଷ ଯୁବ ସଙ୍ଗଠନ ସଭାପତି ପବିତ୍ର କୁମାର ବାରିକ ଯୋଗଦେଇ ରକ୍ତଦାନ ଶିବିରର ସଫଳତା ପାଇଁ ବିଭିନ୍ନ ପ୍ରସ୍ତୁତି ସଂପର୍କରେ ଆଲୋଚନା କରିଥିଲେ । ରକ୍ତଦାନ ଶିବିରରେ କିପରି ଅଧିକ ସଂଖ୍ୟାରେ ଯୁବବର୍ଗ, ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଅଭିଭାବକ, କଲେଜ୍ ଛାତ୍ରଛାତ୍ରୀ, ଯୁବ ସଂଗଠକ ଓ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ସାମିଲ୍ ହେବେ ଏନେଇ ସମସ୍ତଙ୍କ ସହିତ ଟେଲିଫୋନ୍ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲା । ଶିକ୍ଷକ ପ୍ରଦୀପ ଦାସ, ଆଲୋକ ସାହୁ, ଜନରନ ପାଢୀ, ସେକ୍ ୟାସିନ୍ ଅଲ୍ଲୀ, ଶିକ୍ଷୟିତ୍ରୀ ସସ୍ମିତା ସେନାପତି, ସନ୍ଧ୍ୟାରାଣୀ ପରିଡ଼ା, ଝୁମ୍ ଜହନ୍, ଦୀପ୍ତିମୟୀ ଓଝା, ଶୋଭା ଯାଦବ, ବିଶ୍ୱରୂପା ନାୟକ, ରୁଲତା ସାହୁ, କାମିନୀ ଦାଶ, ସଂପୂର୍ଣ୍ଣା ରାଉତ, ଦେବୀରୂପା ଗଡନାୟକ ଓ ମୋନାଲିସା ନାୟକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କଟକର ସେଣ୍ଟ୍ରାଲ୍ ରେଡ୍‌କ୍ରସ୍ ବ୍ଲଡ୍ ବ୍ୟାଙ୍କ୍ ପକ୍ଷରୁ ଶିବିରରୁ ରକ୍ତ ସଂଗ୍ରହ କରାଯିବ । ସାମ୍ବାଦିକ ସୀତାକାନ୍ତ ସାମଲ ଶିବିରର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

## ଶିବାନନ୍ଦ ଆଶ୍ରମରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର



କେନ୍ଦ୍ରାପଡ଼ା,(ପି.ଏନ): ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । କଟକ ରୋଟାରୀ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଆୟୋଜିତ ଏହି ଚକ୍ଷୁ ଚିକିତ୍ସା ଶିବିରକୁ ପୂର୍ବତନ କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଆଶ୍ରମର ମୁଖ୍ୟ ମା' ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଶିବିରରେ ଶତାଧିକ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ବିଜେଡି କୃଷକ ସଭାପତି ସୌମେନ୍ଦ୍ର କୁମାର ଦାସ, ନିରଞ୍ଜନ ପଟ୍ଟନାୟକ, ବାବା ନୃସିଂହ ଦାସ, ଶିକ୍ଷୟତ୍ରୀ ରୁଦ୍ରାଣୀ ମହାନ୍ତି, ନିରଞ୍ଜନ ସାହୁ, ସରୋଜକାନ୍ତ ସାହୁ, ଦେବେନ୍ଦ୍ର ସାମନ୍ତ, ନିରଞ୍ଜନ ମେକାପ, ମୃତ୍ୟୁଞ୍ଜୟ ମହାନ୍ତି, ଶ୍ରୀଧର ମହାନ୍ତି, ଶ୍ରୀଧର ରାଉତ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସମାଜସେବୀ ବାସୁଦେବ ତ୍ରିପାଠୀ ରୋଗୀମାନଙ୍କୁ ଫଳ, ବିସ୍କୁଟ ପ୍ରଭୃତି ପ୍ରଦାନ କରିଥିଲେ ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray